# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୧/୨୦୨୦ (୧୨ପୃଷ୍ଠା) | Bhubaneswar, Saturday, November 21/2020 | ★★★★★★

୪୬ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






STORES ONLY at
**Bhubaneswar:** 621, Saheed Nagar, Janpath | **Bhubaneswar:** 309 District Centre, Chandrashekarpur
**Berhampur:** Venkatraju Arcade, Sano Bazar | **Cuttack:** 558/834, Cantonment Road | **Rourkela:** Kesar Bhawan, Main Road
**Jharsuguda:** Sarbahal Road **(Opening Shortly)**

NOWHERE ELSE

Open on All Days
**Toll Free** 1800 3131 777
(10am to 8pm)

Follow us on

ଧରିତ୍ରୀ
DHARITRI
ଶନିବାର, ୨୧ ନଭେମ୍ବର, ୨୦୨୦



ବିବାହ ଏକ ବ୍ୟକ୍ତିଗତ ନିଷ୍ପତ୍ତି, ଯାହା ସ୍ୱାଧୀନତା ଉପରେ ଆଧାରିତ। 'ଲଭ୍ ଜିହାଦ' ଶବ୍ଦ ଭାଜପା ତିଆରି କରି ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏନେଇ ଆଇନ କରି ଦେଶକୁ ବିଭାଜନ ସହ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବାକୁ ଚାହୁଁଛି ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶୁକ୍ରବାର ଟୁଇଟ୍ କରି ପ୍ରକାଶ କରିଛନ୍ତି। ଏଭଳି ଆଇନ ଅସମ୍ବିଧାନିକ ଓ ପ୍ରେମରେ 'ଜିହାଦ'ର ସ୍ଥାନ ନାହିଁ ବୋଲି ସେ ମତ ଦେଇଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ୭ ପିଲାଙ୍କ ସମେତ ୧୪ ମୃତ


ଲକ୍ଷ୍ନୌ, ୨୦।୧୧: ଲକ୍ଷ୍ନୌ-ଆଲ୍ଲାହାବାଦ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ କାର୍ ଧକ୍କାଦେବାରୁ ୭ ପିଲାଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ନବାବଗଞ୍ଜ ଅଞ୍ଚଳରେ ଏକ ବିବାହ ଉତ୍ସବରେ ଯୋଗଦେଇ ଗୁରୁବାର ବିଳମ୍ବିତ ରାତିରେ ଫେରୁଥିବାବେଳେ ପ୍ରତାପଗଡ଼ ଜିଲା ମହକୁମାଠାରୁ ୭୦ କି.ମି. ଦୂରରେ ଦୁର୍ଘଟଣା ଘଟିଥିଲା। ଟ୍ରକ୍ ତଳେ ପଶିଯାଇଥିବା ଏସ୍‌ୟୁଭିକୁ ବାହାର କରିବା ଲାଗି ଜେସିବି ମେଶିନ୍ ବ୍ୟବହାର କରାଯାଇଥିଲା।

### ଦିଲ୍ଲୀ ବାହାରେ ରହିବାକୁ ସୋନିଆଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୨୦।୧୧(ପି.ଟି.): ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାରୁ ଦୀର୍ଘଦିନ ହେଲା ଛାତି ସଂକ୍ରମଣ ଥିବା କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ରାଜଧାନୀ ବାହାରେ ରହିବା ଲାଗି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ସେ କିଛିଦିନ ପାଇଁ ଗୋଆ କିମ୍ବା ଚେନ୍ନାଇରେ ରହିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ତାଙ୍କ ସହ ରାହୁଲ କିମ୍ବା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯାଇପାରନ୍ତି। ବାୟୁ ପ୍ରଦୂଷଣ ଯୋଗୁ ସୋନିଆଙ୍କ ଆଜ୍‌ମା ବଢ଼ିଯାଇଛି।

### ଅଲ୍ କାଏଦା ମୁଖ୍ୟ ଅଲ୍ ଜୱାହରି ମୃତ

କାବୁଲ, ୨୦।୧୧: ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦାର ମୁଖ୍ୟ ଅଲ୍ ଜୱାହରି ଆଫଗାନିସ୍ତାନରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଆରବ ନ୍ୟୁଜ୍‌ରେ ଏଭଳି ଖବର ପ୍ରକାଶ ପାଇଛି। ଗଜ୍‌ନିରେ ସେ ଆଜ୍‌ମା ଯୋଗୁ କଷ୍ଟ ସହି ନ ପାରି ମାସେ ହେବ ପ୍ରାଣ ହରାଇଥିବା ରିପୋର୍ଟରେ କୁହାଯାଇଛି। ଓସାମା ବିନ୍ ଲାଡେନ୍‌ଙ୍କ ମୃତ୍ୟୁ ପରେ ଜୱାହରି ଅଲ୍ କାଏଦାର ନେତୃତ୍ୱ ନେଇଥିଲେ। ତାଙ୍କ ମୃତ୍ୟୁ ସମ୍ପର୍କରେ ଅଲ୍ କାଏଦା ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଆମେରିକାର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ସେ ରହିଆସିଛନ୍ତି। ତାଙ୍କ ମୁଣ୍ଡ ଲାଗି ୨୫ ନିୟୁତ ଡଲାର ଆମେରିକା ସରକାର ଘୋଷଣା କରିଛନ୍ତି।



### ଷ୍ଟାଲିନଙ୍କ ପୁଅ ଅଟକ

ନାଗପଟ୍ଟିନମ୍,୨୦।୧୧(ପି.ଟି.): ତାମିଲନାଡୁରେ ଏଆଇଏଡିଏମ୍‌କେର କୁଶାସନ ବିରୋଧରେ ସଭା କରୁଥିବାବେଳେ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କୁ ପୋଲିସ ଅଟକ ରଖିବା ପରେ ଛାଡ଼ିଦେଇଛି। ୨୦୨୧ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଡିଏମ୍‌କେ ଯୁବ ଶାଖା ସମ୍ପାଦକ ଉଦୟନିଧି ଶୁକ୍ରବାର ୭୫ ଦିନିଆ ପ୍ରଚାରରେ ବାହାରିଥିଲେ। ଉଦୟନିଧି ଡିଏମ୍‌କେ ପ୍ରତିଷ୍ଠାତା ଏମ୍. କରୁଣାନିଧିଙ୍କ ଜନ୍ମସ୍ଥାନ ଥୁରୁକ୍କୁଭଲିରୁ ବାହାରିଥିବାବେଳେ କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ତାଙ୍କୁ ଅଟକ ରଖିଥିଲା।



# ସୀମାରେ ବଳ ବଢ଼ାଉଛି ଚାଇନା

ନୂଆଦିଲ୍ଲୀ, ୨୦।୧୧



ଲଦାଖକୁ ବିଶ୍ୱ ନଜରରେ ରଖି ଚାଇନା ଗୋପନରେ କେନ୍ଦ୍ରୀୟ, ସିକିମ୍ ଓ ପୂର୍ବ ସେକ୍ଟରରେ ବୃହତ୍ ସାମରିକ ଭିତ୍ତିଭୂମିର ବିକାଶ କରିବା ସହିତ ମିସାଇଲ୍ ମୁତୟନ ସ୍ଥଳଗୁଡ଼ିକର ସୁଦୃଢ଼ୀକରଣ କରିଛି। କେବଳ ସେତିକି ନୁହେଁ, ଏହା ମାନବବିହୀନ ଏରିଏଲ୍ ଯାନ ସଂଖ୍ୟା ବଢ଼ାଇଥିବାବେଳେ ତିବ୍ବତରେ ଏୟାରବେସ୍‌ର ସମ୍ପ୍ରସାରଣ କରିଛି।

ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅଞ୍ଚଳରେ ଚାଇନା ସୈନ୍ୟ ଅନୁପ୍ରବେଶ କରି ଭାରତୀୟ ଯବାନଙ୍କ ସହ ଦୀର୍ଘଦିନ ହେଲା ମୁହାଁମୁହିଁ ସ୍ଥିତିରେ ରହିଥିବାବେଳେ ଏହାକୁ ନେଇ ଉତ୍ତେଜନା ଲାଗିରହିଛି। ପୂର୍ବ ଲଦାଖରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ସୈନ୍ୟ ସଂଖ୍ୟା ବଢୁଥିବାରୁ ସଂଘର୍ଷ ସ୍ଥଳରେ ପୂର୍ବ ସ୍ଥିତାବସ୍ଥା ଫେରିବା ଆଶା କ୍ଷୀଣ। ଗତ କିଛିମାସ ହେଲା ପିଏଲ୍ଏ କେନ୍ଦ୍ରୀୟ ସେକ୍ଟରର କୌରିକ୍ ପାସ୍ ଅପରପାର୍ଶ୍ୱରେ ଥିବା ଚୁରୁପ୍ ଗ୍ରାମରେ ରାସ୍ତା ନିର୍ମାଣ ଜାରି ରଖିଛି। ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ ଯାଇଥିବା ଏଲ୍ଏସିଠାରୁ ମାତ୍ର ୪ କିମି ଦୂରରେ ତୁନଜୁମ୍ ଲା'ଠାରେ ବେଜିଂ ନୂଆ କଣ୍ଟେନର ଗୃହ ରଖିଛି। ସେହିପରି ଡେମ୍‌ଚୋକ୍ ଏଲ୍ଏସିଠାରୁ ୮୨ କିଲୋମିଟର ଦୂରରେ ଥିବା ଶିକୁଆନ୍ ଗାରିସନ ଡିପୋ ଏବେ ଚାଇନା ସୈନ୍ୟ ଓ ଭାରୀ ଉପକରଣ ଗଚ୍ଛିତ ରଖିବାର କେନ୍ଦ୍ରସ୍ଥଳ ପାଲଟିଛି।

**■କେନ୍ଦ୍ରୀୟ, ସିକିମ୍, ପୂର୍ବ ସେକ୍ଟରରେ ସାମରିକ ଭିତ୍ତିଭୂମି ସୁଦୃଢ଼ କରୁଛି ପିଏଲ୍ଏ**

ପୂର୍ବ ସେକ୍ଟରରେ ମଧ ସମାନ ସ୍ଥିତି। ଅରୁଣାଚଳ ପ୍ରଦେଶ ସୀମାଠାରୁ ୬୦ କିମି ଦୂର ନ୍ୟାଙ୍ଗ୍‌ଲୁରେ ଥିବା ୧୯୬୨ ଯୁଦ୍ଧ ସମୟର ପିଏଲ୍ଏ କ୍ୟାମ୍ପରେ ଚାଇନା ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ମୁତୟନ କରିଛି। ସେଠାରେ ୪ଟି କାଉଣ୍ଟର ସ୍ପେସ୍ ଜାମର ରହିଛି, ଯାହା ଉକ୍ତ ଅଞ୍ଚଳକୁ ଭାରତର ଜିସାଟ୍ ଓ ଅନ୍ୟ ବ୍ୟବସାୟିକ ସାଟେଲାଇଟ୍‌ର ଦୃଷ୍ଟି ଆଢୁଆଳରେ ରଖିଛି। ଯେଉଁଠାରେ ଚାଇନା ପୁଣିଥରେ ସୈନ୍ୟ ନିୟୋଜିତ କରିବା ସହ ବୁମ୍ ଲା'ରେ ସର୍ଭିଲାନ୍ସ ବଢ଼ାଇଛି। ଟାଙ୍ଗମୁରେ ଯୋଗାଯୋଗ ଟାୱାର ସ୍ଥାପନ ସହ ୩,୪୮୮ କିଲୋମିଟର ଦୀର୍ଘ ଏଲ୍ଏସିରେ ଚାଇନା ଏହାର ଗୋଇନ୍ଦା କାର୍ଯ୍ୟକୁ ବଢ଼ାଇଦେଇଛି। ଏଲ୍ଏସିର ପଶ୍ଚିମ ସେକ୍ଟରଠାରୁ ୪୭୫ କିଲୋମିଟର ଦୂର କଶଗର ଏୟାରବେସ୍‌ରେ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ମୁତୟନ ଥିବାବେଳେ ସେଠାରେ ନୂଆ ଟ୍ରାନ୍ସପୋର୍ଟର ଇରେକ୍ଟର ଲଞ୍ଚର ସ୍ଥାପନ କରାଯାଇଛି। କଶଗର ଓ ହୋଟନ ବେସ୍‌ରେ ବୃହତ୍ ପରିବହନ ବିମାନ ରଖାଯାଇଥିବା ଜଣେ ଭାରତୀୟ ସେନା କମାଣ୍ଡର ସୂଚନା ଦେଇଛନ୍ତି।

# ଚାଇନା ଋଣ ଜାଲରେ ମାଳଦ୍ୱୀପ

ନୂଆଦିଲ୍ଲୀ, ୨୦।୧୧

**'ଜେଜେମା'ଙ୍କ ଗହଣା ବିକିଲେ ବି ପରିଶୋଧ କରିପାରିବାନି'**



ମହମ୍ମଦ ନଶିଦ

ମାଳଦ୍ୱୀପ ଏବେ ଚାଇନା ଋଣ ଜାଲରେ ଛନ୍ଦି ହୋଇ ପଡ଼ିଛି। ଆମେ ଆମ ଜେଜେମା'ମାନଙ୍କର ଗହଣା ବିକିଲେ ମଧ ତାହାକୁ ପରିଶୋଧ କରିପାରିବା ନାହିଁ ବୋଲି ଦେଶର ପୂର୍ବତନ ରାଷ୍ଟ୍ରପତି ତଥା ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ନଶିଦ୍ କହିବା ସହ ବେଜିଂକୁ ସମାଲୋଚନା କରିଛନ୍ତି। ଏହି ଦ୍ୱୀପଦେଶ ଉପରେ ୩୫୦ କୋଟି ଡଲାର ଚାଇନା ଋଣର ବୋଝ। ଦେଶର ବାର୍ଷିକ ବଜେଟ ଚୂଡ଼ାନ୍ତ କରିବା ଅବସରରେ ନଶିଦ ଏହା କହିଛନ୍ତି। ୨୦୨୧ ବର୍ଷରେ ସରକାରୀ ରାଜସ୍ୱର ୫୩ ପ୍ରତିଶତ ଋଣ ପରିଶୋଧରେ ବିନିଯୋଗ ହେବାକୁ ଥିବାବେଳେ ସେଥିରୁ ୮୦ ପ୍ରତିଶତରୁ ଅଧିକ କେବଳ ଚାଇନାକୁ ପୈଠ କରାଯିବ। ଚାଇନା ସରକାରଙ୍କଠାରୁ ସିଧାସଳଖ ଋଣ ଆସିଥିବାବେଳେ ସୋଭରେନ୍ ଗ୍ୟାରେଣ୍ଟି ଜରିଆରେ ସରକାର ଘରୋଇ ଋଣ ଆଣିଛନ୍ତି। ବେଜିଂର ଋଣ କୂଟନୀତିରେ ବିଭିନ୍ନ ଦେଶ ସେମାନଙ୍କର ସାର୍ବଭୌମତ୍ୱ ହରାଇବାକୁ ବାଧ ହେଉଛନ୍ତି। ଏନେଇ ଗତ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଡୋଶୀ ଦେଶଗୁଡ଼ିକୁ ସତର୍କ କରାଇ ଦେଇଥିଲେ।

# କପ୍ପାନଙ୍କୁ ଭେଟିବା ଲାଗି ଓକିଲଙ୍କୁ ଅନୁମତି

ନୂଆଦିଲ୍ଲୀ, ୨୦।୧୧

**ଜାତିଭେଦ ଓ ବିଶୃଙ୍ଖଳା ସୃଷ୍ଟି ଲାଗି ହାଥ୍‌ରସ ଯାଉଥିଲେ: ୟୁପି ସରକାର**



ସିଦ୍ଦିକ୍ କପ୍ପାନ

ୟୁଏପିଏ ଆଇନ ବଳରେ ଗିରଫ ହୋଇ ଉତ୍ତରପ୍ରଦେଶର ଏକ ଜେଲରେ ଥିବା କେରଳ ଖବରଦାତା ସିଦ୍ଦିକ୍ କପ୍ପାନଙ୍କୁ ଭେଟିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଆଇନଜୀବୀଙ୍କୁ ଅନୁମତି ଦେଇଛନ୍ତି। ଜାମିନ ପାଇବା ପାଇଁ ତାଙ୍କ ସ୍ୱାକ୍ଷରର ଆବଶ୍ୟକତା ଥିଲା। ଉତ୍ତରପ୍ରଦେଶ ସରକାରଙ୍କର ଆପତ୍ତି ନ ଥିବାରୁ ଅଭିଯୁକ୍ତଙ୍କୁ ଭେଟିବା ଲାଗି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଅନୁମତି ଦେଇଛନ୍ତି।

ଏହା ପୂର୍ବରୁ ୟୁପି ସରକାର ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଜଣାଇଥିଲେ, କପ୍ପାନଙ୍କୁ ବେଆଇନ ଭାବେ ହାଜତରେ ରଖାଯାଇ ନାହିଁ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖାଯାଇଛି। ରାଜ୍ୟ ସରକାର ଆହୁରି କହିଛନ୍ତି, କପ୍ପାନ ହେଉଛନ୍ତି ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆର ଅଫିସ ସମ୍ପାଦକ। ସେ କେରଳ ଖବରକାଗଜ 'ତେଜସ୍'ର ପରିଚୟପତ୍ର ଦେଖାଇ ନିଜକୁ ସାମ୍ବାଦିକ ବୋଲାଉଥିଲେ। ଉକ୍ତ ଖବରକାଗଜ ୨୦୧୮ରୁ ବନ୍ଦ ହୋଇଯାଇଛି। କପ୍ପାନ ଜାତିଭେଦ ସୃଷ୍ଟି କରିବା ସହ ଜିଲାରେ ଆଇନଶୃଙ୍ଖଳା ସ୍ଥିତି ଉପୁଯାଇବା ପାଇଁ ହାଥ୍‌ରସ ଯାଉଥିଲେ ବୋଲି ୟୁପି ସରକାର ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ହାଥ୍‌ରସରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଖବର ସଂଗ୍ରହ ଲାଗି କପ୍ପାନ ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।

# ନେତାଙ୍କୁ ଚିଠିରେ ଭୂତାଣୁ ପଠାଯାଇପାରେ

ନୂଆଦିଲ୍ଲୀ,୨୦।୧୧

ମହାମାରୀ କରୋନା ସାରା ବିଶ୍ୱକୁ କବଳିତ କରି ବିପର୍ଯ୍ୟୟ ଆଣିଥିବାବେଳେ ଶୁକ୍ରବାର ଏହି ଘାତକ ଭାଇରସ୍ ସମ୍ପର୍କିତ ଆଉ ଏକ ଆସନ୍ନ ବିପଦକୁ ନେଇ ଇଣ୍ଟରନ୍ୟାଶନାଲ ପୋଲିସ ଅର୍ଗାନାଇଜେଶନ ବା ଇଣ୍ଟରପୋଲ ସତର୍କ କରାଇଛି। ଅପରାଧୀମାନେ ଭାରତ ସମେତ ଅନେକ ଦେଶର ନେତାଙ୍କୁ ଏହି ଭାଇରସ୍ ଜରିଆରେ ଟାର୍ଗେଟ କରିପାରନ୍ତି। ରାଜନେତା ଏବଂ ଅନ୍ୟମାନଙ୍କ ନିକଟକୁ କୋଭିଡ୍ ସଂକ୍ରମିତ ଚିଠି ପଠାଯିବା ଆଶଙ୍କା ରହିଛି ବୋଲି ୧୯୪ ସଦସ୍ୟ ରାଷ୍ଟ୍ରକୁ ଇଣ୍ଟରପୋଲ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌ରେ ଚେତାଇ ଦିଆଯାଇଛି। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ଉତ୍ତେଜିତ କରିବା ଲାଗି କେତେକ ଲୋକ ସେମାନଙ୍କ ମୁହଁରେ ଛେପ ପକାଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ସେବା ପ୍ରଦାନକାରୀ ସମ୍ପୃକ୍ତ ଅଧିକାରୀମାନେ କୋଭିଡ୍-୧୯ରେ ସଂକ୍ରମିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟ କେତେକ ସ୍ଥାନରେ ମଧ ଲୋକେ ଏପରି କରୁଥିବା ରିପୋର୍ଟ ଆସିଛି। ସେହିପରି କେତେଜଣ ନେତାଙ୍କ ନିକଟକୁ ଧମକପୂର୍ଣ୍ଣ ଚିଠି ଆସିଛି, ଯେଉଁଥିରେ କରୋନା ଭୂତାଣୁ ରହିଛି। ଅନ୍ୟମାନଙ୍କ ପାଖକୁ ମଧ ଅନୁରୂପ ପତ୍ର ପଠାଯାଇପାରେ। ତେବେ କେଉଁ ରାଜନେତାମାନଙ୍କ ନିକଟକୁ ଏପରି ଚିଠି ଯାଇଛି ସେନେଇ ଏହି ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। କେତେଜଣ ବ୍ୟକ୍ତି କଟକଣାକୁ ନ ମାନି ଜାଣିଶୁଣି କୋଭିଡ୍-୧୯ ପ୍ରଭାବିତ ଅଞ୍ଚଳରୁ ଅଣପ୍ରଭାବିତ ଅଞ୍ଚଳକୁ ଯାଉଛନ୍ତି। ପୋଷ୍ଟାଲ୍ ଓ ଫ୍ରଣ୍ଟ-ଡେସ୍କ ସେବାଗୁଡ଼ିକୁ ଜୈବିକ ବିପଦ ସମ୍ପର୍କରେ ଅବଗତ କରାଯିବା ଉଚିତ। ସନ୍ଦିଗ୍ଧ ପ୍ୟାକେଟଗୁଡ଼ିକୁ ପଠାଇବା ବେଳେ ନିୟମିତ ସୁରକ୍ଷାତ୍ମକ ଉପାୟ ଅବଲମ୍ବନ ଜରୁରୀ ବୋଲି ଏଥିରେ କୁହାଯାଇଛି। ଅପରାଧୀମାନେ ସେମାନଙ୍କ କଳାଧନକୁ ବୈଧ କରିବା ପାଇଁ କାରବାରରେ ସ୍ୱାସ୍ଥ୍ୟ ଉପକରଣ ପଠାଉଥିବା ଇଣ୍ଟରପୋଲ କହିଛି।

INTERPOL

**୧୯୪ ଦେଶକୁ ସତର୍କ କରାଇଲା ଇଣ୍ଟରପୋଲ୍**

## ଗିରୀଶ ମୁର୍ମୁ ଆଇପିୟୁ ଏକ୍ସଟରନାଲ ଅଡିଟର ନିର୍ବାଚିତ

ନୂଆଦିଲ୍ଲୀ, ୨୦।୧୧



ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ ଜେନେଭାସ୍ଥିତ ଇଣ୍ଟରପାର୍ଲାମେଣ୍ଟାରୀ ୟୁନିୟନ (ଆଇପିୟୁ)ର ଏକ୍ସଟରନାଲ ଅଡିଟର ନିର୍ବାଚିତ ହୋଇଛନ୍ତି। ଓଡ଼ିଶାରେ ଜନ୍ମିତ ୧୯୮୫ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ଉକ୍ତ ପଦରେ ୩ ବର୍ଷ ରହିବେ। ସେ ଖୁବ୍‌ଶୀଘ୍ର ସ୍ୱିଜରଲାଣ୍ଡର ସୁପ୍ରିମ ଅଡିଟ୍ ଇନ୍‌ଷ୍ଟିଚ୍ୟୁଟରୁ ଦାୟିତ୍ୱ ଗ୍ରହଣ କରିବେ। ଆଇପିୟୁର ୨୮୪ତମ ଅଧିବେଶନର ଭର୍ଚୁଆଲ ବୈଠକରେ ତାଙ୍କୁ ନିର୍ବାଚିତ କରାଯାଇଛି। ଆଇପିୟୁ ହେଉଛି ୧୭୯ ଦେଶ ସଦସ୍ୟ ଥିବା ସଂସଦୀୟ ସଂସ୍ଥା। ଏଥିରେ ୧୩ ସହଯୋଗୀ ସଦସ୍ୟ ଅଛନ୍ତି।

# 'ଗୋଆ' ସହ ଟାଟାଙ୍କ ଫଟୋ ଭାଇରାଲ



ନୂଆଦିଲ୍ଲୀ, ୨୦।୧୧

ଟାଟା ଗ୍ରୁପ୍ ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ଶିଳ୍ପପତି ରତନ୍ ଟାଟା ଗତ ଦୀପାବଳି ପର୍ବ ଅଫିସ୍ ଡଗ୍ 'ଗୋଆ' ସହ ପାଳିଥିଲେ। ଏହାର ଏକ ଫଟୋ ସେ ନିଜ ଇନ୍‌ଷ୍ଟାଗ୍ରାମରେ ଛାଡ଼ିଥିଲେ। ଏହି ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ସହ ୩ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ପହଞ୍ଚିଛି। ପ୍ରାୟ ୧୦ ଲକ୍ଷ ଲାଇକ୍ ଏହାକୁ ମିଳିଛି। ଏହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଥିଲେ। କୁକୁରଟିର ନାମ କାହିଁକି ଗୋଆ ରଖାଗଲା ବୋଲି ବିଭିନ୍ନ ପ୍ରଶ୍ନ ମଧ ପଚରାଗଲା। ପରେ ପଶୁପ୍ରେମୀ ଟାଟା ଏହି ଅଫିସ୍ ଡଗ୍‌ର ନାମ କାହିଁକି ଗୋଆ ରଖିଥିଲେ, ତାହା ଜଣାଇଛନ୍ତି। ଗୋଆରେ ସେ ନିଜ ସହଯୋଗୀଙ୍କ କାର୍‌ରେ ଏହି କୁକୁରକୁ ପଥଭ୍ରଷ୍ଟ ହେବାର ଦେଖିଥିଲେ। ପରେ ଏହାକୁ ବମ୍ବେ ହାଉସ୍‌କୁ ଅଣାଯାଇଥିଲା। ସେବେଠାରୁ ଏହାର ନାମ 'ଗୋଆ' ରହିଥିବା ଟାଟା କହିଛନ୍ତି। ଏବେ ଗୋଆ ଟାଟାଙ୍କ ସବୁଠାରୁ ପ୍ରିୟ ଓ ଅଫିସ୍ ସାଥୀ ଭାବେ ଜଣାଶୁଣା।

# ଡବ୍ଲ୍ୟୁଏଚ୍ଓରେ ଯୋଗଦେବ ଆମେରିକା



**ଚାଇନାକୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ହେବ: ଜୋ ବାଇଡେନ୍**

**ୱାଶିଂଟନ, ୨୦।୧୧:** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ରେ ଆମେରିକା ପୁନର୍ବାର ଯୋଗଦେବ ବୋଲି ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଚାଇନା ଯେପରି ନିୟମ ଅନୁଯାୟୀ କାର୍ଯ୍ୟ କରିବ ସେଥିପାଇଁ ବ୍ୟବସ୍ଥା କରିବାକୁ ସେ ଚାହାନ୍ତି ବୋଲି କହିଛନ୍ତି। ଚାଇନାରେ କରୋନା ମହାମାରୀ ବ୍ୟାପିଥିଲେ ମଧ ଏ ସମ୍ପର୍କିତ ସୂଚନା ବିଶ୍ୱକୁ ଦେବାରେ ବିଫଳ ହୋଇଥିବା ଡବ୍ଲ୍ୟୁଏଚ୍ଓରୁ ଆମେରିକା ଓହରିଯିବ ବୋଲି ଗତ ଏପ୍ରିଲ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ।

ଚାଇନାକୁ ଦଣ୍ଡ ଦେବା ବଡ଼ କଥା ନୁହେଁ, ନିୟମ ଅନୁଯାୟୀ କାର୍ଯ୍ୟ କରିବା ସମ୍ପର୍କରେ ବେଜିଂ ଯେପରି ବୁଝିବ ତାହା ସୁନିଶ୍ଚିତ କରିବାକୁ ହେବ ବୋଲି ବାଇଡେନ୍ କହିଛନ୍ତି। ସେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦିନରେ ଆମେରିକା ଡବ୍ଲ୍ୟୁଏଚ୍ଓରେ ସାମିଲ ହେବ। ତେବେ ଉକ୍ତ ସଂଗଠନରେ ସଂସ୍କାର ଆବଶ୍ୟକ ବୋଲି ବାଇଡେନ୍ ମତ ଦେଇଛନ୍ତି।

# ୨୬/୧୧ ବର୍ଷ ପୂର୍ତ୍ତିରେ ବଡ଼ ଆକ୍ରମଣ ଯୋଜନା କରିଥିଲା ଜୈଶ

ନୂଆଦିଲ୍ଲୀ, ୨୦।୧୧(ପି.ଟି.)

**ସମୀକ୍ଷା ବୈଠକ କଲେ ପ୍ରଧାନମନ୍ତ୍ରୀ**



ଜମ୍ମୁ-କଶ୍ମୀରରେ ହେବାକୁ ଯାଉଥିବା ଜିଲା ଉନ୍ନୟନ ପରିଷଦ (ଡିଡିସି) ନିର୍ବାଚନ ବେଳେ ବଡ଼ ଧରଣର ଆକ୍ରମଣ ପାଇଁ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନ ଯୋଜନା ରଖିଥିଲା। ଗୁରୁବାର ୪ ଜୈଶ ଆତଙ୍କବାଦୀ ଏକ ଟ୍ରକ୍‌ରେ ଯାଉଥିଲାବେଳେ ସୁରକ୍ଷାବଳର ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିଲେ। ଫଳରେ ଏକ ବଡ଼ ବିପଦ ଟଳିପାରିଛି। ଆଗକୁ ୨୬/୧୧ ମୁମ୍ବାଇ ଆକ୍ରମଣର ବର୍ଷପୂର୍ତ୍ତି ଥିବାରୁ ବଡ଼ ଆକ୍ରମଣ ଯୋଜନା ହୋଇଥିଲା ବୋଲି ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦେଶର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ, ବହିର୍ବ୍ୟାପାର ସଚିବ ଓ ଗୋଇନ୍ଦା ଅଧିକାରୀମାନେ ଉପସ୍ଥିତ ଥିଲେ। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ନଗ୍ରୋଟା ନିକଟରେ ଗୁରୁବାର ସକାଳେ ୩ ଘଣ୍ଟା ଧରି ହୋଇଥିବା ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହେବା ସହ ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଉକ୍ତ ଟ୍ରକ୍‌ରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବଳକୁ ପ୍ରଶଂସା କରିଛନ୍ତି।

# ଆକ୍ରାନ୍ତଙ୍କ ସଂଖ୍ୟା ୯୦ ଲକ୍ଷ ଟପିଲା

ନୂଆଦିଲ୍ଲୀ, ୨୦।୧୧

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦ ଲକ୍ଷ ଟପିଥିବାବେଳେ ମୃତ୍ୟୁସଂଖ୍ୟା ୧.୩୨ ଲକ୍ଷରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୪୫,୮୮୨ ନୂଆ ମାମଲା ସାମ୍ନାକୁ ଆସିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ଏବେ ସକ୍ରିୟ ମାମଲା ୪.୪୩ ଲକ୍ଷ ରହିଛି। ସଂକ୍ରମିତ ହୋଇଥିବା ୮୪.୨୮ ଲକ୍ଷ ଲୋକ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଗୁରୁବାର ୧୦.୮୩ ଲକ୍ଷ ସାମ୍ପଲ ପରୀକ୍ଷାକୁ ମିଶାଇ ଦେଶରେ ଏପର୍ଯ୍ୟନ୍ତ ପ୍ରାୟ ୧୩ କୋଟି ଟେଷ୍ଟ ସରିଥିବା ଆଇସିଏମ୍ଆର୍ ପକ୍ଷରୁ ଦର୍ଶାଯାଇଛି।

ମହାରାଷ୍ଟ୍ରରେ ୧୭.୬୩ ଲକ୍ଷ ସଂକ୍ରମିତ ହୋଇଥିବାବେଳେ କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ସ୍ଥିତି ଜଟିଳ ରହିଛି। ରାଜଧାନୀ ଦିଲ୍ଲୀରେ ଗତ କିଛିଦିନ ହେବ ସଂକ୍ରମଣ ବୃଦ୍ଧି ପାଇଥିବାବେଳେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ସୁଦ୍ଧା ଏଠାରେ ୫.୧୦ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ୮,୦୪୧ ଜଣଙ୍କ ଜୀବନ ଯାଇଛି।

ଗୁଜରାଟର ଅହମଦାବାଦରେ ସ୍ଥିତି ଜଟିଳ ହେବାରେ ଲାଗିଛି। ଗୁଜରାଟ ସରକାର ଶୁକ୍ରବାର ରାତି ୯ଟାରୁ ଏଠାରେ ୬୦ ଘଣ୍ଟା ଲାଗି କର୍ଫ୍ୟୁ ଜାରି କରିଛନ୍ତି। ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ। କେବଳ ଔଷଧ, କ୍ଷୀର ଦୋକାନଗୁଡ଼ିକ ଏଠାରେ ଖୋଲା ରହିବ ବୋଲି କୁହାଯାଇଛି। କର୍ଫ୍ୟୁ ପରେ ରାତି ୯ଟାରୁ ସକାଳ ୬ଟା ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଆର୍.କେ. ଗୁପ୍ତା ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ଲଗାଯିବାର କୌଣସି ସମ୍ଭାବନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ପ୍ରକାଶ କରିଛନ୍ତି।



**ଅହମଦାବାଦରେ ୬୦ ଘଣ୍ଟା କର୍ଫ୍ୟୁ**

## ବିଶ୍ୱରେ ୬ ଗୁଣ ଅଧିକ ସଂକ୍ରମଣ

ନୂଆଦିଲ୍ଲୀ, ୨୦।୧୧

ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫.୭୩ କୋଟି ପାର୍ କରିଛି। ମହାମାରୀ ସଂକ୍ରମଣରେ ୧୩.୬୮ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ପ୍ରାୟ ୧୧ ମାସ ହେବ ବିଶ୍ୱବାସୀ କରୋନାକୁ ନେଇ ଚିନ୍ତାରେ ଅଛନ୍ତି। ଏବେବି ସ୍ଥିତିରେ ସୁଧାର ଆସିପାରିନି। ସମସ୍ତଙ୍କ ଅପେକ୍ଷା ଚିନ୍ତାକୁ। ହେଲେ ସୂଚନା ଅପେକ୍ଷା ବିଶ୍ୱରେ ୬ ଗୁଣ ଅଧିକ ବ୍ୟକ୍ତି ସଂକ୍ରମିତ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ଅଷ୍ଟ୍ରେଲିଆର ଜାତୀୟ ବିଶ୍ୱବିଦ୍ୟାଳୟ(ଏଏନ୍‌ୟୁ) ଏବଂ ମେଲବର୍ନ ବିଶ୍ୱବିଦ୍ୟାଳୟର ଗବେଷକମାନେ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ ୧୫ ଦେଶର ସଂକ୍ରମଣ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ସୂଚନା ଅପେକ୍ଷା ସଂକ୍ରମଣ ସ୍ଥିତି ୬.୨ ଗୁଣ ଅଧିକ ବୋଲି ଜାଣିବାକୁ ପାଇଥିଲେ।

ଜର୍ନାଲ ରୟାଲ ସୋସାଇଟି ଓପନ ସାଇନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ବ୍ରିଟେନ, ଫ୍ରାନ୍ସ, ବେଲଜିୟମ୍ ଓ ଇଟାଲୀରେ ସୂଚନା ଅନୁଯାୟୀ କରୋନା ସଂକ୍ରମଣ ହାର ଯଥେଷ୍ଟ ଅଧିକ। ଇଟାଲୀରେ ଏହି ହାର ୧୭ ଗୁଣ ଅଧିକ ବୋଲି ଜଣାପଡ଼ିଛି। ୧୧ ୟୁରୋପୀୟ ରାଷ୍ଟ୍ରର ୮୦ କୋଟି ଲୋକଙ୍କ ସହ ଅଷ୍ଟ୍ରେଲିଆ, କାନାଡ଼ା, ଦକ୍ଷିଣ କୋରିଆ ଏବଂ ଆମେରିକାରେ ଏଭଳି ଗବେଷଣା କରାଯାଇଥିବା ବିଶେଷଜ୍ଞମାନେ କହିଛନ୍ତି। ଅଷ୍ଟ୍ରେଲିଆରେ ଅଗଷ୍ଟ ସୁଦ୍ଧା ସୂଚନା ଅପେକ୍ଷା ସଂକ୍ରମଣ ସ୍ଥିତି ୫ ଗୁଣ ଅଧିକ ଥିବା ଦର୍ଶାଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୧/୨୦୨୦ | Bhubaneswar, Saturday, November 21/2020 | ପୃଷ୍ଠା-୧




**ନାଡାଲ ସେମିଫାଇନାଲରେ**

ସ୍ପାନିଶ ଟେନିସ୍ ଷ୍ଟାର ରାଫାଲ ନାଡାଲ ୫ବର୍ଷ ମଧ୍ୟରେ ପ୍ରଥମ ଥର ଏଟିପି ଫାଇନାଲ୍ସ ସେମିରେ ପ୍ରବେଶ କରିଛନ୍ତି।

୧୦ ୦୮

**ସୋନାକ୍ଷୀଙ୍କ ଭିନ୍ନ ଲୁକ୍**

ବଲିଉଡ୍ ବିୟୁଟି ସୋନାକ୍ଷୀ ସିହ୍ନାଙ୍କ ଏକ ଭିନ୍ନ ଲୁକ୍‌ର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏହା ଏକ ବିବାହ ଉତ୍ସବର ବୋଲି ଜଣାପଡ଼ିଛି।



# ହାଜତ ମୃତ୍ୟୁ: ବିରୋଧୀ କମ୍ପିଲେ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

ଶୁକ୍ରବାର ବିଧାନସଭାର ଶୀତ ଅଧିବେଶନ ଆରମ୍ଭରୁ ସରଗରମ ହୋଇଛି। ପୁରୀ ଓ ସୁନ୍ଦରଗଡ ବୀରମିତ୍ରପୁରରେ ହାଜତ ମୃତ୍ୟୁ ମାମଲାକୁ ନେଇ ଅଧିବେଶନର ପ୍ରଥମ ଦିନରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଗୋଟିଏ ପଟେ ହାଜତ ମୃତ୍ୟୁକୁ ବିରୋଧକରି ଉଭୟ ଭାଜପା ଓ କଂଗ୍ରେସ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଥିବା ବେଳେ ସେପଟେ ଗୃହ ଭିତରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ହଙ୍ଗାମା ହୋଇଥିଲା। ଫଳରେ ଅପରାହ୍ନ ଅଧିବେଶନକୁ ବାରମ୍ବାର ମୁଲତବୀ କରାଯାଇଥିଲା। ଦୋଷୀ ପୋଲିସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିକରି ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ଆସି ହୋହଲ୍ଲା କରିଥିଲେ।

ହାଜତ ମୃତ୍ୟୁ ପରେ ପୋଲିସ ମୃତଦେହକୁ ପରିବାରର ବିନା ସହମତିରେ ଅନ୍ତିମ ସଂସ୍କାର କରିବାକୁ ଢାଲ କରି ହଙ୍ଗାମା କରିଥିଲା ଭାଜପା। ମୃତକଙ୍କ ସମ୍ପର୍କୀୟଙ୍କୁ ପୋଲିସ ଉଠାଇ ନେବାକୁ ମଧ୍ୟ ଦଳ ବିରୋଧ କରିଥିଲା। ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ସରକାରୀ ଦଳକୁ ଘେରିବା ପାଇଁ ଭାଜପା ପୂର୍ବରୁ ପ୍ରସ୍ତୁତ ହୋଇଥିବା ବେଳେ କଂଗ୍ରେସ ଏଥିରେ ସମର୍ଥନ କରିଥିଲା। ପୁରୀ ଓ ବୀରମିତ୍ରପୁରରେ ହାଜତ ମୃତ୍ୟୁ ପାଇଁ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇପିସି ଦଫା ୩୦୨ରେ ମାମଲା ରୁଜୁ କରିବା ପାଇଁ କଂଗ୍ରେସ ଦାବି କରିଥିଲା। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ଆସି ସରକାରଙ୍କ ବିରୋଧରେ ନାରା ଦେବାସହ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଲଗାଯାଇଥିବା କାଚକୁ ଭଙ୍ଗାରୁଜା କରିଥିଲେ। ଘଟଣାରେ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ☞ପୃଷ୍ଠା-୨



### ବଦଳିଲେ ପୁରୀ ଏସ୍‌ପି

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

ହାଜତ ମୃତ୍ୟୁ ମାମଲାରେ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସମ୍ବଲପୁର ଏସ୍‌ପି କେ. ବିଶାଳ ସିଂଙ୍କୁ ପୁରୀ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ବୀରମିତ୍ରପୁର ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ, ପୁରୀ ବାସେଳୀସାହି ଥାନା ସବ୍‌ଇନ୍‌ସପେକ୍ଟର ବିପ୍ଳବ ପ୍ରଧାନ, କନ୍‌ଷ୍ଟେବଳ ଜଗନ୍ନାଥ ସ୍ୱାଇଁ ଓ ବାବୁଲି ବେହେରାଙ୍କୁ ନିଲମ୍ବନ କରାଯାଇଥିବା ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ପୁରୀ ଗୌରାଙ୍ଗ ଖୁଣ୍ଟିଆ କଲୋନୀ ଗୌଡବାଡି ସାହିର କେ. ରମେଶ ଓ ବୀରମିତ୍ରପୁର କରବୋଲା ରୋଡର ତାରିକ୍ ସଲିମ୍‌ଙ୍କ ହାଜତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ବିଧାନସଭାରେ ବିରୋଧୀ ହଙ୍ଗାମା କରିଥିଲେ।

# ମୁଖ୍ୟ ସଚିବ, ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

**ନୂଆଦିଲ୍ଲୀ/ ପୁରୀ ଅଫିସ, ୨୦।୧୧**

**ପୁରୀ ପୋଲିସ ହେପାଜତ ମୃତ୍ୟୁ ମାମଲା**

■ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦିଅ

ପୁରୀ ପୋଲିସ ହେପାଜତରେ ମୃତ୍ୟୁ ମାମଲାକୁ ନେଇ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଇନର ଶାସନ ଚାଲିଥିବା ଦେଶରେ ଏସବୁ ଗ୍ରହଣୀୟ ନୁହେଁ ବୋଲି କମିଶନ କହିଛନ୍ତି। ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି କମିଶନ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନୋଟିସ ଜାରି କରିଛନ୍ତି। ଆଗାମୀ ୪ ସପ୍ତାହ ମଧ୍ୟରେ କେ. ରମେଶଙ୍କ ମୃତ୍ୟୁର ସବିଶେଷ କାରଣ ଦର୍ଶାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏନ୍‌ଏଚ୍‌ଆର୍‌ସି ଅଭିଯୋଗ କପି, ଅଭିଯୁକ୍ତଙ୍କ ନାମରେ ଦାଏର ଏତଲା କପି ସହ ପଞ୍ଚନାମା, ମେଡିକାଲ ଲିଗାଲ ସାର୍ଟିଫିକେଟ, ପୋଷ୍ଟମର୍ଟମ ରିପୋର୍ଟ, ପୋଷ୍ଟମର୍ଟମର ଭିଡିଓ ରେକର୍ଡିଂ, ଭିସେରା ଏବଂ ଫରେନ୍‌ସିକ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ଗିରଫ ପରେ ତାଙ୍କ ପରିବାରକୁ ପୋଲିସ ଜଣାଇଥିଲା କି ନାହିଁ, ଗିରଫ ମେମୋ, ଇନ୍‌ସପେକ୍ସନ ମେମୋ କପି ଆଦି ଦାଖଲ କରିବାକୁ ମଧ୍ୟ କମିଶନଙ୍କ ନିର୍ଦ୍ଦେଶ ରହିଛି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଏବଂ ମାନବାଧିକାର କର୍ମୀ ମନୋଜ ଜେନା ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡା. ପାତ୍ର କହିଛନ୍ତି, କେ. ରମେଶ ଓ ତାଙ୍କ ପରିବାର ପ୍ରତି ପୁରୀ ପୋଲିସ ଅତି ଅମାନବୀୟତା ପ୍ରଦର୍ଶନ କରିଛି। ପରିବାରବର୍ଗଙ୍କୁ ନ ☞ପୃଷ୍ଠା-୨

## ଡୌଗ୍‌ଲାସ୍‌ଙ୍କୁ ବୁକର



ଡୌଗ୍‌ଲାସ୍ ଷ୍ଟୁଆର୍ଟ

**ଲଣ୍ଡନ, ୨୦।୧୧**

ନ୍ୟୁୟର୍କରେ ରହୁଥିବା ସ୍କଟଲାଣ୍ଡ ଲେଖକ ଡୌଗ୍‌ଲାସ୍ ଷ୍ଟୁଆର୍ଟଙ୍କୁ ତାଙ୍କର ଆତ୍ମଜୀବନୀ ଆଧାରିତ ଉପନ୍ୟାସ 'ଶୁଗି ବେନ୍' ପାଇଁ ଚଳିତବର୍ଷର ମର୍ଯ୍ୟାଦାଜନକ ବୁକର୍ ପ୍ରାଇଜ୍ ମିଳିଛି। ପୁରସ୍କାର ଲାଗି ସଂକ୍ଷିପ୍ତ ତାଲିକାରେ ଥିବା ଭାରତୀୟ ବଂଶୋଦ୍ଭବ ଅବନୀ ଦୋଶୀଙ୍କ ସମେତ ୫ ଜଣଙ୍କୁ ସେ ପଛରେ ପକାଇ ଦେଇଛନ୍ତି। ୮୦ ଦଶକର ଗ୍ଲାସ୍‌ଗୋ ସହରର ପ୍ରେମ ଓ ମଦନିଶା ଉପରେ ଶୁଗି ବେନ ଉପନ୍ୟାସ ଲେଖାଯାଇଛି। ଡୌଗ୍‌ଲାସ୍‌ଙ୍କୁ ୧୬ ବର୍ଷ ହୋଇଥିବାବେଳେ ମାଆ ମଦ ନିଶାରେ ପ୍ରାଣ ହରାଇଥିଲେ। ଉକ୍ତ ପୁସ୍ତକକୁ ସେ ତାଙ୍କ ମାଆଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ତାଙ୍କ ସ୍ୱପ୍ନ ସାର୍ଥକ ହୋଇଛି ଓ ସମ୍ପୂର୍ଣ୍ଣ ଜୀବନ ବଦଳିଯାଇଛି ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ଡୌଗ୍‌ଲାସ୍ କହିଛନ୍ତି। ଦୁବାଇରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଲେଖିକା ଅବନୀଙ୍କ 'ବର୍ଣ୍ଣ ସୁଗାର' ଉପନ୍ୟାସ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲେ ହେଁ ପୁରସ୍କାର ପାଇପାରି ନାହିଁ। ☞ପୃଷ୍ଠା-୨

# ୧୧,୨୦୦ କୋଟିର ଅତିରିକ୍ତ ବଜେଟ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

■ ଋଣଭାର ୯୭,୮୨୩ କୋଟି ଟଙ୍କା
■ ସେପ୍ଟେମ୍ବର ସୁଦ୍ଧା ରାଜସ୍ୱ ବଳକା ୬,୭୯୦ କୋଟି
■ କାର୍ଯ୍ୟକ୍ରମ ଖର୍ଚ୍ଚ ୭,୪୩୮ କୋଟି
■ ପ୍ରଶାସନିକ ଖର୍ଚ୍ଚ ୨,୨୭୩ କୋଟି

ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକବର୍ଷ ପାଇଁ ୧୧,୨୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବଜେଟକୁ ଇଲେକ୍‌ଟ୍ରୋନିକ ମାଧ୍ୟମରେ ଗୃହରେ ଉପସ୍ଥାପନ କରିଛନ୍ତି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଅତିରିକ୍ତ ବଜେଟରେ ସ୍ୱାସ୍ଥ୍ୟ ଓ ଜୀବନ ଜୀବିକାକୁ ସରକାର ଗୁରୁତ୍ୱ ଦେଇଛନ୍ତି।

ସ୍ୱାସ୍ଥ୍ୟସେବା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଭିତ୍ତିଭୂମି ଇତ୍ୟାଦିକୁ ପ୍ରାଥମିକତା ଦିଆଯାଇଛି। ଏଥିସହିତ କୋଭିଡ୍ ଯୋଦ୍ଧାଙ୍କୁ ସ୍ୱତନ୍ତ୍ର ସହାୟତା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରୋତ୍ସାହନ, ହସ୍ତତନ୍ତ, ବୟନଶିଳ୍ପ, ମିଶନ ଶକ୍ତି ହିତାଧିକାରୀ, କୃଷି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ବୃହତ୍ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କୋଭିଡ୍ ଯୋଦ୍ଧାମାନଙ୍କ ପାଇଁ ଅଗ୍ରିମ ଦରମା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ବାବଦକୁ ପର୍ଯ୍ୟାପ୍ତ ବ୍ୟୟ ☞ପୃଷ୍ଠା-୨

କେଉଁ ବିଭାଗକୁ କେତେ :ପୃଷ୍ଠା-୫

# ଓଏଚ୍‌ଆର୍‌ସିରେ ୫ ପିଟିଶନ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

ସୁନ୍ଦରଗଡ଼ ବୀରମିତ୍ରପୁର ଓ ପୁରୀରେ ପୋଲିସ ହେପାଜତରେ ଥିବା ୨ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ଶୁକ୍ରବାର ରାଜ୍ୟ ମାନବିକ ଅଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ୫ ପିଟିଶନ ଦାଖଲ ହୋଇଛି। ମାନବାଧିକାର କର୍ମୀ ପ୍ରବୀର ଦାସ ୨ଟି ପୃଥକ ପିଟିଶନ ଦାଖଲ କରି ଉଭୟ ଘଟଣାରେ ନିରପେକ୍ଷ ତଦନ୍ତ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ସେହିଭଳି ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଆୟୋଗଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ମାମଲାରେ ବିଧାୟକ ଜୟନ୍ତ ଷଡଙ୍ଗୀ, ମାନବାଧିକାର କର୍ମୀ ଅଭିନ୍ନ ହୋତା ଓ ଆଇନଜୀବୀ ଲଲାଟେନ୍ଦୁ ଦାସ ଓଏଚ୍‌ଆର୍‌ସିରେ ୩ ପୃଥକ ପିଟିଶନ ଦାଖଲ କରିଛନ୍ତି। ସୂଚନା ମୁତାବକ, ଗୁରୁବାର ପୋଲିସ ☞ପୃଷ୍ଠା-୨

## ହଜାରେ ଟଙ୍କାରେ ମିଳିବ ଅକ୍ସଫୋର୍ଡ ଟିକା

■ ଫେବୃୟାରୀ ସୁଦ୍ଧା ଉପଲବ୍ଧ ହେବ
■ ଫାଇଜର, ମଡର୍ନା ଟିକା ବିକାଶରେ ସାଲିସ୍ ହୋଇନାହିଁ: ଆମେରିକା ସ୍ୱାସ୍ଥ୍ୟ ବିଶେଷଜ୍ଞ

**ନୂଆଦିଲ୍ଲୀ, ୨୦।୧୧**

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ କୋଭିଡ୍ ଟିକା ଆସନ୍ତାବର୍ଷ ଫେବୃୟାରୀ ସୁଦ୍ଧା ସ୍ୱାସ୍ଥ୍ୟକର୍ମୀ ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଏବଂ ଏପ୍ରିଲ ବେଳକୁ ସର୍ବସାଧାରଣଙ୍କ ଲାଗି ଉପଲବ୍ଧ ହେବ। ଏହାର ୨ଟି ଡୋଜ୍‌ର ଦାମ୍ ସର୍ବାଧିକ ହଜାରେ ଟଙ୍କା ରହିବ ବୋଲି ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ଆଦର ପୁନାୱାଲା କହିଛନ୍ତି। ଜଣକୁ ଅନ୍ୟୁନ ୨ ଡୋଜ୍ ଟିକା ନେବାକୁ ପଡ଼ିବ। ୨୦୨୪ ବେଳକୁ ଦେଶର ସମସ୍ତଙ୍କୁ ଟିକା ମିଳିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସରକାର ବିପୁଳ ମାତ୍ରାରେ ଟିକା କିଣିବାକୁ ଥିବାରୁ ଏହାର ଦାମ୍ ୩ରୁ ୪ ଡଲାର ରହିବ। ବଜାରରେ ସବୁଠୁ ଶସ୍ତାରେ ଟିକା ଉପଲବ୍ଧ କରାଇବାକୁ ଉଦ୍ୟମ ହେଉଥିବା ପୁନାୱାଲା କହିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଫାଇଜର ଓ ବାୟୋଏନ୍‌ଟେକ୍ ଏବଂ ମଡର୍ନା ପ୍ରସ୍ତୁତ କରିଥିବା ଟିକା ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ଯଥାକ୍ରମେ ୯୫% ଓ ୯୪.୫% ଫଳପ୍ରଦ ବୋଲି ଘୋଷଣା କରାଯାଇଥିବା ବେଳେ ସେମାନଙ୍କ ☞ପୃଷ୍ଠା-୨

# ତହସିଲ ଅଫିସ୍ ପୋଡ଼ିଲେ ଯୁବକ



ସମ୍ବଲପୁର ରେଙ୍ଗାଲି ତହସିଲ ଅଫିସ ରେକର୍ଡ ରୁମ୍ ଭସ୍ମୀଭୂତ।

■ ୮ବର୍ଷର ଅସନ୍ତୋଷ ଉଗ୍ରରୂପ ନେଲା
■ ପରିବାର ଜମି ହଡ଼ପକୁ ନେଇ ଅସନ୍ତୁଷ୍ଟ ଥିଲେ
■ ୟୁଟ୍ୟୁବରୁ ଶିଖିଥିଲେ ନିଆଁ ଲଗାଇବା କୌଶଳ

**ସମ୍ବଲପୁର/ରେଙ୍ଗାଲି,୨୦।୧୧ (ବ୍ୟୁରୋ/ଡି.ଏନ.ଏ.)**

ବର୍ଷକ ତଳେ ତେଲଙ୍ଗାନାର ଜଣେ ଚାଷୀ ଏକ ଜମି ବିବାଦ ମାମଲା ନେଇ ମହିଳା ତହସିଲଦାରଙ୍କୁ ତାଙ୍କ ଅଫିସରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ଉଭୟ ତହସିଲଦାର ଓ ନିଆଁ ଲଗାଇଥିବା ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଏହାର ବର୍ଷକ ପରେ ଏକ ଅନୁରୂପ ଘଟଣାରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ତହସିଲ ଅଫିସରେ ନିଆଁ ଲଗାଯାଇଛି। ହେଲେ ଏଥର ନିଆଁ ଲଗାଇଥିବା ଯୁବକ ସତର୍କତା ସହ ବର୍ତ୍ତି ଯାଇଥିବାବେଳେ ତହସିଲ ☞ପୃଷ୍ଠା-୨






## ୨ ମାସ ପରେ ବଢ଼ିଲା ତେଲ ଦର

**ଭୁବନେଶ୍ୱର,୨୦।୧୧**

ପ୍ରାୟ ୨ ମାସ ହେବ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଶୁକ୍ରବାର ଇନ୍ଧନ ଦରରେ ପୁଣି ଥରେ ପରିବର୍ତ୍ତନ ଦେଖାଯାଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୨୧ ପଇସା ବଢ଼ି ୮୧.୮୧ ଛୁଇଁଛି। ସେହିଭଳି ଡିଜେଲ ଦର ୨୭ ପଇସା ବୃଦ୍ଧି ହୋଇ ୭୬.୯୫ ଟଙ୍କାରେ ପହଞ୍ଚିଛି। ୨ ମାସ ହେବ ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ଇନ୍ଧନ ଦରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଗଡ଼କରୀ କାହିଁକି ରାଗିଛନ୍ତି




ଧରିତ୍ରୀ
DHARITRI
ଶନିବାର, ୨୧ ନଭେମ୍ବର, ୨୦୨୦



## ହାଜତ ମୃତ୍ୟୁ: ରିପୋର୍ଟ ମାଗିଲେ ହାଇକୋର୍ଟ

ପୁରୀ ପୋଲିସ ହେପାଜତରେ କେ. ରମେଶଙ୍କ ମୃତ୍ୟୁକୁ ନେଇ ହାଇକୋର୍ଟରେ ଏକ ମାମଲା (ଡବ୍ଲ୍ୟୁପିସି ନଂ.୩୨୦୫୮) ରୁଜୁ ହୋଇଛି। ଆଇନଜୀବୀ ଶରତ କୁମାର ରାୟଗୁରୁ ଏହି ମାମଲା କରିଛନ୍ତି। ହାଇକୋର୍ଟ ତାଙ୍କ ମାମଲାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସହ ଘଟଣାର ସବିଶେଷ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ରାୟଗୁରୁ ତାଙ୍କ ଆବେଦନରେ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ ଲାଗି ନିବେଦନ କରିଛନ୍ତି। ଏଥିରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ନିବେଦନ କରିଛନ୍ତି। ରମେଶଙ୍କ ମୃତ୍ୟୁ ପାଇଁ ପୋଲିସ ସମ୍ପୂର୍ଣ୍ଣ ଦାୟୀ ବୋଲି ଶରତ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଆକାଶ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ତହସିଲ ଅଫିସ୍ ପୋଡ଼ିଲେ...

ରେକର୍ଡ ରୁମ୍‌ର ନଥିପତ୍ର ଓ ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ୧୬ ବର୍ଷ ତଳେ ତାଙ୍କ ପୈତୃକ ସମ୍ପତ୍ତିକୁ ଜାଲିଆତି କରି ହଡ଼ପ କରାଯାଇଥିଲା। ସେହି ଜମିକୁ ଫେରାଇ ଆଣିବା ପାଇଁ ସେ ଚଳାଇଥିଲେ ସଂଗ୍ରାମ। ମାସେ କି ଦୁଇ ମାସ ନୁହେଁ, ୮ ବର୍ଷ ହେବ ସେ ଏ ନେଇ ତହସିଲ ଅଫିସ, ଜିଲାପାଳ, ଉପଜିଲାପାଳଙ୍କ ପାଖକୁ ଯାଇ ଗୁହାରି କରୁଥିଲେ। ତାଙ୍କ ପରିବାରକୁ ନ୍ୟାୟ ମିଳୁ ବୋଲି ଅଳି କରିଥିଲେ। ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ଦୀର୍ଘ ଦିନରୁ ଜଳୁଥିବା ତାଙ୍କ ମନର ନିଆଁ ଶୁକ୍ରବାର ଉଗ୍ରରୂପ ଧାରଣ କରିଥିଲା। ଏହାକୁ ନେଇ ସେ ରେଙ୍ଗାଲି ତହସିଲକୁ ସେ ପୋଡିଦେଇଥିଲେ। ଏ ନେଇ ପୋଲିସ ଠେଲକୋଲି ଥାନା ଘିକାମୁରା ପଞ୍ଚାୟତ ଗୁମ୍‌କାରମା ଗ୍ରାମର ରାଜୀବ କିସାନଙ୍କୁ ଗିରଫ କରିଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ରାଜୀବ ତହସିଲ ଅଫିସକୁ ଆସିଥିଲେ। ସମସ୍ତ କର୍ମଚାରୀଙ୍କୁ ଅଫିସ ବାହାରକୁ ଯିବାକୁ କହିଥିଲେ। ହେଲେ କର୍ମଚାରୀମାନେ ଗୁରୁତ୍ୱ ଦେଇ ନ ଥିଲେ। ଏଥିରେ ବିରକ୍ତ ହୋଇ ବାହାରକୁ ଯିବ ନା ନିଆଁ ଲଗାଇଦେବି ବୋଲି କହିଥିଲେ। ସମସ୍ତ କର୍ମଚାରୀ ପଦାକୁ ଯିବା ପରେ ସେ ଆଣିଥିବା କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିପାଇଁ ସେ ଟାୟାର ମଧ୍ୟ ବ୍ୟବହାର କରିଥିଲେ। ନିଆଁ ଲାଗିବାର ୨୦ ମିନିଟ ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ଅଫିସର ଜରୁରୀ କାଗଜପତ୍ର, ଅତ୍ୟାବଶ୍ୟକ ଫାଇଲ, ଟେବୁଲ, ଚେୟାର, କମ୍ପ୍ୟୁଟର, ଷ୍ଟିଲ ଆଲମିରା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୪୦ ପ୍ରତିଶତ ସାମଗ୍ରୀ ନଷ୍ଟ ହୋଇଥିବା କର୍ମଚାରୀମାନେ କହିଛନ୍ତି। ରାଜୀବ କୁଆଡ଼େ ଗତ ଏକ ମାସ ହେବ ତହସିଲ ଅଫିସ ପାଖରେ ବୁଲାବୁଲି କରୁଥିବାବେଳେ ଏକ ବ୍ୟାନର ଧରିଥିଲେ। ସେଥିରେ ଜମି ଜାଲିଆତି ବିରୋଧୀ ସ୍ଲୋଗାନ ଲେଖାଯାଇଥିଲା। ବହୁ ଲୋକଙ୍କୁ ତାଙ୍କ ଜମି ଜାଲିଆତି କରି ବିକ୍ରି କରାଯାଇଥିବା କହୁଥିଲେ। ଅଫିସରେ ନିଆଁ ଲଗାଇବା କୌଶଳ ସେ ୟୁଟ୍ୟୁବରୁ ଶିଖିଥିବା ପୋଲିସ କହିଛି। ଫେସ୍‌ବୁକ୍ ଲାଇଭରେ ରାଜୀବ ଅଭିଯୋଗ କରିଛନ୍ତି, ତାଙ୍କ ବାପାଙ୍କ ନାମରେ ଥିବା ଜମିକୁ ଜାଲିଆତି କରି ୨୦୦୪ରେ ବିକ୍ରି କରାଯାଇଥିବାନେଇ ୨୦୧୨ରେ ଜାଣିବାକୁ ପାଇଥିଲେ। ପରିବାରର ସେହି ଜମିକୁ ଫେରାଇ ଆଣିବା ପାଇଁ ସେ ବାରମ୍ବାର ତହସିଲ ଅଫିସ, ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ଏପରି କି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ସମାଧାନର ବାଟ ବାହାରି ନ ଥିଲା। ପ୍ରଶାସନର ଅବହେଳା ଓ ବିଚାର ପ୍ରକ୍ରିୟାରେ ବିଳମ୍ବକୁ ସେ ଏଥିପାଇଁ ଦାୟୀ କରିଛନ୍ତି। ସେ ଗରିବ ପରିବାର ହୋଇଥିବାରୁ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ ବୋଲି ରାଜୀବ କହିଛନ୍ତି। ତେଣୁ ସାମୂହିକ ସ୍ୱାର୍ଥ ପାଇଁ ସେ ତହସିଲ ଅଫିସରେ ନିଆଁ ଲଗାଇ ଦେଇଥିବା ସେ ସ୍ୱୀକାର କରିଛନ୍ତି। ତହସିଲଦାର ସୁନୀଲ ମେହେର କହିଛନ୍ତି, ମୋର ଯୋଗଦାନ କରିବା ପ୍ରାୟ ୧ ବର୍ଷ ହେବ। ସେ କୌଣସି ଦିନ ମୋ ପାଖକୁ ଅଭିଯୋଗ କରିବାକୁ ଆସି ନ ଥିଲେ। କର୍ମଚାରୀମାନଙ୍କ ପାଖରୁ ଘଟଣା ସମ୍ପର୍କରେ ଖବର ପାଇ ମୁଁ ଅଫିସକୁ ଆସିଥିଲି। ସୂଚନାଯୋଗ୍ୟ, ୨୦୧୯ ନଭେମ୍ବର ୪ ତାରିଖ ଅପରାହ୍ନ ୧ଟା ୩୦ରେ ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାସ୍ଥିତ ଅବ୍‌ଦୁଲ୍ଲାପୁରମେଟ୍ ତହସିଲରେ ମଧ୍ୟ ଏକ ଅନୁରୂପ ଘଟଣା ଘଟିଥିଲା। ଚାଷୀରୁ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ପାଲଟିଥିବା କୁରା ସୁରେଶ ଏକ ଜମି ବିବାଦ ମାମଲାରେ ଉକ୍ତ ତହସିଲକୁ ଧାଇଁ ଧାଇଁ ନୟାନ୍ତ ହୋଇଯାଇଥିଲେ। ଶେଷରେ ସେ ଉତ୍ୟକ୍ତ ହୋଇ ୩୭ ବର୍ଷୀୟା ମହିଳା ତହସିଲଦାର ବିଜୟା ରେଡ୍ଡୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେଇଥିଲେ। ବିଜୟା ରେଡ୍ଡୀଙ୍କୁ ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ପ୍ରାଣବାୟୁ ଉଡ଼ିଯାଇଥିଲା। ସେପଟେ ଏହି କାଣ୍ଡ ଘଟାଇଥିବା ସୁରେଶ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ସୁରେଶଙ୍କ ଶରୀରର ୬୩ ଭାଗ ପୋଡ଼ିଯାଇଥିବାରୁ ସେ ମଧ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧୧,୨୦୦ କୋଟିର ...

ବରାଦ କରାଯାଇଛି। କୋଭିଡ୍ ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବନ ଜୀବିକା ଓ ରାଜ୍ୟ ଅର୍ଥନୀତିକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଏହାର ସ୍ପଷ୍ଟ ଝଲକ ଏହି ବଜେଟରେ ଦେଖିବାକୁ ମିଳିଛି। କେନ୍ଦ୍ରୀୟ ଅନୁଦାନ କମିବା ସହ କୋଭିଡ୍ ସମୟରେ ରାଜସ୍ୱ ହ୍ରାସ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ରାଜ୍ୟ ସରକାର ଋଣ ନ କରି କିମ୍ବା ଲୋକଙ୍କ ଉପରେ ଟିକସ ବୋଝ ନ ଦେଇ ବଜେଟ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ୬ ମାସ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ କମି ଯାଇଥିବାରୁ ମୋଟ ରାଜସ୍ୱ ପ୍ରାପ୍ତି ପ୍ରାୟ ୬.୫ ପ୍ରତିଶତ ହ୍ରାସ ପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ମହାମାରୀ ସତ୍ତ୍ୱେ ରାଜ୍ୟର ରାଜସ୍ୱ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୦ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟର ରାଜସ୍ୱ ବଳକା ୬,୭୯୦ କୋଟି ଟଙ୍କା ଥିବା ବେଳେ ଋଣ ଭାର ରହିଛି ୯୭,୮୨୩ କୋଟି, ଯାହାକି ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୧୬.୪ ପ୍ରତିଶତ ବୋଲି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି। ଅତିରିକ୍ତ ବଜେଟରେ ପ୍ରଶାସନିକ ବ୍ୟୟ ବାବଦକୁ ୨,୨୭୩ କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭,୪୩୮ କୋଟି, ବିପର୍ଯ୍ୟୟ ପ୍ରଶମନ ବାବଦକୁ ୧,୪୮୪ କୋଟି ଏବଂ ରାଜ୍ୟ ବଜେଟରୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବଜେଟ ପୂର୍ଣ୍ଣାଙ୍ଗ ବଜେଟର ୭.୫ ପ୍ରତିଶତ। ଅତିରିକ୍ତ ବଜେଟରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୬୬.୩୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଅଟକଳ କରାଯାଇଛି। କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୨୦୪୧ କୋଟି (୨୭.୪%) ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧୬୨୭ କୋଟି (୨୧.୮%) ଏବଂ ସ୍କୁଲ ଓ ଗଣଶିକ୍ଷା ପାଇଁ ୪୫୭ କୋଟି (୬.୧%) କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟରୁ ମୋଟ ୭,୧୯୯ କୋଟି (୯୭%) ଟଙ୍କା ବିକାଶ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ପାଇଁ ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବଜେଟରେ ୫ଟି ବିଭାଗ ଉପରେ ମୁଖ୍ୟତଃ ଫୋକସ୍ କରାଯାଇଛି। ସମୁଦାୟ ବ୍ୟୟ ବରାଦରୁ ଗଣଶିକ୍ଷା ବିଭାଗ ପାଇଁ ୬.୧% ବ୍ୟୟ ବରାଦ କରାଯାଇଥିବା ବେଳେ ଶକ୍ତି ବିଭାଗ ପାଇଁ ୧୨.୮%, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୪.୫%, ସ୍ୱାସ୍ଥ୍ୟ ବିଭାଗ ପାଇଁ ୨୧.୮% ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୨୭.୪ ପ୍ରତିଶତ ବ୍ୟୟ ବରାଦ କରାଯାଇଛି। ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍ ସଂକ୍ରମଣ ହେବା ପୂର୍ବରୁ ୨୦୨୦ ଫେବୃୟାରୀ ୧୮ରେ ଚଳିତ ଆର୍ଥିକବର୍ଷ ପାଇଁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯାଇଥିଲା। ସେହି ବଜେଟରେ ନୂତନ ଆଧୁନିକ ଚିକିତ୍ସା ଭିତ୍ତିଭୂମି ନିର୍ମାଣ ସହାୟତାରେ ସ୍ୱାସ୍ଥ୍ୟ ସେବାର ପୁନରୁଦ୍ଧାର, ଦକ୍ଷତା ବୃଦ୍ଧି, ପର୍ଯ୍ୟଟନ ବିକାଶ, ଗ୍ରାମୀଣ ଏବଂ ସହରାଞ୍ଚଳ ଉନ୍ନୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ଲୋକମାନଙ୍କର ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ପ୍ରାଥମିକତା ଦିଆଯାଇଛି। ଗତ ୮ ମାସ ଧରି ମହାମାରୀ ବିରୋଧରେ ସଂଗ୍ରାମ ଜାରି ରହିଛି। ସରକାରଙ୍କର ନିରନ୍ତର ପ୍ରୟାସ ଯୋଗୁ ଜାତୀୟ ତଥା ବିଶ୍ୱ ତୁଳନାରେ ଓଡ଼ିଶାରେ ମୃତ୍ୟୁହାର କମ ରହିବା ସହ ନୂଆ ମାମଲା ସଂଖ୍ୟା ହ୍ରାସ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାର କୋଭିଡ୍ ପରିଚାଳନାକୁ ପ୍ରଶଂସା କରିଛନ୍ତି। କୋଭିଡ୍ ସଂକ୍ରମଣର ଅନ୍ୟ ଏକ ଲହରି ଦେଖାଦେଇଥିବାରୁ ଓଡ଼ିଶାରେ ମଧ୍ୟ ଏହାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେଥିପାଇଁ ନିରବଚ୍ଛିନ୍ନ ଭାବେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକା ସୁରକ୍ଷା ନିମିତ୍ତ ସମସ୍ତ ବଜେଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଛି। ଅର୍ଥ ବ୍ୟବସ୍ଥା ଓ ସମ୍ବଳ ଉପରେ ମହାମାରୀର ପ୍ରଭାବ ସତ୍ତ୍ୱେ ପ୍ରାଥମିକତା କ୍ଷେତ୍ର ତଥା ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ନିମିତ୍ତ ଖର୍ଚ୍ଚରେ କୌଣସି ସାଲିସ କରାଯିବ ନାହିଁ। ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ (ଏଫ୍‌ଆରବିଏମ୍) ମାନଦଣ୍ଡ ହାସଲ ପାଇଁ ଉଦ୍ୟମ କରାଯିବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।

### ମୁଖ୍ୟ ସଚିବ, ଡିଜିପିଙ୍କୁ ...

ଜଣାଇ ରମେଶଙ୍କ ମୃତଦେହକୁ ଦାହ କରିଦେଇଛି। ତାଙ୍କ ମା, ବାପା, ଦାଦାଙ୍କୁ ଉଠାଇ ନେଇ ଲୁଚାଇ ରଖିଛି। ଫଳରେ ସେମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ତେଣୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମୃତକଙ୍କ ପରିବାରକୁ ନ୍ୟାୟ ଦିଆଯାଉ। ଏନ୍‌ଏଚ୍‌ଆର୍‌ସି ଏହି ଘଟଣାକୁ ଅତି ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ପାତ୍ର କହିଛନ୍ତି। ସେହିପରି ମାନବାଧିକାର କର୍ମୀ ଜେନା କହିଛନ୍ତି, କମିଶନ ଏହି ଘଟଣାରେ କ୍ଷୁବ୍ଧ ହେବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

### ୨ ମାସ ପରେ ...

କୌଣସି ପରିବର୍ତ୍ତନ କରି ନ ଥିବାରୁ ଖାଉଟିଙ୍କୁ ଏହାର ଲାଭ ମିଳିଥିଲା। ମାତ୍ର କରୋନା କାଳରେ ପୁଣି ଥରେ କମ୍ପାନୀ ତେଲ ଦର ବଢ଼ାଇବାରୁ ଏହା ଖାଉଟିଙ୍କ ଉପରେ ବୋଝ ସଦୃଶ ହୋଇଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ଦର ଶୁକ୍ରବାର ୧୭ରୁ ୨୦ ପଇସା ଉଚ୍ଚରେ ରହିଛି। ସେହିଭଳି ଡିଜେଲ ଲିଟର ପିଛା ଲୋକଙ୍କୁ ୨୨ରୁ ୨୫ ପଇସା ଅଧିକ ଦେବାକୁ ପଡୁଛି। ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୧.୨୩ ଟଙ୍କା ଥିବା ବେଳେ ଚେନ୍ନାଇରେ ୮୪.୩୧ ଟଙ୍କା, କୋଲକାତାରେ ୮୨.୨୯ ଟଙ୍କା ଏବଂ ମୁମ୍ବାଇରେ ସର୍ବାଧିକ ୮୭.୨୯ ଟଙ୍କା ରହିଛି। ଅପରପକ୍ଷରେ ଏହି ୪ ସହରରେ ଡିଜେଲ ଦର ଯଥାକ୍ରମେ ୭୦.୬୮ ଟଙ୍କା, ୭୬.୧୭ ଟଙ୍କା, ୭୪.୨୪ ଟଙ୍କା ଏବଂ ୭୭.୧୧ ଟଙ୍କା ଛୁଇଁଛି। କରୋନା ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିବା ଯୋଗୁ ଇନ୍ଧନ ଦରରେ କମ୍ପାନୀ କୌଣସି ପରିବର୍ତ୍ତନ କରି ନ ଥିଲେ। ବର୍ତ୍ତମାନ ଦରରେ ଏଭଳି ପରିବର୍ତ୍ତନ ହେବା ପରେ ଆଗାମୀ ଦିନରେ ମଧ ଦର ବଢ଼ିପାରେ ବୋଲି ଆକଳନ କରାଯାଇଛି।

### ଓଏଚ୍‌ଆର୍‌ସିରେ ...

ହେପାଜତରେ ଥିବା ପୁରୀ ଗୌରାଙ୍ଗ ଖୁଣ୍ଟିଆ କଲୋନୀ ଗୌଡ଼ବାଡ଼ ସାହିର କେ.ରମେଶଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ପୋଲିସ-ଜନତା ମୁହାଁମୁହିଁ ହେବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ମାଡ଼ରେ ରମେଶଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଜଣେ ସିଟିଂ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରିବାକୁ ମାନବାଧିକାର କର୍ମୀ ପ୍ରବୀରଙ୍କ ସମେତ ଅନ୍ୟମାନେ ଦାବି କରିଥିଲେ। ସେହିପରି ସୁନ୍ଦରଗଡ଼ ବୀରମିତ୍ରପୁର ଅଞ୍ଚଳରେ ତାରିକ ସଲିମ ନାମକ ଜଣେ ଯୁବକଙ୍କୁ ପୋଲିସ ଅପହରଣ ମାମଲାରେ ପଚରାଉଚରା ପାଇଁ ଥାନାକୁ ଡାକିଥିଲା। ତାରିକ ଏକ ଗ୍ୟାରେଜ କାମ କରୁଥିବାବେଳେ ବିନା ନୋଟିସରେ ପୋଲିସ ତାଙ୍କୁ ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା। ଥାନା ହାଜତରେ ଅସୁସ୍ଥ ହେବାପରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ସ୍ଥାନୀୟ ଲୋକେ ତାରିକଙ୍କ ମୃତ୍ୟୁ ପାଇଁ ପୋଲିସକୁ ଦାୟୀ କରିଥିଲେ।

### ହାଜତ ମୃତ୍ୟୁ: ବିରୋଧୀ ...

ପୀଡ଼ିତ ପରିବାରକୁ କ୍ଷତିପୂରଣ ପାଇଁ ଦାବି କରିଥିଲେ। ପ୍ରଥମେ ୧୫ ମିନିଟ୍ ଓ ପରେ ୩୦ ମିନିଟ୍ ପାଇଁ ଗୃହ ମୁଲତବୀ ରଖିବା ପରେ ବାଚସ୍ପତି ସରକାରୀ ଦଳ ମୁଖ୍ୟ ସଚେତକ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଭାଜପା ଓ କଂଗ୍ରେସ ବିଧାୟକ ଦଳ ନେତା, ଅର୍ଥମନ୍ତ୍ରୀ ଏବଂ ସିପିଏମ୍ ବିଧାୟକ ଲକ୍ଷଣ ମୁଣ୍ଡାଙ୍କୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ଉପଦେଷ୍ଟା କମିଟିରେ ଭାଜପାର ଦୁଇଜଣ ସଦସ୍ୟଙ୍କୁ ରଖିବା ଦାବିକରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସର୍ବଦଳୀୟ ବୈଠକରେ ଯୋଗଦେବାକୁ ପ୍ରଥମେ ପ୍ରତ୍ୟାଖ୍ୟାନ କରିଥିଲେ ମଧ ପରେ ବୈଠକରେ ଯୋଗଦେଇଥିଲେ। ବୈଠକ ଅଧିକ ସମୟ ଚାଲିବାରୁ ଉପବାଚସ୍ପତି ରଜନୀକାନ୍ତ ସିଂ ଗୃହକୁ ପୁଣିଥରେ ୧୫ମିନିଟ୍ ଓ ୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବିରୋଧୀଙ୍କ ପାଟିତୁଣ୍ଡ ଭିତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ଅତିରିକ୍ତ ବଜେଟ ଉପସ୍ଥାପିତ କରିଥିଲେ।

### ଡୌଗ୍‌ଲାସ୍‌ଙ୍କୁ ...

ଅନ୍ୟମାନଙ୍କ ମଧ୍ୟରେ ଜିମ୍ବାୱେ ଲେଖକ ସିତ୍‌ସି ଡଙ୍ଗରେମ୍ବଗା, ଆମେରିକୀୟ ଲେଖକ ଡିଏନେ କୁକ୍, ମାଜା ମେଙ୍ଗିସ୍ତେ ଏବଂ ବ୍ରାଣ୍ଡନ୍ ଟେଲରଙ୍କ ନାଁ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିଲା। ସମ୍ପାଦକ, ଭାଷା ସମାଲୋଚକ ଓ ପୂର୍ବତନ ପ୍ରକାଶକ ମାରଗାରେଟ୍ ବୁସ୍‌ବିଙ୍କ ଅଧ୍ୟକ୍ଷତାରେ ଗଠିତ ଚଳିତବର୍ଷର ବୁକର୍ ପ୍ରାଇଜ୍ ବିଚାରକ ପ୍ୟାନେଲରେ ଲେଖକ ଲି ଚାଇଲ୍ଡ, ଲେଖକ ତଥା ସମାଲୋଚକ ସମୀର ରହିମ, ଲେଖକ ତଥା ବ୍ରଡ୍‌କାଷ୍ଟର ଲେମ୍‌ନ ସିସାଏ ଏବଂ କ୍ଲାସିକିଷ୍ଟ ଏମିଲି ୱିଲ୍‌ସନ ସ୍ଥାନ ପାଇଥିଲେ।

### ହଜାରେ ଟଙ୍କାରେ..

ତଥ୍ୟ ଯଥାର୍ଥ ବୋଲି ଆମେରିକାର ସର୍ବୋଚ୍ଚ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଆନ୍ଥୋନି ଫୌସି କହିଛନ୍ତି। ସେମାନେ ଭାକ୍ସିନ୍‌ର ଦ୍ରୁତ ବିକାଶ କରିଥିଲେ ହେଁ ନିରାପତ୍ତା କିମ୍ବା ଶୁଦ୍ଧତାରେ ସାଲିସ୍ କରିନାହାନ୍ତି। ଟିକାର ତ୍ୱରିତ ବିକାଶକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯେଉଁ ଆଶଙ୍କା ବ୍ୟକ୍ତ କରୁଥିଲେ ତାହା ଠିକ୍ ନୁହେଁ ବୋଲି ଆନ୍ଥୋନି କହିଛନ୍ତି। ଟିକାର ଜରୁରୀ ବ୍ୟବହାର ଅନୁମତି ପାଇଁ ଏଫ୍‌ଡିଏ ନିକଟରେ ଶୁକ୍ରବାର ଆବେଦନ କରାଯିବା ନେଇ ଫାଇଜରର ସହଯୋଗୀ ବାୟୋଏନ୍‌ଟେକ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଥିଲା।

## ଆଜିର ମନ୍ତବ୍ୟ

"ଦିଲ୍ଲୀରେ କରୋନାକୁ ରୋକିବା ଲାଗି ଏଏପି ନେତା ଓ କର୍ମୀମାନେ ଲୋକଙ୍କୁ ମାଗଣାରେ ମାସ୍କ ବାଣ୍ଟନ୍ତୁ।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମାନସିକ ଅସ୍ଥିରତା କାରଣରୁ କୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତି ବିଗାଡ଼ି ଦେଇପାରେ। ରଚନାତ୍ମକ କାମ, ଆନୁଷ୍ଠାନିକ କାମ, ବନ୍ଧୁମାନଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ। କୃତ୍ତିକା ନକ୍ଷତ୍ର ଯେଉଁ କାମରେ ହାତ ଦେଲେ ମଧ ନିଶ୍ଚିତ ସଫଳତା ପାଇବେ।

**ବୃଷ** ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ସାମ୍ନା କରିବାକୁ ପଡିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନରେ ଲଗାଇପାରନ୍ତି। ଭାଇ ଭଉଣୀଙ୍କ ସହ ସମ୍ପର୍କ ତିକ୍ତ ହୋଇପାରେ। ଯାତ୍ରା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ ଓ ବ୍ୟବସାୟ ତଥା ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ନିଜ ଲୋକମାନଙ୍କ ବିରୁଦ୍ଧାଚରଣଜନିତ ଟିକିଏ କଥାରେ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ଦିନଟି ବହୁତ ଭଲ। କିନ୍ତୁ ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମ ଯୋଗୁ ମାନସିକ ଆଘାତ ପାଇବେ। ସମସ୍ୟାର ସରଳ ସମାଧାନ ସଙ୍ଗକୁ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**କର୍କଟ** କର୍ମକ୍ଷେତ୍ରରୁ ଯଥେଷ୍ଟ ସମ୍ମାନ ଓ ସଦିଚ୍ଛା ପାଇବେ। ବନ୍ଧୁଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପରୋକ୍ଷରେ ସମାଲୋଚିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରକୁ ବିପଦସଂକୁଳ କରିବାର ଆଶଙ୍କାକୁ ଏଡି ହେବନାହିଁ। ପ୍ରକାଶନ, ପ୍ରଶାସନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସମ୍ମାନ ପାଇ ଖୁସି ହେବେ।

**ସିଂହ** ସମସ୍ୟାର ସମ୍ମୁଖୀନ ହେଲେ ମଧ ଧୈର୍ଯ୍ୟହାନି ଘଟିବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେଲେ ମଧ ସଂଘର୍ଷପୂର୍ଣ୍ଣ ସ୍ଥିତି ବଳବତ୍ତର ରହିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାର କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ରାଜନୈତିକ କିମ୍ବା ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ।

**କନ୍ୟା** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ହେବ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥ ହେବେ। ଆର୍ଥିକ ସ୍ଥିତି, ପାରିବାରିକ ସଦ୍‌ଭାବ, ଭ୍ରମଣ ଓ ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ତଥାପି ଜିନିଷପତ୍ର ହଜିବାର ସମ୍ଭାବନା ରହିଛି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। ନିଜ ପରିସରର ଲୋକଙ୍କୁ ମନ ବୁଝିଲାଭଳି କଥା କହି କାମ ହାସଲ କରିବେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସମର୍ଥ ହେବେ। କଳା ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଦୀର୍ଘ ଦିନ ପରେ ଶରୀର ସୁସ୍ଥ ହେବାରୁ ମାନସିକ ଅସ୍ଥିରତା ଦୂରେଇଯିବ। ଦୂରଯାତ୍ରା, ପର୍ଯ୍ୟଟନ, ବନ୍ଧୁ ସମ୍ପର୍କ, ଆମଦାନି କାରବାର ପାଇଁ ଦିନଟି ଭଲ। ଜମିଜମା ସମ୍ବନ୍ଧୀୟ କଥାବାର୍ତ୍ତା ପ୍ରଭୃତିରେ ଉନ୍ନତମାନର ସୁଫଳ ମିଳିବ।

**ମକର** ମାନସିକ ଚାପ ସଙ୍ଗକୁ ବିଭିନ୍ନ ଦିଗରୁ ପ୍ରତିବନ୍ଧକ ସତ୍ତ୍ୱେ କାମ ହାସଲ କରିବାକୁ ପଡିବ। ପରିବାରରେ ଭୁଲ୍ ବୁଝାମଣା ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ ଦୂରେଇ ଯିବେ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କଜନିତ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ମନରେ ଦୁଃଖ ରହିଥିଲେ ମଧ ଅଭିମାନ କରି ରହିଥିବା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହେବେ। ସରକାରୀ ସ୍ତରରୁ କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇବେ। ଚେଷ୍ଟା କଲେ ବହୁତ ଦିନର ବାକି ଟଙ୍କା ଫେରି ପାଇବେ।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ସହ କୌଣସି ନୂଆ କାମରେ ମନ ବଳାଇବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ପାରିବାରିକ ପରିସ୍ଥିତିରେ ସୁଧାର ଆଣିବା ସକାଶେ ପ୍ରଯତ୍ନ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ସପ୍ତମୀ ଶନିବାର, ନଭେମ୍ବର ୨୧ ତାରିଖ, ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ (୨୧।୧୧।୧୮୯୯), ବୈଜ୍ଞାନିକ ସି. ଭି. ରମଣଙ୍କ ତିରୋଧାନ ଦିବସ (୨୧।୧୧।୧୯୭୦), ମୁକ୍ତିମଣ୍ଡପର ଷୋଳଶାସନ ଭୋଗ, ଛଟ୍ ବ୍ରତ ଉଦ୍‌ଯାପନ, ରାଶିନକ୍ଷତ୍ର-ଦିବା ଘ.୦୯.୫୪ମି. ଗତେ ଧନିଷ୍ଠା/ମକର, ସିଂହ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୦୨ମି. ଗତେ ଘ.୦୬.୪୬ମି. ମଧ୍ୟେ, ଘ.୦୭.୩୦ମି. ଗତେ ଘ.୦୯.୪୨ମି. ମଧ୍ୟେ, ଘ.୧୧.୫୪ମି. ଗତେ ଘ.୦୨.୫୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୪୭ମି. ଗତେ ଘ.୧୦.୧୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




HIRE

ବଡ଼ବିଲ୍ ମାଇନ୍ସ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: A-102, Balianta Chowk, Hanspal, Bhubaneswar-01, 8249638057, 9337731351. D-18876




SALE

2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668. D-70110

4BHK Duplex near TCS. Land- 1300 & Construction- 1800 @90lakhs. Residential Land at Tamando @1200/, Amri Hospital @1600/, Hanspal @1800. MPlanets: 9938219397/ 9861022055. D-18993

ଭୁବନେଶ୍ୱର ହସପାଳ ଛକଠାରୁ 9k.m ଦୂରତାରେ ଘରବାଡ଼ି ପ୍ଲଟ ବିକ୍ରିହେବ 9438299931. D-70109

ଘରବାଡ଼ି ପ୍ଲଟ ପିତୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ 50% ଦେଇ Registration ନେଇ ବାକି କିସ୍ତିରେ ଦିଅନ୍ତୁ 9556794241 D-69196

Ready to move Duplex for sale at DHPL Villa One Kalarahanga. Contact- 9937059891 D-18830

10 Acer land for immediate sale Puri Town at Puri. Interested buyers please contact Deepak-9937329999. D-69933

Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale with special discount. Contact: 9437396718, 8763935874 during office hour. D-69934

Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633. D-70103

ଭୁବନେଶ୍ୱର ଜଟଣୀଠାରୁ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

Plot sale near AIIMS Hospital, Bhubaneswar with 30' Road. 8456850883. D-69199

Sundarpada କୁହା ମୌଜାରେ (Bhubaneswar) ଘରବାଡ଼ି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍କିମବାର ପ୍ଲଟ Sqft.299/- ମିଳୁଅଛି 7848882166. D-70101

READY to move Flat at Puri just Book @2lakhs with all Amenities. 8658997902. D-18994

Booking (Five lakhs) 2BHK Simplex Tankapaniroad Sai Temple back side cost 30,38,800/-, finance available. 7735738102. D-18967

Booking open for 3BHK Luxurious & Premium flat at Surya Nagar, Bhubaneswar. Genuine buyer Contact DEEPAK- 9937329999. D-69936

8000sqft. Land Area, Constructed Area-6000sqft. in Kharvel Nagar outright. Contact No: 9778050133, 9040166365. D-68397

Plot for immediate sale 15000sft. Mancheswar (IDCO plot) & 2400sft. BDA plot near Sum Hospital, Bhubaneswar. Buyers Contact DEEPAK- 9937329999. D-69937

PURCHASE

Required flats independent houses GA plots from direct owner's Bhubaneswar 7978736177. D-68262




Monalisa massage club : All types body massage with hiprofile smart lady rooms service available 9708545108. D-18971

Swarna SPA newly open positively health benefits with expert therapist. 9556978408. D-70024

Available all types of health service and home service. 9583808247. D-18985

Get refreshment body massage by expert therapist contact for 7205084157. D-70025

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

Full body massage both ladies & gents by expert lady therapist. Contact- 9556923378. D-69647

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## Business Administration ରେ ଡକ୍ଟରେଟ୍ ଲାଭ



ଉତ୍କଳ ବିଶ୍ୱବିଦ୍ୟାଳୟର Business Administration ରେ ସୁଶ୍ରୀ ଗୋରୀ ମହାନ୍ତି ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡା. ମୁନା କଲ୍ୟାଣୀ ଏବଂ ପ୍ରଫେସର ଡା. ସନ୍ତୋଷ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Problem of Media Marketing in Odisha" ସନ୍ଦର୍ଭଟିର ରଚନା କରି ଉକ୍ତ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି Tata Institute of Social Science (TISS)ର ପ୍ରଫେସର ଓ ଡିନ୍ ପ୍ରଫେସର ସସ୍ମିତା ପାଲୋଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ସୁଶ୍ରୀ ମହାନ୍ତି ବର୍ତ୍ତମାନ TP-CODL ରେ କାର୍ଯ୍ୟରତ। ଭୁବନେଶ୍ୱରର ଶ୍ରୀ ବିଷ୍ଣୁ ନାରାୟଣ ମହାନ୍ତି ଏବଂ ଶ୍ରୀମତୀ ବିଦ୍ୟୁଲତା ମହାନ୍ତିଙ୍କ ସୁପୁତ୍ରୀ ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କର ପରିବାର ତଥା ଶିକ୍ଷକମାନଙ୍କଠାରେ କୃତଜ୍ଞତା ଅର୍ପଣ କରିଛନ୍ତି। ଧ-୧୮୯୮୩


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୭୫,୩୧,୧୫୪ | ୧୩,୭୦,୬୦୬ | ୩,୯୯,୨୮,୭୭୭ |
| ଭାରତ | ୯୦,୨୧,୦୨୦ | ୧,୩୨,୩୧୦ | ୮୪,୪୩,୫୫୩ |
| ଓଡ଼ିଶା | ୩,୧୨,୫୪୫ | ୧୬୦୮(+୫୩) | ୩,୦୩,୮୯୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପ୍ରଚଣ୍ଡ ଶବ୍ଦ ଶୁଣି ଲୋକେ ଭୟଭୀତ


ହାଟଡିହୀ/ ଭଣ୍ଡାରିପୋଖରୀ,୨୦।୧୧ (ଡି.ଏନ୍.ଏ.): କେନ୍ଦୁଝର ଜିଲା ହାଟଡିହୀ ଓ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସେଥିରେ ଘରଦ୍ୱାରର କବାଟ ଆଦି ଥରି ଉଠିଥିଲା। ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ବିସ୍ଫୋରଣ ଶବ୍ଦ ଭଳି ଏହା କିଛି ସମୟ ପାଇଁ ଲାଗି ରହିଥିଲା। ତେବେ ଏହି ଶବ୍ଦ କେଉଁଠୁ ଓ କିପରି ସୃଷ୍ଟି ହେଲା ତାହା ଜଣାପଡ଼ି ନାହିଁ। ଏନେଇ ସ୍ଥାନୀୟ ଲୋକେ ବିଭିନ୍ନ ଚର୍ଚ୍ଚା କରୁଛନ୍ତି।

### ୮ ଜିଲାରେ ହେବ ତୈଳ, ଗ୍ୟାସ୍‌ର ସନ୍ଧାନ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ): ପୁରୀ ଜିଲା କାକଟପୁରସ୍ଥିତ ମହାନଦୀ ଅବବାହିକା ସମେତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓପନ ଏକ୍ରେଜ୍ ଲାଇସେନ୍ସିଂ ପଲିସୀ (ଓଏଏଲପି) ଅଧୀନରେ ତୈଳ ଏବଂ ପ୍ରାକୃତିକ ଗ୍ୟାସର ସନ୍ଧାନ କରାଯିବ। ଅଏଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ରାଜ୍ୟର ୮ ଜିଲାରେ ହେବାକୁ ଥିବା ସେସମିକ୍ ସର୍ବେକ୍ଷଣ ଅଭିଯାନକୁ ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଭାରମ୍ଭ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ସେସମିକ୍ ସର୍ଭେ ହେବ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୫ ବ୍ଲକ ପାଇଁ ୩ ହଜାର ବର୍ଗ କିମି କ୍ଷେତ୍ରରେ ସର୍ବେକ୍ଷଣ କାମ ଆରମ୍ଭ ହୋଇଛି। ସେସମିକ୍ ସର୍ଭେରେ ୨୨୦ କୋଟି ଟଙ୍କା ସମେତ ମୋଟ୍ ୧୨୪୮ କୋଟି ଟଙ୍କା ନିବେଶରେ ବ୍ୟାପକ ଅନ୍ୱେଷଣ ଡ୍ରିଲିଂ ଅଭିଯାନ କରାଯିବ। ଅଭିଯାନ ସଫଳ ହେଲେ ଓଡ଼ିଶା ଅର୍ଥନୀତିରେ ନୂଆ ଅଧ୍ୟାୟ ସୃଷ୍ଟି ହେବ। ଏହା ଆତ୍ମନିର୍ଭର ଭାରତ ପରିକଳ୍ପନାକୁ ସାକାର କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଚାଷୀଙ୍କୁ ମିଳୁନି ଟୋକନ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ): ଧାନ ଅମଳ କରି ଚାଷୀ ବିକ୍ରି କରିବାକୁ ଅନାଇ ରହିଛି। ହେଲେ ଟୋକନ ମିଳୁନାହିଁ। ପଶ୍ଚିମ ଓଡ଼ିଶାରେ ଏପରି ସମସ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି, ଯାହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ। ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅଧକ୍ଷତା କରି ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚଳିତ ବର୍ଷ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଧାନ ଅମଳ କରି ନ ଥିବା ଚାଷୀଙ୍କ ପାଖରେ ଟୋକନ ପହଞ୍ଚିଛି। ହେଲେ ଯେଉଁ ମାନେ ଅମଳ କରିସାରିଲେଣି ସେମାନେ ପାଇନାହାନ୍ତି। ଗତବର୍ଷ ଟୋକନରେ ଚାଷୀଙ୍କଠାରୁ ଏକକାଳୀନ ୧୦୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଳିତ ବର୍ଷ ଏହାକୁ ୭୫ କୁଇଣ୍ଟାଲକୁ ହ୍ରାସ କରାଯାଇଛି। ସେହିପରି ଟୋକନର ଅବଧି ମାସେ ରଖାଯାଇଛି। ଠିକଣା ସମୟରେ ଟୋକନ ନ ମିଳିଲେ ଧାନ ବିକ୍ରି କରିବାରେ ଚାଷୀ ସମସ୍ୟାରେ ପଡ଼ିବେ। ମେ' ୧୬ରୁ ଜୁନ୍ ୧୬ ମଧ୍ୟରେ ଟୋକନ ଅବଧି ସମୟ ସୀମା ପାର ହୋଇଯାଇଥିବାରୁ ବରଗଡ଼ ଜିଲାର ୧୦୦୦ରୁ ଊର୍ଦ୍ଧ୍ୱ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହୋଉଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ସମସ୍ୟା ବଢ଼ିବାରେ ଲାଗିଛି। ଏଭଳି ଧାନ କ୍ରୟ ନୀତି ଚାଷୀ ନା ମିଲରଙ୍କ ସ୍ୱାର୍ଥରେ ବୋଲି ଅମିୟ ପ୍ରଶ୍ନ କରିଛନ୍ତି।




## ୧୬୦୦ ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଦିଲ୍ଲୀରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣରେ କୋଭିଡ୍ ଭୂତାଣୁ ଅଧିକ ଭୟଙ୍କର ହୋଇଉଠିଛି। ଓଡ଼ିଶାରେ ମଧ ଡିସେମ୍ବରରେ କରୋନାର ଦ୍ୱିତୀୟ ଲହର ଆସିବା ନେଇ ଆଶଙ୍କା କରାଯାଉଛି। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ କମିଥିଲେ ମଧ ମୃତ୍ୟୁରେ ବ୍ରେକ୍ ଲାଗୁ ନ ଥିବାରୁ ଚିନ୍ତା ବଢ଼ିଛି। ଶେଷ ୨୪ ଘଣ୍ଟାରେ ଆଉ ୧୬ଜଣଙ୍କ ମୃତ୍ୟୁ ଘଟିବା ପରେ କରୋନା ମୃତ୍ୟୁ ୧୬ଶହ ଟପିଛି। କେବଳ ଚଳିତ ମାସର ୨୦ଦିନରେ ୨୮୮ ଜୀବନ ଯାଇଥିବାରୁ ଡିସେମ୍ବରକୁ ନେଇ ଚିନ୍ତା ବଢ଼ିଛି। ତେବେ ନୂଆ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୪ଜଣ ଥିବାବେଳେ କଟକ ୩, ସମ୍ବଲପୁର ଓ ଗଞ୍ଜାମରୁ ୨ଜଣ ଲେଖାଏ, ସୋନପୁର, ପୁରୀ, ଝାରସୁଗୁଡ଼ା, ବରଗଡ଼ ଓ ଜଗତ୍‌ସିଂହପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୬୦୮ରେ ପହଞ୍ଚିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୭୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗଞ୍ଜାମ ୨୩୬, କଟକ ୧୨୯, ସୁନ୍ଦରଗଡ଼ ୧୧୪, ପୁରୀ ୯୨, ବାଲେଶ୍ୱର ୮୦, ମୟୂରଭଞ୍ଜ ୭୭ ଓ ସମ୍ବଲପୁରରେ ୬୫ଜଣ ମରିଛନ୍ତି। ଅନ୍ୟସବୁ ଜିଲାରେ ମୃତ୍ୟୁସଂଖ୍ୟା ୫୦ ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୪ଜଣ ରହିଛନ୍ତି। ସେହିପରି ରାଜ୍ୟରେ ଆଉ ୭୫୭ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ୩ ଅଧ୍ୟାଦେଶ, ୫ ବିଲ୍ ଉପସ୍ଥାପିତ


ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଶୁକ୍ରବାର ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ୩ଟି ଅଧ୍ୟାଦେଶ ଏବଂ ୫ଟି ବିଲ୍‌କୁ ଗୃହରେ ଆଗତ କରାଯାଇଛି। ଆଗତ ଅଧ୍ୟାଦେଶ ମଧ୍ୟରୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଚୁକ୍ତିଭିତ୍ତିକ ଶ୍ରମିକ(ବିନିୟମ ଓ ଉଚ୍ଛେଦ) ଓଡ଼ିଶା ସଂଶୋଧନ ଅଧ୍ୟାଦେଶ–୨୦୨୦ ଏବଂ କମ୍ପାନୀ ଓଡ଼ିଶା ସଂଶୋଧନ ଅଧ୍ୟାଦେଶ–୨୦୨୦କୁ ଉପସ୍ଥାପନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡ଼ିଶା କୃଷିଜାତ ଦ୍ରବ୍ୟ ଓ ପଶୁ ସମ୍ପଦ ବିପଣନ (ବିକାଶ ଓ ସୁଗମତା) ଦ୍ୱିତୀୟ ଅଧ୍ୟାଦେଶ–୨୦୨୦କୁ ଗୃହରେ ଉପସ୍ଥାପନ କରିଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ ଓଡ଼ିଶା ଲୋକାୟୁକ୍ତ(ସଂଶୋଧନ) ବିଲ୍–୨୦୨୦ ଏବଂ ଓଡ଼ିଶା ଅତ୍ୟାବଶ୍ୟକ ସେବା (ରକ୍ଷଣାବେକ୍ଷଣ) ସଂଶୋଧନ ବିଲ୍–୨୦୨୦ ଗୃହରେ ଉପସ୍ଥାପନ କରିଥିଲେ। ଏହାସହ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା (ସଂଶୋଧନ) ବିଲ୍–୨୦୨୦କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଓଡ଼ିଶା ସାମୁଦ୍ରିକ ପରିଷଦ ବିଲ୍–୨୦୨୦କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ (ସଂଶୋଧନ) ବିଲ୍–୨୦୨୦କୁ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୃହରେ ଉପସ୍ଥାପନ କରିଥିଲେ। ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀର ନିୟମ ୧୫–କ ଅନୁଯାୟୀ ବିଧାନସଭାର ଗତ ଅଧିବେଶନରେ ପ୍ରାରମ୍ଭିକ ବୈଠକ ଦିବସ ଅର୍ଥାତ୍ ସେପ୍ଟେମ୍ବର ୨୯ ଠାରୁ ରାଜ୍ୟପାଳଙ୍କ ସମ୍ମତି ଲାଭ କରିଥିବା ବିଲ୍ ବିଧାନସଭା ସଚିବ ଦାଶରଥି ଶତପଥୀ ଉପସ୍ଥାପନ କରିଥିଲେ। ଶୁକ୍ରବାର ଗୃହରେ ୨୦୨୦–୨୧ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଆଗତ ହୋଇଥିବା ବେଳେ ଆସନ୍ତା ୩ ଦିନ ଖର୍ଚ୍ଚ ଦାବି ଆଲୋଚନା ହେବ।

# ଟିକା ପାଇଁ ଓଡ଼ିଶାର ପ୍ରସ୍ତୁତି ଜାରି ରହିଛି: ମନ୍ତ୍ରୀ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

- ଅର୍ଥ ଯୋଗାଇବାକୁ କେନ୍ଦ୍ରକୁ ଅନୁରୋଧ କରାଯାଇଛି
- ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରୁଛି ଷ୍ଟିଅରିଂ କମିଟି




କରୋନା ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟ ଡିସେମ୍ବରରେ ଆସିବ ବୋଲି ଆଶଙ୍କା କରାଯାଉଛି। ଏପରିସ୍ଥଳେ ଟିକା କେବେ ଆସିବ ତାହାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ତେବେ ଟିକା ପାଇଁ ରାଜ୍ୟ ସରକାର କିପରି ପ୍ରସ୍ତୁତ ଅଛନ୍ତି ସେନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଟିକା ପାଇଁ କେନ୍ଦ୍ର ସରକାର ଯେଉଁ ଗାଇଡ୍‌ଲାଇନ୍ ଦେଇଥିଲେ, ସେହି ଅନୁସାରେ ପ୍ରସ୍ତୁତି ଜାରି ରହିଛି। ତେବେ ଏ ପର୍ଯ୍ୟନ୍ତ ପୂରା ଖସଡ଼ା ପ୍ରସ୍ତୁତ ହୋଇନାହିଁ। ପ୍ରକ୍ରିୟା ଶେଷ ହେବା ପରେ ଏନେଇ ସୂଚନା ଦିଆଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ, ବୟସ୍କ ଏବଂ ପ୍ରସୂତିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଟିକାକରଣ ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କର୍ମୀଙ୍କ ଡାଟାବେସ୍ ପ୍ରସ୍ତୁତି କାର୍ଯ୍ୟ ସାରିଥିବାବେଳେ ଏବେ ପରିବହନ ଓ କୋଲ୍ଡ ଚେନ୍ ସୁବିଧା ଲାଗି ଅର୍ଥ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏଥିପାଇଁ ଅତିରିକ୍ତ ଭାବେ ୩୩ କୋଟି ୪୮ଲକ୍ଷ ଟଙ୍କା ଯୋଗାଇ ଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ ଡାଟାବେସ୍ ପ୍ରସ୍ତୁତ ସହିତ ତାହାକୁ ପରୀକ୍ଷାମୂଳକ ଭାବେ କୋଭିଡ୍ ପୋର୍ଟାଲରେ ଅପ୍‌ଲୋଡ୍ କରିଛନ୍ତି। ଖୁବ୍‌ଶୀଘ୍ର ଚୂଡ଼ାନ୍ତ ଡାଟାବେସ୍ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପୋର୍ଟାଲରେ ଉପଲବ୍ଧ ହେବ। ପ୍ରସ୍ତୁତ ଡାଟାବେସ୍‌ରେ ୩,୮୯୮ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଓ ୩,୧୭,୬୯୨ଜଣ ସ୍ୱାସ୍ଥ୍ୟ ସେବା କର୍ମୀଙ୍କ ତାଲିକା ରହିଛି। ସେଥିମଧ୍ୟରୁ ୨,୨୪୫ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ ୧,୬୫୩ଟି ଘରୋଇ ପ୍ରତିଷ୍ଠାନ ରହିଛି। ସରକାରୀ ପ୍ରତିଷ୍ଠାନର ୨,୮୦,୬୫୪ ସ୍ୱାସ୍ଥ୍ୟସେବା କର୍ମଚାରୀ ଥିବାବେଳେ ଘରୋଇ ଅନୁଷ୍ଠାନର ୩୭,୦୩୮ଜଣ ରହିଛନ୍ତି। ଟିକାକରଣ ପାଇଁ ବିଭିନ୍ନ ପର୍ଯ୍ୟାୟ ଓ ସ୍ଥାନ ନିରୂପଣ ହୋଇଛି। ନିୟମିତ ଟିକାକରଣ ପାଇଁ ୮,୨୯୭ ଟିକା ପ୍ରଦାନକାରୀ ଏବଂ ୨୯,୨୭୬ଟି ସ୍ଥାନ ଚିହ୍ନଟ ହୋଇଛି। ଇତିମଧ୍ୟରେ ରାଜ୍ୟ ସରକାର ଏଥିପାଇଁ ରାଜ୍ୟ ଷ୍ଟିଅରିଂ କମିଟି, ରାଜ୍ୟ ଓ ଜିଲାସ୍ତରୀୟ ଟାସ୍କଫୋର୍ସ ଆଦି ଗଠନ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ଏଥିପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରୁଥିବା ସୂଚନା ଦିଆଯାଇଛି।

## ବିଧାନସଭାରେ ଶୋକ

**ଭିଡିଓ କନ୍‌ଫରେନ୍ସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପୂର୍ବତନ ବାଚସ୍ପତି ଶରତ ଚନ୍ଦ୍ର କରଙ୍କ ସମେତ ଦିବଂଗତ ବିଧାୟକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ପରମ୍ପରା ଅନୁଯାୟୀ ପୂର୍ବତନ ବାଚସ୍ପତିଙ୍କ ବିୟୋଗରେ ଗୃହ କାର୍ଯ୍ୟ ଗୋଟିଏ ଦିନ ମୁଲତବୀ ରହୁଥିଲା। ହେଲେ ସର୍ବଦଳୀୟ ବୈଠକର ନିଷ୍ପତ୍ତି ଅନୁଯାୟୀ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହର ପ୍ରଥମ ପର୍ଯ୍ୟାୟ ତଥା ପୂର୍ବାହ୍ନ ଅଧିବେଶନକୁ ମୁଲତବୀ ରଖିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସ ଏବଂ ୫ଜଣ ବିଧାୟକ ଲୋକସେବା ଭବନ ସମ୍ମିଳନୀ କକ୍ଷରୁ ଭିଡିଓ କନ୍‌ଫରେନ୍ସରେ ଗୃହ କାର୍ଯ୍ୟରେ ଯୋଗଦେଇଥିଲେ। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଦିବଂଗତ ପୂର୍ବତନ ବାଚସ୍ପତି ଶରତ କର, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଗୁରୁପଦ ନନ୍ଦ, ପୂର୍ବତନ ବିଧାୟକ କାର୍ତ୍ତିକେଶ୍ୱର ପାତ୍ର ଏବଂ କୋଭିଡ୍‌ରେ ଜୀବନ ହରାଇଥିବା କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ଉପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ସିପିଏମ୍ ସଦସ୍ୟ ଲକ୍ଷଣ ମୁଣ୍ଡା ନିଜ ନିଜର ବକ୍ତବ୍ୟ ରଖିବାପରେ ବାଚସ୍ପତି ଦିବଂଗତ ସଦସ୍ୟ ଓ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ।

## ବ୍ୟାଗ୍‌ରୁ ମିଳିଲା ୩୦ଲକ୍ଷ ଟଙ୍କା

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

**ଯୁବକଙ୍କୁ ପଚରାଉଚରା, ନିଜ ଟଙ୍କା ଦାବିକଲେ ବ୍ୟବସାୟୀ**



ଖଣ୍ଡଗିରି ଥାନା ତପୋବନ ଅଞ୍ଚଳରୁ ଶୁକ୍ରବାର ପୋଲିସ ୩୦ ଲକ୍ଷ ଟଙ୍କା ଥିବା ଏକ ବ୍ୟାଗ୍ ଜବତ କରିଛି। ଏହି ଘଟଣାରେ ମହାବୀର ପ୍ରସାଦ ଦାସଙ୍କୁ ଅଟକ ରଖାଯାଇଛି। ସେ ପାରଳାଖେମୁଣ୍ଡିରୁ ଏହି ଟଙ୍କା ଆଣୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି।

ଅନ୍ୟପକ୍ଷରେ ଛତିଆ ଅଞ୍ଚଳର ପ୍ରଳୟ କୁମାର ପାଢ଼ି ଥାନାରେ ପହଞ୍ଚି ମହାବୀର ତାଙ୍କ ସାଙ୍ଗ ଓ ଉକ୍ତ ଟଙ୍କା ତାଙ୍କର ବୋଲି ଦାବି କରିଛନ୍ତି। ପ୍ରଳୟ କହିଛନ୍ତି, ସେ ପାନ ମସଲା ଓ ଗୁଟ୍‌ଖା ହୋଲ୍‌ସେଲିଂ କରନ୍ତି। କଟକ ମାଲ୍‌ଗୋଦାମରୁ ରାଜ୍ୟର ବିଭିନ୍ନ ଜିଲାକୁ ତାଙ୍କ ମାଲ୍ ଯାଇଥାଏ। ମାତ୍ର ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ତାଙ୍କର ଏ ବାବଦ ବକେୟା ଟଙ୍କା ସଂଗ୍ରହ ହୋଇପାରି ନ ଥିଲା। ତେଣୁ ସେ ମହାବୀରଙ୍କୁ ପାରଳାଖେମୁଣ୍ଡିକୁ ବକେୟା ଟଙ୍କା ଆଦାୟ କରିବା ପାଇଁ ପଠାଇଥିଲେ। ମହାବୀର ଭୁବନେଶ୍ୱରରେ ଓହ୍ଲାଇ କଟକ ଯିବା ପାଇଁ ତପୋବନ ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ସମୟରେ ପୋଲିସ ତାଙ୍କୁ ଧରିଥିଲା। ଏହି ଟଙ୍କା ସମ୍ପୂର୍ଣ୍ଣ ଭାବେ ତାଙ୍କର ଓ ଏବାବଦ ସମସ୍ତ କାଗଜପତ୍ର ସେ ପୋଲିସ ନିକଟରେ ଦାଖଲ କରିବେ ବୋଲି କହିଥିଲେ। ସମସ୍ତ କାଗଜପତ୍ର ସହ ଜିଏସ୍‌ଟି ବାବଦରେ ଯାଞ୍ଚ ସରିବା ପରେ ଯଦି କିଛି ଖିଲାପ ହୋଇଥିବା ଜଣାପଡିବ, ତା'ହେଲେ ମାମଲାକୁ ଆୟକର ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।


ଜିଏସ୍‌ଟି ଫାଙ୍କିବାକୁ ଏପରି ବେଆଇନ ଭାବେ ଟଙ୍କା ନେଣଦେଣ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଖଣ୍ଡଗିରି ତପୋବନ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ମହାବୀରଙ୍କୁ ତପୋବନ ପେଟ୍ରୋଲ ପମ୍ପ ନିକଟରେ ଏକ ବ୍ୟାଗ୍ ଧରି ସନ୍ଦେହଜନକ ଅବସ୍ଥାରେ ଛିଡା ହୋଇଥିବା ଦେଖି ପୋଲିସ ତାଙ୍କ ଏୟାର ବ୍ୟାଗ୍ ଯାଞ୍ଚ କରିଥିଲା। ତାହା ଭିତରେ ଥିବା ଏକ ବଡ଼ ପାନମସଲା ଜରି ବ୍ୟାଗ୍‌ରେ ବିଡା ବିଡା ଟଙ୍କା ରଖାଯାଇଥିବା ଦେଖିବା ପରେ ପୋଲିସ ମହାବୀରଙ୍କୁ ଥାନାକୁ ନେଇଥିଲା।

# 'ପ୍ରସାଦ ଯୋଜନା'ରୁ ଓଡ଼ିଶା ଓହରିଲା

ବଲାଙ୍ଗୀର ଅଫିସ, ୨୦।୧୧

- ପୁରୀକୁ ନେଇ ରାଜନୀତି ବେଶି କାମ କମ୍
- ସୂଚନା ଆଇନ ଅଧିକାରରେ ମିଳିଲା ତଥ୍ୟ

ଧାର୍ମିକ ଓ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରୁ ଓଡ଼ିଶା ଓହରି ଯାଇଥିବା ଜଣାପଡିଛି। ସୂଚନା ଅଧିକାର ଆଇନ ବଳରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ମିଳିଥିବା ତଥ୍ୟକୁ ଆଧାର କରି ବଲାଙ୍ଗୀର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏଭଳି ସୂଚନା ଦେଇଛନ୍ତି। ପୁରୀର ୭ଟି ପ୍ରକଳ୍ପ ଯଥା ତୀର୍ଥ ଯାତ୍ରୀ ସୁବିଧା କେନ୍ଦ୍ର, ଜଗନ୍ନାଥ ଧାମ ସମୁଦ୍ର କୂଳ, ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ, ରାମଚଣ୍ଡୀ ମନ୍ଦିର, ଗୁଣ୍ଡିଚା ମନ୍ଦିର, ପ୍ରାଚୀ ନଦୀ ସାମ୍ନା ଦେଉଳୀ, ମା' ମଙ୍ଗଳା ମନ୍ଦିରର ବିକାଶ ପାଇଁ ୨୦୧୪–୧୫ରେ ପ୍ରସାଦ ଯୋଜନା ମାଧ୍ୟମରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିକାଶ ନିଗମ ଦାୟିତ୍ୱ ନେଇଥିଲା। କିନ୍ତୁ ଦୀର୍ଘ ୬ ବର୍ଷ ପରେ ମଧ୍ୟ ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ଜଗନ୍ନାଥ ଧାମ ସମୁଦ୍ର କୂଳ, ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳୀ ଏବଂ ରାମଚଣ୍ଡୀ ମନ୍ଦିର ପ୍ରକଳ୍ପଗୁଡିକର କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଦର୍ଶାଇ ରାଜ୍ୟ ପର୍ଯ୍ୟଟନ ବିଭାଗ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରୁ ଓହରି ଯାଇଥିବା କଥା ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଳ କୁମାର ଦେବ ଭାରତ ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ନଂ. ୫୧୯୦ ଜରିଆରେ ଗତ ଅଗଷ୍ଟ ୧ରେ ଜଣାଇଛନ୍ତି। ବହୁବାର ଆଲୋଚନା ପରେ ମଧ୍ୟ ଏହି ପ୍ରକଳ୍ପଗୁଡିକର କାର୍ଯ୍ୟାରମ୍ଭ ନ ହେବାରୁ ରାଜ୍ୟ ସରକାର ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଚିଠିରେ ଉଲ୍ଲେଖ ରହିଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରାଜନୈତିକ ବିବାଦରେ ଛନ୍ଦି ହୋଇଥିବା ବହୁ ଚର୍ଚ୍ଚିତ ବଗଲା ଧର୍ମଶାଳାସ୍ଥିତ ଶ୍ରୀ ଜଗନ୍ନାଥ ବିଶ୍ରାମ ସ୍ଥଳୀ ମଧ୍ୟ ରହିଛି। ଏହା ପୂର୍ବରୁ ଗତ ୩୦ ଅକ୍ଟୋବର ୨୦୧୯ରେ ଓଡ଼ିଶା ସରକାର କାର୍ଯ୍ୟ ବନ୍ଦ କରିବା ପାଇଁ ଅନୁରୋଧ କରି ଭାରତ ପର୍ଯ୍ୟଟନ ବିକାଶ ନିଗମକୁ ଜଣାଇଥିଲେ। ଦେଶ ଶାସନର ମଙ୍ଗ ଧରିଥିବା ଦଳ ପୁରୀକୁ ନେଇ ଅନେକ କଥା କହୁଥିବାବେଳେ ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶକୁ ନେଇ ଦେଖାଦେଇଥିବା ସମସ୍ୟାକୁ ଦୂର କରିବା ପାଇଁ ପଦକ୍ଷେପ ନ ନେବା ନକାରାତ୍ମକ ରାଜନୀତିର ପରିଚାୟକ ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି।



ଏକ ସମୟରେ ମନୁଷ୍ୟ ପାଇଁ ପାପବୋଧ ଦରକାର ଥିଲା। ତା' ଫଳରେ ନିଜକୃତ ଦୋଷତ୍ରୁଟି ଉପରେ ତା'ର ଘୃଣା ଆସେ। ଏହା ଯେପରି ମଣିଷର ଅହଂକାର ଉପରେ ଭଗବାନଙ୍କର ସମାର୍ଜନୀ ! କିନ୍ତୁ ଭଗବାନଙ୍କର ଏହି କୌଶଳଟିର ବିରୁଦ୍ଧରେ ମଣିଷର ଅହଂକାର ସ୍ଥାପନ କଲେ, ନିଜ ପାପ ସମ୍ବନ୍ଧେ ବୋଧ କମିଯାଏ ଓ ଅନ୍ୟର ପାପ ସମ୍ବନ୍ଧେ ବୋଧ ବଢ଼ିଯାଏ। -ଶ୍ରୀଅରବିନ୍ଦ

# ଗଡ଼କରୀ କାହିଁକି ରାଗିଛନ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ମୁଖ୍ୟାଳୟ ନିର୍ମାଣକୁ ନେଇ ବିଳମ୍ବ ହୋଇଥିବା ଯୋଗୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ନିକଟରେ ଏନ୍‌ଏଚ୍‌ଏଆଇ ଅଧିକାରୀମାନଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ତାଙ୍କ ଚିରାଚରିତ ଢଙ୍ଗରେ ହସି ହସି ସେ ଏଭଳି ଭର୍ତ୍ସନା କରିଥିଲେ। ଏହା ଏନ୍‌ଏଚ୍‌ଏଆଇ ବାବୁମାନଙ୍କୁ ଶକ୍ତ ଆଘାତ ଦେଇଥିଲା ଏବଂ ସେମାନେ ଏଥିରେ ଖୁବ୍ ଦୁଃଖିତ ହୋଇଥିଲେ। ଗଡ଼କରୀଙ୍କ ସଚ୍ଚୋଟତା ବା ସ୍ପଷ୍ଟବାଦିତା ଆଚରଣରେ (ଯାହା କ୍ୱଚିତ ରାଜନେତାଙ୍କଠାରେ ଦେଖାଯାଏ) ଏହା ଥିଲା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଘଟଣା। ସେ ଏନ୍‌ଏଚ୍‌ଏଆଇ ବିଲ୍ଡିଂ ଉଦ୍‌ଘାଟନ ଭଳି ଏକ ଖୁସିର କାର୍ଯ୍ୟକ୍ରମକୁ ଦେଶରେ ଅମଲାତନ୍ତ୍ରଙ୍କ ଅପାରଗତାର ଏକ କଠୋର ସମାଲୋଚନା ଭିତ୍ତିକ ପରିବେଶରେ ପରିବର୍ତ୍ତନ କରିଦେଇଥିଲେ।

ଏନ୍‌ଡିଏ ସରକାରଙ୍କ ୬ ବର୍ଷରୁ ଊର୍ଦ୍ଧ୍ୱ ଶାସନକାଳରେ ଏଭଳି ଘଟି ନ ଥିଲା। ୬ ବର୍ଷ ପୂର୍ବେ ମୋଦି ସରକାର ଯେତେବେଳେ କ୍ଷମତାକୁ ଆସିଲା ପରେ ଅର୍ଥନୀତିକୁ କ୍ରିୟାଶୀଳ କରିବା,ଭିତ୍ତିଭୂମିର ବିକାଶକୁ ନିରୀକ୍ଷଣ କରିବା,ସରକାରୀ କାର୍ଯ୍ୟଧାରାରେ ଉନ୍ନତି ଆଣିବା ତଥା ଦୁର୍ନୀତି ନିୟନ୍ତ୍ରଣ କରିବା ପାଇଁ ଏକ ବିରାଟ ପ୍ରତ୍ୟାଶା ନେଇ ଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ଏହାର ବଡ଼ ବଡ଼ ଅର୍ଥନୈତିକ ସଂସ୍କାରଗୁଡ଼ିକ ଏଯାବତ ଆଗେଇ ପାରିନାହିଁ କିମ୍ବା ରାଜନୈତିକ ବିରୋଧ ଯୋଗୁ ପଛେଇ ଯାଇଛି। ସରକାରଙ୍କ ଦୁଇଟି ବଡ଼ ଧରଣର ଅର୍ଥନୈତିକ ସଂସ୍କାର ଥିଲା ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଭାବେ ଲାଗୁ କରାଯାଇଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)। ଏହା ଏବେ ବିପର୍ଯ୍ୟସ୍ତ ହୋଇରହିଛି। କିନ୍ତୁ ଗୋଟିଏ କ୍ଷେତ୍ରରେ କିଛି ପରିବର୍ତ୍ତନ ହୋଇଥିବାର ଲକ୍ଷ୍ୟ କରାଯାଉଥିଲା ତାହା ହେଉଛି ଅମଲାତନ୍ତ୍ରୀ। ଏହା ସ୍ପଷ୍ଟଭାବେ ସୂଚିତ କରୁଛି ଯେ, ମୋଦିଙ୍କ ଦୃଷ୍ଟିକୋଣରେ ସଭାବାଦୀତାର ଛବି ଦେଖାଯାଉଥିବା ସତ୍ତ୍ୱେ ଭାରତରେ ଅମଲାତନ୍ତ୍ରୀର ମୂଳଦୁଆ ସମ୍ପୂର୍ଣ୍ଣ ଦୋହଲି ଯାଇଛି। ଏହା ସେମାନଙ୍କ ନିଦ ହଜେଇ ଦେଇଛି। ସକ୍ରିୟ ଶାସନ ବ୍ୟବସ୍ଥାର ନୂଆ ଧାଞ୍ଚା ପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରିଛି।

ଏବେ ଗଡ଼କରୀଙ୍କଠାରୁ ଏହା ଶୁଣିବା ପରେ ଏହି ଘଟଣାରେ ଜଣାପଡୁଛି ଯେ, ପ୍ରଶାସନରେ ମଧ୍ୟ ଆଜ୍ଞାପାଳନ କରୁ ନ ଥିବା ବାବୁମାନେ ଅଛନ୍ତି। ଡାଇରେକ୍ଟ ଆକ୍ସେସ, ପ୍ରକ୍ରିୟାର ସରଳୀକରଣ ଏବଂ ନିଷ୍ପତ୍ତି ନେବା ଓ ଲାଗୁ କରିବାରେ ଦେଖାଯାଉଥିବା ବିଳମ୍ବ ଦୂର କରିବା ଆଦି ମୋଦି ସରକାରଙ୍କ ସଂସ୍କାର ଭିତ୍ତିକ ଧାରାରେ କାମ କରିବାକୁ ଏମାନେ ପସନ୍ଦ କରୁନାହାନ୍ତି। ଏହି ଅବସ୍ଥା ୟୁପିଏ-୨ ଶାସନ କାଳରେ ଦେଖାଦେଇଥିବା ପ୍ରଶାସନିକ ସ୍ଥାଣୁତାକୁ ଫେରିଗଲା ଭଳି ମନେହେଉଛି। ଶୀର୍ଷ ସ୍ତରରୁ ସବୁଜ ସଙ୍କେତ ଥିବା ସତ୍ତ୍ୱେ ଦିଲ୍ଲୀରେ ରହୁଥିବା ବାବୁମାନେ ନିର୍ଣ୍ଣୟ ନେବା ତଥା ଗୋଟିଏ ମନ୍ତ୍ରାଳୟରୁ ଆଉ ଏକ ମନ୍ତ୍ରାଳୟକୁ ଫାଇଲ ମୁଭ କରିବା ଆଗ୍ରହ ପ୍ରକାଶ କରୁନାହାନ୍ତି।

ଗଡ଼କରୀ ଅମଲାତନ୍ତ୍ରୀକୁ ଯେଭଳି ସମାଲୋଚନା କଲେ ବାସ୍ତବରେ ତାହା ଅନ୍ୟ ପଲିଟିକାଲ ଏକ୍‌ଜିକ୍ୟୁଟିଭଙ୍କ କ୍ଷେତ୍ରରେ ଦେଖିବା ବିରଳ। କେନ୍ଦ୍ରରେ ଏବକାର ଶାସନ ବ୍ୟବସ୍ଥା ପୂର୍ବ ସରକାରଙ୍କଠାରୁ ଅମଲାତାନ୍ତ୍ରିକ ଦୁର୍ନୀତି ଏବଂ ଅପାରଗତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ଢ଼େର ଆଗକୁ ଯାଇପାରିଛି। ଦୁର୍ନୀତିରେ ଲିପ୍ତ ତଥା ଅପାରଗ ଶହ ଶହ ବାବୁଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଗତ ବର୍ଷ ଯେତେବେଳେ ମୋଦି ସରକାର ପୁଣି କ୍ଷମତାକୁ ଫେରିଲା ସେତେବେଳେ ପ୍ରଥମେ ୨୭ ଜଣ ଆଇଆର୍‌ଏସ୍ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲା। ଏହାକୁ ଅନୁସରଣ ପୂର୍ବକ ଅପାରଗ ବାବୁମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ମୁକ୍ତି ପାଇବା ଜରୁରୀ ବୋଲି ଉପଲବ୍ଧି କରି ସରକାର ବିଭିନ୍ନ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହି ବାର୍ତ୍ତାକୁ ପୁଣି ଥରେ ଗଡ଼କରୀ ତାଙ୍କ ବାବୁମାନଙ୍କ ସମ୍ମୁଖରେ ସ୍ପଷ୍ଟ କରିଦେଲେ। ତେବେ ଏବେ ଏହି ଘଟଣା ପରେ ସରକାର ସିରିୟସ ନ ଥିଲେ ବୋଲି କେତେ ଜଣ ବାବୁ ଅନୁଭବ କଲେ। କିନ୍ତୁ ଏହା କ'ଣ ସାମଗ୍ରିକ ଚିତ୍ର। ବିଫଳତା ପାଇଁ ଜଣେ କାରିଗର ତାଙ୍କ ନିଜ ଯନ୍ତ୍ରପାତି ସହ ଝଗଡ଼ା କରିବା ଭଳି ସମ୍ଭବତଃ ଏହା ଏକ ପ୍ରତିକୂଳ ପକ୍ଷ ହୋଇପାରେ। ଯାହା ହେଉ ମନ୍ତ୍ରୀଙ୍କ ଦ୍ୱାରା ଭର୍ତ୍ସିତ ହୋଇଥିବା ସେହି ବାବୁମାନେ ମଧ୍ୟ ସେହି ସମାନ ନିୟମ ଓ ପଦ୍ଧତି ଉପଯୋଗ କରି ଆଶ୍ଚର୍ଯ୍ୟଜନକ ଭାବେ ଦିନକୁ ୩୦ କି.ମି. ହାରରେ ଜାତୀୟ ରାଜପଥ ନିର୍ମାଣ କରିଛନ୍ତି! ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ,ପଲିଟିକାଲ ଏକ୍‌ଜିକ୍ୟୁଟିଭ ଅଯୋଗ୍ୟ ଏବଂ ନିକମା ବାବୁମାନଙ୍କୁ ସିଷ୍ଟମରେ ରହି କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିବା ଦୋଷର ମଧ୍ୟ ଭାଗୀଦାରି ହେବା ଉଚିତ। କାରଣ ସେମାନଙ୍କୁ ତଥା ସେମାନଙ୍କ ଲୋକାଭିମୁଖୀ ନୀତିକୁ ସୁହାଇବା କାରଣରୁ ସେମାନେ ଏଭଳି କରିଛନ୍ତି। ଶାସନରେ ଥିବା ଦୁର୍ନୀତି କିମ୍ବା ଦୁର୍ନୀତିଗ୍ରସ୍ତ ନେତା ଓ ବାବୁମାନଙ୍କର କ୍ଷତିକାରକ ଶକ୍ତିକୁ ଦୂର କରିବା ଲାଗି ସରକାରଙ୍କ ଅଭିଯାନର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗଡ଼କରୀ ଏବଂ ସରକାର କ'ଣ ସାହସ ଜୁଟାଇପାରିବେ?

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | 8 | | 2 | | | | | | E | | | |
| | | | | | | | | B | | 1 | 7 | C | 0 | 3 |
| 2 | | | | | | E | | | | 8 | | | | 4 |
| C | 0 | | | | | 2 | 5 | | | | 4 | 1 | | |
| 9 | | D | | | | C | | 4 | | | | B | | |
| 1 | C | 7 | | E | | | | 8 | | A | | D | 6 | |
| A | | 2 | | 7 | 5 | | 9 | D | B | | | | 8 | |
| | | | | | 6 | | E | A | | | | | 2 | |
| B | | 0 | | | | | | | | D | 9 | A | | |
| | 5 | | | | | | | | | | 0 | | | |
| | | | | D | | | 0 | 5 | | 6 | | | C | B |
| | B | | | | E | | 7 | | | | | 0 | 3 | |
| | | | | | | | 6 | | E | 9 | | | | |
| 8 | 6 | | 9 | | | | | C | 0 | | 2 | | | A |
| 0 | 4 | | | | | A | B | | C | | 3 | 5 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | C | E | 4 | D | B | 0 | 1 | 6 | 2 | 5 | 3 | A | 7 |
| D | E | 1 | B | 5 | 7 | 2 | 6 | 9 | 8 | A | 3 | 0 | 4 | C |
| A | 6 | 2 | 3 | C | 0 | D | 7 | 8 | B | 9 | 4 | 5 | 1 | E |
| 0 | 7 | B | 9 | A | 2 | 5 | 4 | 3 | 1 | C | E | 8 | 6 | D |
| 5 | 3 | 4 | 1 | 8 | 6 | E | A | C | 0 | D | 7 | B | 9 | 2 |
| 1 | 0 | 6 | 8 | 7 | 3 | A | C | E | 9 | B | 2 | D | 5 | 4 |
| 7 | D | A | 0 | B | E | 6 | 9 | 2 | 5 | 4 | 8 | C | 3 | 1 |
| 4 | 9 | 5 | A | 2 | 1 | 8 | D | B | C | 3 | 6 | 7 | E | 0 |
| 8 | 2 | 3 | C | D | 4 | 0 | 1 | 5 | E | 7 | A | 9 | B | 6 |
| C | B | E | 5 | 6 | 9 | 7 | 3 | 4 | D | 1 | 0 | 2 | 8 | A |
| 3 | 5 | 8 | 6 | 1 | B | 4 | 2 | A | 7 | 0 | C | E | D | 9 |
| B | 4 | D | 7 | E | C | 1 | 8 | 0 | 3 | 6 | 9 | A | 2 | 5 |
| 6 | C | 7 | 2 | 3 | A | 9 | E | D | 4 | 5 | B | 1 | 0 | 8 |
| E | A | 9 | D | 0 | 5 | C | B | 6 | 2 | 8 | 1 | 4 | 7 | 3 |
| 2 | 1 | 0 | 4 | 9 | 8 | 3 | 5 | 7 | A | E | D | 6 | C | B |

ଗତକାଲିର ଉତ୍ତର

# ଆର୍ଥିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦ



ପ୍ରକାଶ ତ୍ରିପାଠୀ

ବିଶ୍ୱ ମତ୍ସ୍ୟ ଦିବସ ପ୍ରତିବର୍ଷ ନଭେମ୍ବର ୨୧ ତାରିଖରେ ପାଳନ କରାଯାଏ। ମତ୍ସ୍ୟ ଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ବ୍ୟବସାୟୀ ଓ ମାଛ ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡ଼ିତ ଥିବା ପ୍ରତ୍ୟେକ ସଂଗଠନ ଓ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱବ୍ୟାପୀ ଏହି ଦିବସ ଖୁବ୍ ସମାରୋହରେ ପାଳିତ ହୁଏ। କୋଟି କୋଟି ବିଶ୍ୱବାସୀଙ୍କୁ ଖାଦ୍ୟ ଯୋଗାଉ ଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ବିଗତ ବର୍ଷର ମାଛଧରା କାର୍ଯ୍ୟକ୍ରମର ପୋଷଣୀୟ ପରିଚାଳନା କେତେଦୂର କାର୍ଯ୍ୟକାରୀ ହୋଇଛି ଓ ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଏବଂ ଏହାର ଗୁରୁତ୍ୱ ନିଦର୍ଶନ ପାଇଁ ଏହି ଦିବସର ପାଳନ ଏକ ଯଥାର୍ଥ ପଦକ୍ଷେପ।

ପୃଥିବୀରେ ଜୀବନ ସର୍ଜନା ଆରମ୍ଭରୁ ମତ୍ସ୍ୟ ସମ୍ପଦର ଉପସ୍ଥିତିକୁ ଉଭୟ ଜୀବ ବିଜ୍ଞାନୀ ଓ ଭଗବତବିଶ୍ୱାସୀମାନେ ଗ୍ରହଣ କରନ୍ତି। ମାଛ ଏକ ସୁଷମ, ପୁଷ୍ଟିକର, ସହଜ ଉପଲବ୍ଧ ଓ ସ୍ୱାଦଯୁକ୍ତ ହୋଇଥିବାରୁ ଏବେ ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ଶହେ କୋଟିରୁ ଊର୍ଦ୍ଧ୍ୱ । ବାର୍ଷିକ ୧୦୦ ନିୟୁତ ଟନ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ପ୍ରତ୍ୟେକ ବିକାଶଶୀଳ ଦେଶଗୁଡ଼ିକର ପ୍ରଗତି ପଛରେ ମତ୍ସ୍ୟସମ୍ପଦର ଭୂମିକା ଉଲ୍ଲେଖନୀୟ। ବିଶ୍ୱରେ ଆବଶ୍ୟକ ପଡୁଥିବା ଡାଏଟାରୀ ପ୍ରୋଟିନର ଶତକଡା ୨୫ଭାଗ କେବଳ ମାଛ ହିଁ ଭରଣା କରିଥାଏ। ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନରେ ବର୍ତ୍ତମାନ ବିଶ୍ୱରେ ଭାରତର ସ୍ଥାନ ତୃତୀୟ ଓ ଜଳକୃଷିରେ ଦ୍ୱିତୀୟ। ମତ୍ସ୍ୟ ସମ୍ପଦ ୧୪୫ ନିୟୁତ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି। ଦେଶର ମୋଟ ଘରୋଇ ଉତ୍ପାଦନ (ଜିଡିପି) ରେ ଏହାର ଅବଦାନ ଶତକଡା ୧.୦୭ ଓ ବାର୍ଷିକ ରପ୍ତାନି ୩୩୪୯୯କୋଟି ଟଙ୍କାକୁ ଟପି ଗଲାଣି। ଭାରତୀୟ କୃଷିର ୫.୩ ଭାଗ ଅଧିକୃତ କରିଥିବା ମତ୍ସ୍ୟ ସମ୍ପଦ ଦେଶର ଖାଦ୍ୟ ନିରାପତ୍ତା ଯୋଗାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୮୦୦୦ କିଲୋମିଟର ଉପକୂଳ ଏବଂ ଦୁଇ ନିୟୁତ ବର୍ଗକିଲୋମିଟରର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସୃଷ୍ଟିକରିଛି ଅଭିବୃଦ୍ଧିର ଅନେକ ଆଶା। ଏହା ସହ ୧୯୭୦୨୪ କିଲୋମିଟର ନଦୀ ଓ କେନାଲ, ୩.୧୫ ନିୟୁତ ହେକ୍ଟର ପରିମିତ ଜଳଭଣ୍ଡାର, ୨୩୫ ନିୟୁତ ହେକ୍ଟର ପୋଖରୀ,୧.୨୪ ନିୟୁତ ହେକ୍ଟର ଖାରି ପାଣି ଅଞ୍ଚଳ, ୦.୨୯ ନିୟୁତ ହେକ୍ଟର ନଦୀ ମୁହାଁଣ ଓ ୧.୩ ନିୟୁତ ହେକ୍ଟର ପରିମିତ ଛୋଟ ବଡ ହ୍ରଦ ଭାରତର ମତ୍ସ୍ୟ ସମ୍ପଦକୁ କରିଛି ଉନ୍ନତ। ବାର୍ଷିକ ୧୩ ନିୟୁତ ଟନ ମାଛ ଉତ୍ପାଦନ କରୁଥିବା ଭାରତ ଆଗାମୀ ଦୁଇବର୍ଷ ମଧ୍ୟରେ ଏହାକୁ ୨୦ ନିୟୁତ ଟନକୁ ବୃଦ୍ଧିକରିବା ପାଇଁ ପ୍ରସ୍ତାବ ରହିଛି ଓ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ଭାରତର ଅନ୍ୟତମ ଉପକୂଳ ରାଜ୍ୟଭାବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ମଧ୍ୟ ଏକ ଅଗ୍ରଣୀ ରାଜ୍ୟ। ୬.୮୫ ଲକ୍ଷ ହେକ୍ଟର ମଧୁର ଜଳକ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର, ୪୮୦ କିଲୋମିଟର ଉପକୂଳ କ୍ଷେତ୍ରର ଜଳ ସମ୍ପଦରୁ ବାର୍ଷିକ ୮.୧୬ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ କରିବାକୁ ସକ୍ଷମ ହେଉଛି ଓଡ଼ିଶା।

ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ବିଶ୍ୱରେ ଥିବା ପ୍ରାକୃତିକ ଜଳଉତ୍ସ ଯଥା ସମୁଦ୍ର, ମଧୁର ଜଳ ଓ ଖାରିଜଳରେ ଥିବା ମତ୍ସ୍ୟ ସମ୍ପଦର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା। ବ୍ୟାପକ ମତ୍ସ୍ୟ ଚାଷ ସତ୍ତ୍ୱେ ବି ପ୍ରାକୃତିକ ଜଳଉତ୍ସରୁ ମାଛ ଧରାଯାଇ ଚାହିଦା ପୂରଣ କରାଯାଉଥିବାରୁ ପ୍ରାକୃତିକ ଜଳଉତ୍ସଗୁଡ଼ିକର ପୋଷଣୀୟ ପରିଚାଳନାର ଆବଶ୍ୟକତା ରହିଛି। ସମୁଦ୍ର, ନଦୀ, ହ୍ରଦ, ନଦୀମୁହାଁଣ,ଆର୍ଦ୍ର ଭୂମି, କୋରାଲ ରିଫ ଉପରେ ଆଗାମୀ ଦିନରେ ଅଧିକ ଚାପ ରହିବ। ଏହାରି ଉପରେ ହିଁ ନିୟୁତ ନିୟୁତ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକା ନିର୍ଭର କରିଥାଏ। ଏହି ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନାର ପ୍ରସଙ୍ଗ ଆଲୋଚନା ବେଳକୁ ସାଧାରଣତଃ ଏହି ବର୍ଗଙ୍କୁ ଉପେକ୍ଷା କରାଯାଇଥାଏ। ପ୍ରାକୃତିକ ଜଳଉତ୍ସର ମତ୍ସ୍ୟ ସମ୍ପଦର ସୁପରିଚାଳନା ତଥା ଏହାର ବଂଶବୃଦ୍ଧି ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପାଇଁ ବର୍ତ୍ତମାନ ବିଶ୍ୱ ମତ୍ସ୍ୟ ନୀତିର ବ୍ୟାପକ ପରିବର୍ତ୍ତନ ଆବଶ୍ୟକ – ଏହା ହିଁ ବିଶ୍ୱ ମତ୍ସ୍ୟ ଦିବସର ମୁଖ୍ୟ ଆହ୍ୱାନ।

ବିଶ୍ୱର ପ୍ରତି ଦଶଜଣରେ ଜଣେ ମଣିଷ ନିଜ ପରିବାର ଭରଣପୋଷଣ ପାଇଁ ଜଳକୃଷି ତଥା ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରିଥାଏ। ମତ୍ସ୍ୟ କ୍ଷେତ୍ରରେ ଧରାଯାଉଥିବା ମାଛର ବଂଶବୃଦ୍ଧି ତଥା ପୋଷଣୀୟ ପରିବେଶ ସୃଷ୍ଟି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ଏହି କ୍ଷେତ୍ରରେ ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି, ସେମାନଙ୍କ ରୋଜଗାର ଓ ଜୀବିକା ସୁନିଶ୍ଚିତ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଉଭୟ ପ୍ରାକୃତିକ ଜଳଉତ୍ସ, ମତ୍ସ୍ୟ ସମ୍ପଦ, ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ପାଇଁ ସଚେତନତା ତଥା ବିଶ୍ୱ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଏ। ଶୋଭାଯାତ୍ରା, ସଭା, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ସମ୍ପଦର ଗୁରୁତ୍ୱକୁ ପ୍ରତିପାଦନ କରାଯାଇଥାଏ। ବିଶ୍ୱ ମତ୍ସ୍ୟ ଦିବସ ପାଳନ କେବଳ ମତ୍ସ୍ୟ ଉତ୍ସ, ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଆଲୋକପାତ କରିବାରେ ସୀମିତ ନୁହେଁ, ମତ୍ସ୍ୟ ବିବିଧତାର ପରିମାଣ ଦ୍ୱାରା ଜଳଉତ୍ସର ମାନ ବି ନିର୍ଦ୍ଧାରଣ କରାଯିବା ଉଚିତ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛିବର୍ଷ ହେବ ସୂଚିତ କରେ ଯେ, ମାଛ ବସତି ଅଞ୍ଚଳଗୁଡ଼ିକର ମାନ ଠିକ ନାହିଁ। ଯଦି ଏହାପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ। ବିଶେଷ କରି ଶିଳ୍ପ କ୍ଷେତ୍ର, କୃଷିକ୍ଷେତ୍ର, ଘରୋଇ ତଥା ସହରର ବର୍ଜ୍ୟଜଳ ନିଷ୍କାସନ ତଥା ତୈଳ ଓ ପ୍ଲାଷ୍ଟିକ ଯୋଗୁ ଉପକୂଳ ସମୁଦ୍ରର ଜଳ ବହୁ ମାତ୍ରାରେ ପ୍ରଦୂଷିତ ହେଉଛି । ମାଛ ବଂଶ ପ୍ରତି ଏହା ସଙ୍କଟ ସୃଷ୍ଟି କରୁଛି। ମାଛ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ବି ଏହା ଦ୍ୱାରା ପ୍ରଭାବିତ ହେଉଛି। ଫଳରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ବହୁଦୂର ଗଭୀର ସମୁଦ୍ର ଉପରେ ନିର୍ଭର କରିବାକୁ ପଡୁଛି।

ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢୁଛି। ଆବଶ୍ୟକତାଠାରୁ ଅଧିକ ମାଛ ଧରାହେଉଛି। ସମୁଦ୍ରରୁ ଅତି ନିମ୍ନ ସ୍ତରରୁ ବା ବଟମ ଟ୍ରଲିଙ୍ଗ ଦ୍ୱାରା ବେଆଇନ ମାଛଧରା ବି ମାଛ ବଂଶ ହ୍ରାସର ଏକ ପ୍ରମୁଖ କାରଣ। ମିଳିତ ଜାତିସଂଘ ତଥ୍ୟ ଅନୁଯାୟୀ ସମୁଦ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଜଳଉତ୍ସ ଗୁଡ଼ିକର ଦୁଇତୃତୀୟାଂଶରେ ମାତ୍ରାଧିକ ମାଛ ଧରାଯାଉଛି। ଏକ ତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱ ତାପାୟନ ଓ ଅସ୍ୱାସ୍ଥ୍ୟକର ମାଛ ବସତି ଅଞ୍ଚଳ ଯୋଗୁ ମାଛ ବଂଶବୃଦ୍ଧି ଆଶାନୁରୂପ ହୋଇପାରୁନାହିଁ। ଏଣୁ ମତ୍ସ୍ୟ ବିବିଧତା, ମାଛ ବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ। ଯୁକ୍ତରାଷ୍ଟ୍ର ଆମେରିକାର ପଶ୍ଚିମ ଉପକୂଳର ୨୭୩୯ ବର୍ଗ କିଲୋମିଟରର ସାମୁଦ୍ରିକ ଅଞ୍ଚଳକୁ ୨୦୧୧ରେ ମାଛଧରା ନିଷେଧ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ୨୦୧୮ରେ ସେହି ଅଞ୍ଚଳରେ ମାଛ ବଂଶ ଆଶାତୀତ ଭାବେ ବୃଦ୍ଧି ପାଇବା ପରେ ସେଠାରେ ମାଛ ମାରିବାକୁ ଅନୁମତି ମିଳିଛି। ଏବେ ୧୩୬୦୦୦ ମାଇଲ ଅଞ୍ଚଳକୁ ସଂରକ୍ଷିତ ଘୋଷଣା କରାଯାଇଛି। ଅଲିଭ ରିଡ଼ଲେ କଇଁଛ ସୁରକ୍ଷା ପାଇଁ ଓଡ଼ିଶା ଉପକୂଳରେ ପ୍ରତିବର୍ଷ ମାଛଧରା କଟକଣା ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ମାଛବଂଶ ବୃଦ୍ଧିପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ କରାଯାଉଛି। ଜଳଭଣ୍ଡାରଗୁଡ଼ିକରେ ଉନ୍ନତ ମାଛ ଯାଁଳ ଛଡାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରମାନଙ୍କର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ଫଳରେ ଓଡ଼ିଶାରେ ଥିବା ୧୩୮ ଗୋଟି ଜଳଭଣ୍ଡାରର ଦୁଇ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳ କେବଳ ଜଳସେଚନ ପାଇଁ ବ୍ୟବହୃତ ହୋଇ ଆସୁଥିବା ଓ ମାଛ ବଂଶ ଲୋପ ପାଇ ଆସୁଥିଲା ବେଳେ ଏବେ ଏଠାରେ ମାଛ ଯାଁଳ ଛଡ଼ାଯାଇ ମାଛବଂଶ ବୃଦ୍ଧି ସହ ଉତ୍ପାଦନ ବି ସମ୍ଭବ ହୋଇପାରିଛି।

ମହିଳାମାନଙ୍କ ଆର୍ଥିକ ବିକାଶ ଘଟାଇବା ସହ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିକରିବା ଲକ୍ଷ୍ୟରେ ରାଜ୍ୟରେ ଥିବା ଗ୍ରାମ ପଞ୍ଚାୟତ ପୋଖରୀଗୁଡ଼ିକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ଲିଜ ଦିଆଯାଇ ମାଛ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ପୁନଃକ୍ଷମ କରିବା ତଥା ଏହାର ସଭ୍ୟା-ସଭ୍ୟମାନଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ ଦୁଇ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ତଥା ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ମାଛଚାଷରେ ରିହାତି, ନୂତନ ପୋଖରୀ ଖନନ, ଭିତ୍ତିଭୂମିର ବିକାଶ, ଉନ୍ନତ ଜ୍ଞାନ କୌଶଳ ଯୁକ୍ତ ମାଛ ଚାଷ ପାଇଁ ପ୍ରୋତ୍ସାହନ ଓ ତାଲିମ ପ୍ରଦାନ, ମାଛ ଚାଷରେ ବ୍ୟବହୃତ ଉପକରଣ ପ୍ରଦାନ, ସେମାନଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ମେଧାବୃତ୍ତି ପ୍ରଦାନ, ସେମାନଙ୍କ ପରିବାରକୁ ବିମାଭୁକ୍ତ କରିବା ଆଦି କାର୍ଯ୍ୟକ୍ରମ ମାଛ ଚାଷ ପ୍ରତି ସାଧାରଣରେ ଆଗ୍ରହ ବୃଦ୍ଧି କରୁଛି। ଜଳସମ୍ପଦ, ମତ୍ସ୍ୟସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଂଗଠନ, ଉଦ୍ୟୋଗୀଙ୍କ ବିକାଶକୁ ମଧ୍ୟ ଦୃଷ୍ଟି ଦିଆଯାଇ ପାରିଲେ ବିଶ୍ୱ ମତ୍ସ୍ୟଦିବସ ପାଳନ ଯଥାର୍ଥ ହୋଇପାରିବ।

ମୋ-୯୪୩୭୨୩୨୪୬୩
prakas.tripathy09@gmail.com

# ବଞ୍ଚିବା ମୋର ଅଧିକାର



ମୀରା ବେଉରା

ଯଦି କୁକୁରଟିଏ ମଣିଷକୁ କାମୁଡ଼େ, ତେବେ କିଛିଦିନ ଚିକିତ୍ସା ପରେ ମଣିଷ ବିଷମୁକ୍ତ ହୋଇଯାଏ। ଯଦି ବିଷଧର ସର୍ପଟିଏ ବା ବିଛାଟିଏ ମଣିଷକୁ ଦଂଶନ କରେ ତେବେ ତିନିଚାରିଦିନ ଚିକିତ୍ସା ପରେ ସେ ଆରୋଗ୍ୟ ହୋଇଥାଏ। କିନ୍ତୁ ଯଦି ମଣିଷଟିଏ ମଣିଷକୁ କାମୁଡ଼େ ତେବେ ବଞ୍ଚିବାର ଆଶା ବହୁତ କମ୍। ସତରେ କେତେ ଭୟଙ୍କର ଏ ସଭ୍ୟ ବୋଲାଉଥିବା ମଣିଷର ବିଷ! ସମଗ୍ର ବିଶ୍ୱରେ ସବୁଠାରୁ ଭୟଙ୍କର ଓ ଅବିଶ୍ୱାସୀ ପ୍ରାଣୀ ହେଉଛି ମଣିଷ ; ଯିଏ ନିଜର କ୍ଷୁଧା ମେଣ୍ଟାଇବା ପାଇଁ ମଣିଷକୁ ଦଂଶନ କରି ଆନନ୍ଦ ପାଏ। ବିଷଧର ଜନ୍ତୁଙ୍କୁ ଭୟ କରିବା ସ୍ୱାଭାବିକ, କିନ୍ତୁ ମଣିଷ ମଣିଷକୁ ଭୟ କରିବ, ଏହା କେତେଦୂର ଯୁକ୍ତିଯୁକ୍ତ। ଅବିଶ୍ୱାସ, ଭ୍ରଷ୍ଟାଚାର, ବଳାତ୍କାର ଆଦି ପ୍ରଦୂଷଣରେ ଆଜି ସମଗ୍ର ମାନବ ସମାଜ କବଳିତ। ଏକବିଂଶ ଶତାବ୍ଦୀର ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଲା ମଣିଷ ମଣିଷକୁ ଭୟ କରୁଛି। ତା'ର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଆମେ ଭୁଲିଯାଉଛୁ ଯେ ଯେଉଁ ମାତୃଶକ୍ତିଠାରୁ ଆମେ ଜନ୍ମ ହେଉଛେ ସେହି ମାତୃଜାତିକୁ ଆମେ ସୁରକ୍ଷା ଦେବାକୁ ଅସମର୍ଥ।

ଆମେ କେବେ ଆତ୍ମସମୀକ୍ଷା କରୁଛୁ କି? ଆମେ ଏମିତି ଗୋଟିଏ ହିଂସ୍ର ସମାଜରେ ବଞ୍ଚୁଛୁ; ଯେଉଁଠି କୌଣସି କୋଣରେ ବି ଝିଅଟିକୁ ସୁରକ୍ଷାର ବଳୟ ଦେଇପାରୁ ନାହୁଁ। ପ୍ରତି ମୁହୂର୍ତ୍ତରେ ଝିଅଟି ନିଜକୁ ଅସୁରକ୍ଷିତ ମନେକରୁଛି। ଏଇଠି ମନେପଡ଼େ ନୋବେଲ ପୁରସ୍କାର ବିଜେତା ସାରାମାଗୋଙ୍କ କଥା। ସେ କହିଥିଲେ, ''ଇଏ ଏମିତି ଏକ ବିଶ୍ୱ ଯିଏ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଏ, ଚନ୍ଦ୍ରକୁ ମଣିଷ ପଠାଏ, କିନ୍ତୁ ନିଜ ଇଲାକାରେ ମଣିଷ ନିଧନ ଓ ହିଂସା ବନ୍ଦକରି ନାରୀକୁ ସୁରକ୍ଷା ଦେଇପାରେ ନାହିଁ।'' କହିବାର ତାତ୍ପର୍ଯ୍ୟ ହେଉଛି ସମଗ୍ର ମାନବ ସମାଜ ଓ ସଂସ୍କୃତି ଆଜି କଳୁଷିତ ହୋଇଯାଇଛି। କେବଳ ଭାରତର ନୁହେଁ ଆମେରିକାର ନ୍ୟୁୟର୍କରେ ସଂସ୍କୃତି ନାମରେ ମହିଳାଙ୍କୁ ଯୌନଦାସୀ କରିବା ହେତୁ ଆତ୍ମଘୋଷିତ ଗୁରୁ କିଥ୍ ରାନିଅରଙ୍କୁ ନ୍ୟୁୟର୍କ ବ୍ରୁକ୍‌ଲିନ୍ କୋର୍ଟ ୧୨୦ବର୍ଷ ଜେଲ ଏବଂ ୧.୭୫ ନିୟୁତ ଡଲାର ଜରିମାନା ଆଦେଶ କରିଛନ୍ତି।

ମାତୃଗର୍ଭରେ କନ୍ୟାଭ୍ରୂଣଠାରୁ ଆରମ୍ଭକରି ମୃତ୍ୟୁ ମୁଖାଗତା ବୃଦ୍ଧାଟି ମଧ୍ୟ ଏ ସଭ୍ୟ ସମାଜରେ ସୁରକ୍ଷିତ ନୁହେଁ। ଶହଶହ ବର୍ଷର ଅତ୍ୟାଚାର, ଶୋଷଣ, କୁସଂସ୍କାର, ବିଦେଶୀ ଶତ୍ରୁମାନଙ୍କ ଆକ୍ରମଣର ଶିକାର ହୋଇ ମଧ୍ୟ ଯେଉଁ ନାରୀଶକ୍ତି ଗରୀୟାନ ଥିଲା ଆଜି ତା'ର ଜୀବନ ବିପନ୍ନ। ଆତ୍ମାର ବିକାଶ ପାଇଁ ତା'ର ସବୁ ସଂଗ୍ରାମ ଓ ତପସ୍ୟା ଆଜି ଦିଗଭ୍ରଷ୍ଟ। ସେ ଆଜି ଲକ୍ଷ୍ୟଚ୍ୟୁତ ହୋଇ ବସ୍ତୁଭାବେ ଉପଭୋଗ୍ୟର ପାତ୍ର ହୋଇଛି। ପାରିବାରିକ ହିଂସା ହେଉ ବା ସମ୍ମିଳିତ ପାଶବିକ ଅତ୍ୟାଚାର ହେଉ କେଉଁଠି ବି ସେ ସୁରକ୍ଷିତ ନୁହେଁ। ଶିକ୍ଷା, ସାହିତ୍ୟ, କଳା, ସଂସ୍କୃତି, ପ୍ରଶାସନ, ବିଜ୍ଞାନ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥାଇ ମଧ୍ୟ ସେ ହିଂସାର ଶିକାର ହୋଇଛି। ସମ୍ବିଧାନ ଧାରା-୨୧ କହେ ବଞ୍ଚିବା ଏକ ଅଧିକାର କିନ୍ତୁ କ୍ଷୋଭ ଏବଂ ଦୁଃଖର କଥା ଆମେ ଝିଅଟିର ବଞ୍ଚିବାର ଅଧିକାର ତା'ଠାରୁ ଛଡ଼ାଇ ନେଇଛୁ। ପାଶବିକ ଅତ୍ୟାଚାର ପରେ ତାକୁ ହତ୍ୟା କରିବାକୁ ମଧ୍ୟ ପଛାଉ ନାହୁଁ; ଯାହାର ବଳିଷ୍ଠ ଉଦାହରଣ ହେଉଛି ଉତ୍ତର ପ୍ରଦେଶର ହାଥରସ୍ ଘଟଣା ଗଣବଳାତ୍କାର ପରେ ତା'ର ଜିଭ କାଟି ସବୁ ସାକ୍ଷ ପ୍ରମାଣକୁ ନଷ୍ଟ କରିଦେବାକୁ ଉଦ୍ୟମ କରିବା ସବୁ ବର୍ବରତାର ସୀମାପାର କରିଦେଇଛି । ଆଉ ଏକ ଘଟଣା ଯାହା ଘଟିଯାଇଛି ଦିବାଲୋକରେ ଜନଗହଳିପୂର୍ଣ୍ଣ ହରିୟାଣାର ଫରିଦାବାଦ ଜିଲା ବଲ୍ଲବଗଡ଼ ଅଞ୍ଚଳରେ। ଜଣେ ଛାତ୍ରୀକୁ ଚଳନ୍ତା କାରରୁ ଉଠାଇ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର କାରଣ ଯାହା ହେଉନା କାହିଁକି ଏଭଳି ଅମାନବୀୟ ଘଟଣାକୁ କୌଣସି ସମାଜ ଆଦୌ ସହ୍ୟ କରିପାରିବ ନାହିଁ। ମୃତ୍ୟୁଦଣ୍ଡ ମଧ୍ୟ କମ୍ ହେବ ଦୋଷୀପାଇଁ। ଏହିସବୁ ଲୋମହର୍ଷଣକାରୀ ଘଟଣା ପରେ ଆମେ କହିପାରିବା କି ଆମେ ଶତାବ୍ଦୀର ଶ୍ରେଷ୍ଠ ମଣିଷ? ଆମେ ନିଜର ପରିଚୟ ଦେବା ପୂର୍ବରୁ ନିଜକୁ ପ୍ରଶ୍ନ କରିବା ମୋ ଭିତରେ ମଣିଷ ପଣିଆ ଶତକଡ଼ା କେତେ ଭାଗ ଅଛି। ମୁଁ ଗୋଟିଏ ମଣିଷ ତ? ଏସବୁ କାହିଁକି? ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଆଦୌ ଶୁଭଙ୍କର ନୁହେଁ। ଯେ ପର୍ଯ୍ୟନ୍ତ ଆମେ ମା',ମାତୃଶକ୍ତି ଓ ମାତୃଭୂମି ପ୍ରତି ସମ୍ମାନ ଜାଗ୍ରତ କରିପାରିନାହୁଁ, ଆମେ କଦାପି କହିପାରିବା ନାହିଁ ଯେ ଆମେ ସଭ୍ୟ, ଶିକ୍ଷିତ, ବିକାଶଶୀଳ ରାଷ୍ଟ୍ରର ନାଗରିକ।

ପ୍ରତ୍ୟେକ ନାଗରିକ ଆତ୍ମସମୀକ୍ଷା କରିବା ବାଞ୍ଛନୀୟ ଯେ ମୋର ଯେତିକି ବଞ୍ଚିବାର ଅଧିକାର ଅଛି, ଏ ସମାଜରେ ପ୍ରତ୍ୟେକ ମା'ର ମଧ୍ୟ ସେତିକି ବଞ୍ଚିବାର ଅଧିକାର ଅଛି। ଗୋଟିଏ ନାଗରିକ ଭାବେ ନିଜ ରାଷ୍ଟ୍ରରେ ନିଜ ସମାଜରେ ଯଦି ସମ୍ମାନର ସହ ଆମେ ଝିଅଟିକୁ ତା'ର ବଞ୍ଚିବାର ଅଧିକାର ଯୋଗାଇ ପାରିନାହୁଁ, ତେବେ କାହିଁକି ମାତୃଶକ୍ତି ପୂଜାର ପ୍ରହସନ କରି ସଂସ୍କୃତି ଓ ପରମ୍ପରାର ଦ୍ୱାହିଦେଇ ପରମ୍ପରାର ରକ୍ଷକ ବୋଲି ଦାବି କରିବା। ଏହା ପରମ୍ପରା ଓ ସଂସ୍କୃତି ନାମରେ ଛଳନା ନୁହେଁ ତ ଆଉ କ'ଣ? ପରାଧୀନ ଭାରତଠାରୁ ଅଧିକ ଅସୁରକ୍ଷିତ ନାରୀ ତଥା କନ୍ୟାର ଶରୀର, ଦେହ, ମନ ଓ ଆତ୍ମା। ନିଜର କ୍ଷୁଧା ପାଇଁ ସବୁ ପଶୁଜଗତକୁ ମଧ୍ୟ ପଛରେ ପକାଇ ଦେଇଛି ଏ ସଭ୍ୟ ସମାଜ। ଏହା ସଂସ୍କୃତିର ଅବକ୍ଷୟ ନୁହେଁ ତ ଆଉ କ'ଣ?

ନିଶା ହିଁ ଯାବତୀୟ ହିଂସା ଓ ନାରୀ ନିର୍ଯାତନାର ଅନ୍ତରାଳେ ବିଦ୍ୟମାନ । କଠୋରରୁ କଠୋର ଦଣ୍ଡବିଧାନ ଏବଂ ନିଶାର ସମ୍ପୂର୍ଣ୍ଣ ପ୍ରସାର ବନ୍ଦ ନ ହେଲେ କୌଣସି ଆଇନ ଆଜିର କନ୍ୟାକୁ ସୁରକ୍ଷା ଦେଇପାରିବ ନାହିଁ। ଏଥିପାଇଁ ସାମାଜିକ ଗଣଆନ୍ଦୋଳନ ଆବଶ୍ୟକ। ନାରୀକୁ ତା'ର ବଞ୍ଚିବାର ଅଧିକାର ମିଳୁ। ଯେଉଁଦିନ ଏ ସଭ୍ୟ ଶିକ୍ଷିତ ସମାଜ ନାରୀକୁ ତଥା ରାଷ୍ଟ୍ରର କନ୍ୟାକୁ ସମ୍ମାନର ସହ ତା'ର ବଞ୍ଚିବାର ଅଧିକାର ଦେବ, ସେହିଦିନ ଆମେ ଦାବିକରିବା ଆମେ ପୁଣ୍ୟଭୂମି, ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ଆମେ ପ୍ରକୃତ ଦାୟାଦ ।

ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି,
କଟକ, ମୋ-୯୮୫୩୩୫୦୩୮୪

## ଏଇ ଭାରତରେ

ସ୍କ୍ରାପରୁ ନୂଆଯନ୍ତ୍ର ତିଆରି କରି ଚାଷୀଙ୍କୁ ସାହାଯ୍ୟ କରୁଛନ୍ତି ତେଲଙ୍ଗାନାର ଅଶୋକ ଗୋରେ। ଯେଉଁ ସମୟରେ ପଢ଼ା ଉପରେ ଧ୍ୟାନଦେବା କଥା ସେ ସମୟରେ ଅଶୋକ କୃଷି ଓ କୃଷକଙ୍କ ବିକାଶ ଚିନ୍ତା କରୁଛନ୍ତି। ସୂର୍ଯ୍ୟପେଟ ଜିଲାର ଏହି ବାଳକ ୧୭ ବର୍ଷ ବୟସରେ ସ୍କ୍ରାପରୁ ଯନ୍ତ୍ର ନିର୍ମାଣ କରି ଗାଁର ୧୭ ଜଣ ଚାଷୀଙ୍କୁ ସାହାଯ୍ୟ କରୁଛନ୍ତି। ସ୍କୁଲରେ ପଢିବାବେଳେ ତାଙ୍କ ଘର ଚାରିପାଖରୁ ସ୍କ୍ରାପ୍ ସବୁ ସଂଗ୍ରହ କରି ଯନ୍ତ୍ର ତିଆରି କରିବା ଆରମ୍ଭ କରିଥିଲେ। ଷଷ୍ଠ ଶ୍ରେଣୀରେ ପଢ଼ିବାବେଳେ ସେ ପାଇପ୍, ସିରିଞ୍ଜ ଓ ସ୍ପ୍ରିଙ୍ଗରେ ଏକ ଜେସିବି ମଡେଲ ନିର୍ମାଣ କରି ପୁରସ୍କୃତ ହୋଇଥିଲେ। ଏବେ ସେ ଦ୍ୱାଦଶ ପାସ୍ କରିସାରିଛନ୍ତି। ବହୁ କାର୍ଯ୍ୟରେ ଉପଯୋଗ ହୋଇପାରୁଥିବା ଏକ ଫୋର-ଇନ୍-ୱାନ ଯନ୍ତ୍ର ନିର୍ମାଣ କରିଛନ୍ତି। ଲୁହା ରଡ୍, ଗୋଟିଏ ପୁରୁଣା ସାଇକେଲ ଚକ ଓ ବୋଲ୍ଟରେ ଏହା ତିଆରି ହୋଇଛି। ଏଥିରେ ଧାନ କାଟିବା, ଗୋଟାଇବା କାର୍ଯ୍ୟ କରାଯାଉଛି। ଯନ୍ତ୍ରରେ ବ୍ୟବହୃତ ସ୍କ୍ରାପଗୁଡ଼ିକୁ ଯୋଡ଼ିବା ଲାଗି ଗାଁ ନିକଟରେ ଥିବା ୱେଲ୍ଡରଙ୍କ ସହଯୋଗ ନେଇଛନ୍ତି। ଏହି ଯନ୍ତ୍ରର ଦାମ ରଖିଛନ୍ତି ୧୭୦୦ ଟଙ୍କା। ଏହାଲାଗି ତାଙ୍କୁ ଇଣ୍ଟରନ୍ୟାଶନାଲ ସାଇନ୍ସ ଫେଷ୍ଟିଭାଲ ଦ୍ୱାରା ଆୟୋଜିତ ଷ୍ଟୁଡେଣ୍ଟସ୍ ଇଞ୍ଜିନିୟରିଂ ମଡେଲ କମ୍ପିଟିଶନରେ ପ୍ରଥମ ପୁରସ୍କାର ମିଳିଛି। ଏହାଦ୍ୱାରା କୃଷିରେ ଶ୍ରମ ଓ ଯାନ୍ତ୍ରିକ ବ୍ୟୟ କମ୍ ହେବ ବୋଲି କହିଛନ୍ତି ଅଶୋକ। ଲକ୍‌ଡାଉନରେ ସାଇକେଲ ବ୍ରେକ୍, ସ୍ପ୍ରିଙ୍ଗ ଓ ଲୁହା ରଡ୍‌ରେ ଏକ ଘାସ ବଛା ଯନ୍ତ୍ର ତିଆରି କରିଛନ୍ତି, ଯାହା ଧାନ ବିଲରୁ ସହଜରେ ଘାସ ବାଛିପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ନଭେମ୍ବର ୧୯୯୫

- ଶ୍ରୀଲଙ୍କା ସୈନ୍ୟଙ୍କ ସହ ସଂଘର୍ଷରେ ଶତାଧିକ ଉଗ୍ରପନ୍ଥୀ ପ୍ରାଣ ହରାଇଥିବା ବେଳେ ସେନାବାହିନୀର ୫୦ ଜଣ ଯବାନ ଉଗ୍ରପନ୍ଥୀଙ୍କର ପାଲଟା ଆକ୍ରମଣରେ ନିହତ।
- ପୂର୍ବତନ ସୋଭିଏତ୍ ୟୁନିୟନର ଉପବୈଦେଶିକ ମନ୍ତ୍ରୀ ମିଖାଇଲ କାପିସ୍ତାଙ୍କ ୭୪ ବଷରେ ପରଲୋକ।

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଆ ଉକତ। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଧୁନିକ ଚୋରଙ୍କୁ ସାବଧାନ

ମହାଶୟ,

ପୂର୍ବ ସମୟରେ ଚୋରମାନେ ମୁହଁରେ କଳା ବୋଳି, ମୁଖା ପିନ୍ଧି ଘର ଭିତରେ ପଶି ଧାନ, ଅଳଙ୍କାର, ମୂଲ୍ୟବାନ ଦ୍ରବ୍ୟସବୁ ଚୋରି କରୁଥିଲେ। ବର୍ତ୍ତମାନର ଉଚ୍ଚଶିକ୍ଷିତ ଚୋରମାନେ ବାଇକ୍/ମୋଟରରେ ଆସି ମୁହଁରେ ମଙ୍କିକ୍ୟାପ୍/ହେଲମେଟ ପିନ୍ଧି ବ୍ୟାଙ୍କ ଏଟିଏମ୍ ଭାଙ୍ଗି କ୍ୟାମେରା ହାର୍ଡଡିସ୍କ କାଢ଼ିନେଇ ଟଙ୍କା ଲୁଟୁଛନ୍ତି। ପୁଣି ଶାନ୍ତସରଳ ବ୍ୟକ୍ତି ଯେ କି ବ୍ୟାଙ୍କରୁ ଟଙ୍କା ଉଠାଣ କରୁଛନ୍ତି ସେମାନଙ୍କୁ ପିଛା କରି ମାଡ଼ ଦେଇ ଟଙ୍କା ଛଡ଼େଇ ନେଉଛନ୍ତି। ପୁଣି ବ୍ୟାଙ୍କ ଏଟିଏମ୍‌ରେ କାର୍ଡ ଏପଟ ସେପଟ କରି ସହାୟତା ବାହାନାରେ ସର୍ବସ୍ୱାନ୍ତ କରୁଛନ୍ତି। ଚୋରମାନେ ଲକ୍ଷ୍ୟ କରୁଛନ୍ତି ଯେଉଁ ବ୍ୟାଙ୍କ ଓ ଡାକଘରେ ସିକ୍ୟୁରିଟି ଗାର୍ଡ ନାହାନ୍ତି ସେଠାରେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରୁଛନ୍ତି। ବ୍ୟାଙ୍କ୍ ଓ ଡାକଘରେ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିବାରୁ ସେଠାରେ ସିକ୍ୟୁରିଟି ଗାର୍ଡ ମୁତୟନ ଅନିବାର୍ଯ୍ୟ ହୋଇପଡ଼ିଛି। ଅଧିକ ଟଙ୍କା ଉଠାଉଥିବା ବ୍ୟକ୍ତି ନିଜକୁ ଅସହାୟ ମନେକରି ଅନୁରୋଧ କଲେ ସେମାନଙ୍କୁ ନିରାପଦରେ ଘରେ ପହଞ୍ଚାଇବାକୁ ବ୍ୟବସ୍ଥା କରାଯିବା ଦରକାର। ଅନେକ ଡାକଘରେ ଚୌକିଦାର ପଦବି ନ ଥିବାରୁ ଡାକଘରର ଟ୍ରେଜେରି ତଥା ଧନରାଶି ନିରାପଦ ନୁହେଁ। ଯେଉଁ ବ୍ୟକ୍ତି ଇଂରାଜି ଭାଷା ବା ନିଜ ମାତୃଭାଷା ପଢ଼ିଲେଖି ପାରନ୍ତି ନାହିଁ ସେମାନେ ବ୍ୟାଙ୍କ କାରବାର କରିବା ସମୟରେ ନିଜ ଆତ୍ମୀୟଙ୍କ ସହାୟତା ନେବା ଦରକାର। ଏଣୁ ଆଧୁନିକ ଚୋରଙ୍କୁ ସାବଧାନ।

-ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଥର ରାଧାପାଦ ଦର୍ଶନ ମନା

ସାକ୍ଷୀଗୋପାଳ, (ଡି.ଏନ.ଏ/ସ୍ୱ.ପ୍ର.): ଆସନ୍ତା ୨୩ ତାରିଖରେ ପବିତ୍ର ଅଁଳା ନବମୀ। ଏଥର କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବିନା ଭକ୍ତରେ ସାକ୍ଷୀଗୋପାଳ ମନ୍ଦିରରେ ଅଁଳା ନବମୀ ପାଳନ ହେବ। ଶ୍ରଦ୍ଧାଳୁମାନେ ରାଧାପାଦ ଦର୍ଶନ କରିପାରିବେ ନାହିଁ। ଶୁକ୍ରବାର ସାକ୍ଷୀଗୋପାଳ ପାନ୍ଥଶାଳାରେ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜନସମାବେଶକୁ ଏଡ଼ାଇବା ଲାଗି ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯିବ। ସେବାୟତମାନଙ୍କ ପାଉଣା ବୃଦ୍ଧି ପାଇଁ ସେବାୟତ ସଂଘ କର୍ମକର୍ତ୍ତା ଦାବି ଉପସ୍ଥାପନ କରିଛନ୍ତି।

## ସଂକ୍ଷେପରେ

### ଭୂଷଣ କମ୍ପାନୀରେ ଦୁର୍ଘଟଣା
### ବଏଲର ପ୍ଲାଣ୍ଟ ଫାଟି ୮ରୁ ଊର୍ଦ୍ଧ୍ୱ ଆହତ



**ସମ୍ବଲପୁର,୨୦।୧୧(ବ୍ୟୁରୋ):** ସମ୍ବଲପୁର ଠେଲକୋଲିସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀରେ ଶୁକ୍ରବାର ଏକ ବଡ ଧରଣର ଦୁର୍ଘଟଣା ଘଟିଛି। କମ୍ପାନୀର ବଏଲର ପ୍ଲାଣ୍ଟ ଫାଟି ୮ରୁ ଊର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ବୁର୍ଲା ଭିମ୍ସାରରେ ଭର୍ତ୍ତି କରାଯାଇଛି। ଏ ନେଇ କମ୍ପାନୀ ପକ୍ଷରୁ ଦିଆଯାଇଥିବା ସୂଚନା ଓ ଠେଲକୋଲି ଥାନା ପୋଲିସ ଦେଉଥିବା ବିବରଣୀର ତାଳମେଳ ରହୁ ନ ଥିବାରୁ ଉକ୍ତ ଦୁର୍ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। କେତେଜଣ ଆହତ କର୍ମଚାରୀଙ୍କୁ କମ୍ପାନୀ ଭିତରେ ଚିକିତ୍ସା କରାଯାଉଥିବା ଖବର ମିଳିଛି। ଏଥିରେ ବହୁ ଠିକା କର୍ମଚାରୀ ଆହତ ହୋଇଥିବାରୁ ସେମାନଙ୍କ ନାମ ଓ ଠିକଣା ଜଣା ନ ଥିବା କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ହେଲେ ବିନା ତଥ୍ୟରେ ଠିକା କର୍ମଚାରୀମାନଙ୍କୁ କିପରି କାମ ଦିଆଯାଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଠେଲକୋଲି ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ଦୁର୍ଘଟଣାରେ ୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସେହିପରି କମ୍ପାନୀ ପକ୍ଷରୁ ସୂଚନା ମିଳିଛି, ବଏଲରରେ ଥିବା ପାଇପରେ ଲିକ୍ ରହିଥିଲା। ହଠାତ୍ ତାହା ଫାଟିଗଲା। ଏହି ଦୁର୍ଘଟଣାରେ କେବଳ ୩ ଜଣ ଠିକା କର୍ମଚାରୀ ଆହତ ହୋଇଛନ୍ତି । ଜଣେ ଗୁରୁତର ଅଛନ୍ତି ତାଙ୍କୁ ଭିମ୍ସାରରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଭଲ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

### ରାଉରକେଲା ବିମାନବନ୍ଦର ସ୍ଥିତି ଅନୁଧ୍ୟାନ

**ରାଉରକେଲା ଅଫିସ, ୨୦।୧୧:** ରାଉରକେଲାରୁ ଦୈନିକ ବିମାନସେବା ଆରମ୍ଭ ହେବାକୁ ଯାଉଛି। ଶୁକ୍ରବାର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ)ର ଦୁଇ ଜଣିଆ ଟିମ୍ ସହ ଘରୋଇ ବିମାନ କମ୍ପାନୀର ବରିଷ୍ଠ ଅଧିକାରୀ ରାଉରକେଲା ବିମାନ ବନ୍ଦର ପରିଦର୍ଶନରେ ଆସି ପହଞ୍ଚିଥିଲେ। ଟିମ୍‌ର ଅଧିକାରୀମାନେ ବିମାନ ବନ୍ଦରର ଆନୁସଙ୍ଗିକ ବ୍ୟବସ୍ଥା ଓ ଅନ୍ୟାନସ୍ଥିତିର ଅନୁଧ୍ୟାନ କରିଥିଲେ। ଟିମ୍ ସଦସ୍ୟମାନଙ୍କ ସହିତ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପୱନ କଲ୍ୟାଣ, ଆର୍‌ଏମ୍‌ସି (ରାଉରକେଲା ମହାନଗର ନିଗମ) କମିଶନର ଦିବ୍ୟଜ୍ୟୋତି ପରିଡ଼ା, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଏବଂ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଉରକେଲାରୁ ୭୨ ସିଟ୍ ବିଶିଷ୍ଟ ଘରୋଇ ବିମାନ ସେବା ଆରମ୍ଭ କରିବାକୁ ସେମାନେ ନିଷ୍ପତ୍ତି ନେଇ ପାରନ୍ତି ବୋଲି ସୂଚନା ମିଳିଛି।

### ବରଗଡ଼ରେ ହେବ ୫୦ ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର ହସ୍ପିଟାଲ

**ବରଗଡ଼ ଅଫିସ୍,୨୦।୧୧:** ବରଗଡ଼ ଜିଲାରେ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ ଦାବିରେ ଆନ୍ଦୋଳନ ତେଜିବା ପରେ ରାଜ୍ୟ ସରକାର ତତ୍ପର ହୋଇପଡିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। ଭର୍ଚୁଆଲ ପ୍ଲାଟଫର୍ମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏ ନେଇ ସମୀକ୍ଷା କରିଛନ୍ତି। ସୂଚନା ମୁତାବକ, ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ୫୦ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର ହସ୍ପିଟାଲ ହେବ। ସେଠାରେ କ୍ୟାନ୍‌ସର ରୋଗୀଙ୍କ ଚିକିତ୍ସା ପାଇଁ କେମୋଥେରାପି, ରେଡ଼ିଓଥେରାପି ସମେତ ସିଟି ସିମୁଲେଟର, ଏଚ୍‌ଡିଆର ବ୍ରାଚିଥେରାପି, ଡୋସିମେଟ୍ରି, ଇମୋବିଲାଇଜେଶନ, ହିଷ୍ଟୋପାଥୋଲୋଜି ଲାବୋରେଟୋରୀ ଆଦି ବ୍ୟବସ୍ଥା ଉପଲବ୍ଧ ହେବ। ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ବି.ଟେକ୍ ଡିଗ୍ରୀଧାରୀଙ୍କ ନିଶା କାରବାର

- ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ
- ଅଭିଯୁକ୍ତଙ୍କଠାରୁ ମିଳିଲା ରେସିଂ ବାଇକ୍, ପିସ୍ତଲ
- ୧୨ ବର୍ଷ ଧରି ନିଶାସେବନ କରୁଥିଲେ
- ଏନ୍‌ସିସିରେ ସି ସାର୍ଟିଫିକେଟ୍ ପାଇଥିଲେ



**ଜଗତ୍‌ସିଂହପୁର ଅଫିସ, ୨୦।୧୧**

ଜଗତ୍‌ସିଂହପୁର ଜିଲାରେ ବ୍ରାଉନସୁଗାର କାରବାର ଚଳାଇଥିବା ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରଭାତ ରଞ୍ଜନ ମହାପାତ୍ର (୨୯), ଯିଏକି ଜଣେ ବି.ଟେକ୍ ଡିଗ୍ରୀଧାରୀ। ଜଗତ୍‌ସିଂହପୁର ଅବକାରୀ ଥାନା ଓ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ସକାଳେ ତର୍ତ୍ତଙ୍ଗ ତୋଟାପଡ଼ାରେ ଚଢାଉ କରାଯାଇ ତାଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ୩୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ଏକ ରେସିଂ ବାଇକ୍ (ନଂ. ଓଡି ୩୩ ଭି ୪୪୪୩) ଓ ପିସ୍ତଲ ଜବତ କରାଯାଇଛି। ଜଗତ୍‌ସିଂହପୁର ଅବକାରୀ ଥାନା ଓଆଇସି ସସ୍ମିତା ହୋତାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୬୪/୨୦) ରୁଜୁ କରାଯିବା ସହ ପ୍ରଭାତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରଭାତଙ୍କ କାରବାରର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ କେଉଁମାନେ ସେଥିରେ ସମ୍ପୃକ୍ତ ଅଛନ୍ତି, ତାହାର ତଦନ୍ତ ଚାଲିଥିବା ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡା ସୂଚନା ଦେଇଛନ୍ତି।

ଯୋଜନାବଦ୍ଧ ଭାବେ ପ୍ରାୟ ୨୦ ଜଣ ଅବକାରୀ ଓ ପୋଲିସ କର୍ମଚାରୀ ୩ଟି କାରରେ ମହାପାତ୍ରଙ୍କ ଘର ଉପରେ ଚଢାଉ କରିଥିଲେ। ପ୍ରଭାତ ବ୍ରାଉନ୍‌ସୁଗାର ପ୍ୟାକେଟ୍‌କୁ ପ୍ୟାଣ୍ଟ ପକେଟ୍‌ରେ ପୂରାଇ ରେସିଂ ବାଇକ୍‌ରେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସକ୍ଷମ ହୋଇ ନ ଥିଲେ। ତାଙ୍କୁ କାବୁ କରି ଜେରା କରାଯିବା ପରେ ଅନେକ କଥା ପଦାକୁ ଆସିଥିଲା। ପ୍ରଭାତ ଭୁବନେଶ୍ୱରର ଏକ ବେସରକାରୀ ଇଞ୍ଜିନିୟରିଂ କଲେଜରୁ ବି.ଟେକ୍ ପାସ୍ କରି ରସୁଲଗଡ଼ରେ ଭଡ଼ାରେ ରହୁଥିଲେ। ସେଠାରେ ୧୦/୧୫ ଜଣ ସାଙ୍ଗଙ୍କ ସହ ମିଶି ବ୍ରାଉନସୁଗାର ସେବନ କରୁଥିଲେ। ଭୁବନେଶ୍ୱରରେ ଅଧିକ ଦାମ ଯୋଗୁ ସେ ଖୋର୍ଦ୍ଧାରୁ କିଣିବା ଆରମ୍ଭ କରିଥିଲେ। ଫଳରେ ସେ ନିଜେ ବ୍ରାଉନସୁଗାର କାରବାର କରିବାକୁ ମନ ବଳାଇଥିଲେ। ଏ ଦିଗରେ ଅର୍ଥାଭାବ ତାଙ୍କୁ ପ୍ରୋତ୍ସାହନ ଦେଇଥିଲା। ତାଙ୍କୁ ସହଯୋଗ କରିଥିଲେ ଖୋର୍ଦ୍ଧା ଗୁରୁଜଙ୍ଗର ଜଣେ ବ୍ୟକ୍ତି (ପଟ୍ଟନାୟକ)। ୨୦୧୯ରୁ ପ୍ରଭାତ ଖୋର୍ଦ୍ଧାରୁ ବ୍ରାଉନସୁଗାର କିଣି ଆଣି ବିକିବା ଆରମ୍ଭ କରିଥିଲେ। ନିକଟରେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଯିବାରୁ ସେ ବାଧ୍ୟ ହୋଇ ଗାଁକୁ ଫେରିଥିଲେ। କିନ୍ତୁ ବ୍ରାଉନସୁଗାର କାରବାର ଜାରି ରଖିଥିଲେ। ଖୋର୍ଦ୍ଧାରୁ ଜଗତ୍‌ସିଂହପୁରରେ ବ୍ରାଉନସୁଗାର ପହଞ୍ଚାଇବା ପାଇଁ କଟକ ବକ୍ସିବଜାରର ଜାହାଙ୍ଗିର ଦାୟିତ୍ୱ ନେଇଥିଲେ। ଜାହାଙ୍ଗିର ଜଣେ ଆଗଧାଡ଼ିର ନିଶା ବେପାରୀ ବୋଲି ତଦନ୍ତରୁ ଜଣାପଡ଼ିଛି। ସେହିପରି ଖୋର୍ଦ୍ଧାର କାକା ନାମକ ଜଣେ ବ୍ୟକ୍ତି ମଧ୍ୟ ବିଭିନ୍ନ ଜିଲାକୁ ବ୍ରାଉନସୁଗାର ବିକ୍ରି କରୁଥିବା ଜଣାପଡ଼ିଛି।

ଅବକାରୀ ବିଭାଗର ସୂଚନାନୁଯାୟୀ, ପ୍ରଭାତଙ୍କ ନାମରେ ୨୦୧୯ରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାରେ ମାମଲା ରହିଛି। ସେହିପରି ଅନ୍ୟ କେଉଁ ଥାନା ଅଞ୍ଚଳରେ ମାମଲା ରହିଛି, ତାହାର ଯାଞ୍ଚ ଚାଲିଛି। ପ୍ରଭାତ ୧୨ ବର୍ଷ ତଳେ ନିଶା ଅଭ୍ୟାସରେ ପଡ଼ିଥିଲେ। ୧୭ ବର୍ଷ ବୟସରେ ସେ ମର୍ଫିନ୍ (ନିଶା) ଇଞ୍ଜେକ୍ସନ ନେଉଥିଲେ। ସେତେବେଳେ ଏହା ଜଗତ୍‌ସିଂହପୁରରେ ମିଳିବା କଷ୍ଟକର ଥିଲା। ତେଣୁ କଟକ, ଭୁବନେଶ୍ୱର ଯାଇ କିଣୁଥିଲେ। ସ୍ଥାନୀୟ ଏସ୍‌ଭିଏମ୍ କଲେଜରେ ଯୁକ୍ତ୨ ପଢ଼ିଲାବେଳେ ସେ ଜଣେ ଭଲ ଛାତ୍ର ଥିଲେ। ଏପରି କି ଏନ୍‌ସିସିରେ ସି ସାର୍ଟିଫିକେଟ୍ ପାଇଥିଲେ। ପାଠପଢ଼ା ପରେ ସେ ଭୁବନେଶ୍ୱରର ଏକ ଗାଡି ଶୋରୁମ୍‌ର ବ୍ୟବସାୟ ପରିଚାଳକ ଭାବେ କାମ କରିଥିଲେ। କିନ୍ତୁ ନିଶା କବଳରୁ ମୁକ୍ତ ହୋଇପାରି ନ ଥିଲେ। ଏବେ ସେ ଦୈନିକ ୨ ଗ୍ରାମ୍ (ଯାହାର ଆନୁମାନିକ ମୂଲ୍ୟ ୫,୬୦୦ ଟଙ୍କା) ବ୍ରାଉନସୁଗାର ସେବନ କରୁଥିବା ନେଇ ଜେରାବେଳେ କହିଥିବା ଅବକାରୀ ଥାନା ପକ୍ଷରୁ କୁହାଯାଇଛି।

# ଡାକ୍ତର ଚିତ୍ତରଞ୍ଜନ କରଙ୍କ ପରଲୋକ

**କଟକ ଅଫିସ,୨୦।୧୧**



ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ ତଥା ଏସ୍‌ସିବି ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ କର(୫୮)ଙ୍କର ଶୁକ୍ରବାର ସନ୍ଧ୍ୟାରେ ମାଡ୍ରାସ୍‌ର ଏମ୍‌ଜିଏମ୍ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ହସ୍ପିଟାଲରେ ତାଙ୍କ ଦୁଇ ପୁଅ ଓ ସ୍ତ୍ରୀ ଉପସ୍ଥିତ ଥିଲେ। ସେ ଗତ ଅଗଷ୍ଟ ୨୦ରେ କରୋନା ସଂକ୍ରମିତ ହୋଇଥିଲେ। ସୁସ୍ଥ ହୋଇ ଘରକୁ ଫେରିବା ପରେ ପୁଣି ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିଲା। ତାଙ୍କୁ ଅକ୍ଟୋବର ୭ରେ ଚିକିତ୍ସା ପାଇଁ ଏୟାର ଆମ୍ବୁଲାନ୍ସରେ ମାଡ୍ରାସ ପଠାଯାଇଥିଲା। ଶନିବାର ସନ୍ଧ୍ୟାରେ ଚିତ୍ତରଞ୍ଜନଙ୍କ ମରଶରୀର ବିମାନରେ ଅଣାଯିବା ପରେ ପ୍ରଥମେ ପୁରୁଣା ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନକୁ ନିଆଯିବ ବୋଲି ତାଙ୍କ ବନ୍ଧୁ ତଥା ଏସ୍‌ସିବି ଡେଣ୍ଟାଲ କଲେଜ ଅଧକ୍ଷ ଡା. ଜୟନ୍ତ କୁମାର ଦାସ କହିଛନ୍ତି।

ପ୍ରଫେସର କର ୧୯୯୭ରେ ବୁର୍ଲାରେ ନେଫ୍ରୋଲୋଜି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗଦେଇଥିଲେ। ୨୦୧୨ରେ ପ୍ରଥମଥର ତାଙ୍କ ଚେଷ୍ଟାରେ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରାୟ ୧୮୦ଟି କିଡ୍‌ନୀ ପ୍ରତିରୋପଣ ସଫଳ ଭାବେ ସେ କରାଇଥିଲେ। ରାଜ୍ୟ ଅଙ୍ଗ ଓ ଟିସୁ ପ୍ରତିରୋପଣ ଅନୁଷ୍ଠାନରେ ତାଙ୍କ ଉଦ୍ୟମରେ ୨୦୧୯ ଫେବୃଆରୀରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସମ୍ଭବ ହୋଇଥିଲା। କରୋନା କାଳରେ ସେ ପ୍ରାୟ ୬୦୦୦ ଡାଏଲିସିସ କରିଥିଲେ।

**WANTED**
Audace Fincorp is a fast-growing Non-Banking Financial Company having pan India presence seeks below candidates for our upcoming branches in different districts of Odisha.
WANTED MALE / FEMALE candidates for below positions
ASST. BRANCH MANAGER (5 POSITIONS)
Education: Post Graduate and above
Experience: 5 Years and above
Salary: INR 45000 to INR 55000
TEAM LEAD (10 POSITIONS)
Education: Graduate and above
Experience: 3 Years and above
Salary: INR 35000 to INR 45000
VERIFICATION OFFICER (20 POSITIONS)
Education: Graduate and above
Experience: 1 Year and above
Salary: INR 25000 to INR 35000
Jr. VERIFICATION OFFICER (15 POSITIONS)
Education: HSC/Plus 2 and above
Experience: Freshers Welcome
Salary: INR 15000 to INR 20000
Apply on our website career page:
www.audacefincorp.com/career.php
Ph: 8297002024 / 8297102024

**REQUIRED**
for a reputed FURNITURE SHOWROOM at Palasuni
2 Nos - Sales Girl
Experience (Sales)
Timing : 10 AM to 8PM
Salary : 10 - 12 k
Mob : 9337532094

**WANTED**
RECEPTIONIST (Female) & ACCOUNTANT (Male) for a UNISEX Beauty Saloon At: Paradip. Experienced candidate may contact:
Mob. No.: 9937399588

**URGENTLY REQUIRED**
Urgently required 2 Nos. of experienced MARKETING MANAGER for C/F and SP of Nuvoco Vistas Corp. Ltd. (LAFARGE CEMENT) for BBSR area.
E-mail:logisticsaikrupa@gmail.com
Mob.-7205181661, 9040096740

# ସମ୍‌ରେ କୋଭାକ୍ସିନର ୩ୟ ପର୍ଯ୍ୟାୟ ମାନବ ପରୀକ୍ଷଣ

- ରୋଗକୁ ପ୍ରତିରୋଧ କରୁଛି କି ନାହିଁ ଆକଳନ କରାଯିବ
- ଅନୁସନ୍ଧାନ ପାଇଁ ଲାଗିବ ୧୨ ମାସ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

କୋଭିଡ୍-୧୯ ବିରୋଧରେ ବହୁ ପ୍ରତୀକ୍ଷିତ 'କୋଭାକ୍ସିନ' ଟିକାର ତୃତୀୟ ପର୍ଯ୍ୟାୟ ମାନବ ପରୀକ୍ଷଣ ସ୍ଥାନୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲରେ ଆରମ୍ଭ ହୋଇଛି। ହସ୍ପିଟାଲର ପ୍ରିଭେଣ୍ଟିଭ ଆଣ୍ଡ ଥେରାପ୍ୟୁଟିକ୍ କ୍ଲିନିକାଲ ଟ୍ରାଏଲ ୟୁନିଟ୍ (ପିଟିସିଟିୟୁ)ରେ ପ୍ରଥମଦିନ ଦୁଇଜଣ ଭଲ୍ୟୁଣ୍ଟିୟରଙ୍କୁ ଏହି ଟିକା ଦିଆଯାଇଥିବା କୋଭାକ୍ସିନ ହ୍ୟୁମାନ ଟ୍ରାଏଲ୍‌ର ପ୍ରିନ୍ସିପାଲ ଇନଭେଷ୍ଟିଗେଟର ପ୍ରଫେସର ଇ. ଭେଙ୍କଟ ରାଓ ଶୁକ୍ରବାର ସୂଚନା ଦେଇଛନ୍ତି।

ପ୍ରଫେସର ରାଓ କହିଛନ୍ତି, କୋଭାକ୍ସିନ ଟିକାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଏହାର ନିରାପତ୍ତା ପ୍ରତି ଧ୍ୟାନ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହାର ରୋଗ ପ୍ରତିରୋଧକ ଶକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ଏହି ଟିକାର କାର୍ଯ୍ୟକାରିତା ଉପରେ ଦୃଷ୍ଟି ନିବଦ୍ଧ ରହିବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ମନୁଷ୍ୟ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଉଛି କି ନାହିଁ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମନୁଷ୍ୟ ରକ୍ତରେ ସୃଷ୍ଟି ହେଉଥିବା ଆଣ୍ଟିବଡିର ସ୍ତର ଉପରେ ଲକ୍ଷ୍ୟ ରଖାଯାଇଥିଲା ଏବଂ ଏହା ଏହି ସଂକ୍ରମଣରୁ ରକ୍ଷା କରିବାକୁ ସମର୍ଥ କି ନୁହେଁ ଏହା ଦେଖାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ଏହି ଟିକା ଦିଆଯାଇଥିବା ମନୁଷ୍ୟମାନଙ୍କ ଶରୀରରେ ଏହା ରୋଗକୁ ପ୍ରତିରୋଧ କରିପାରୁଛି କି ନାହିଁ ତାହା ଆକଳନ କରାଯିବ ବୋଲି ସେ କହିଛନ୍ତି। ତେବେ ଏହି ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ଓ ସମୟ ସାପେକ୍ଷ ହେବ। କାରଣ ଆମକୁ ଟିକା ନେଇଥିବା ଲୋକଙ୍କ ମଧ୍ୟରେ ସଂକ୍ରମଣର ହାର ନିର୍ଦ୍ଧାରଣ କରିବାକୁ ପଡ଼ିବ ଏବଂ ଏହା ସେମାନେ ବାସ କରୁଥିବା ସ୍ଥାନର ଜନସଂଖ୍ୟା ଉପରେ ନିର୍ଭରଶୀଳ ହେବ। ଏଥିନିମନ୍ତେ ଦେଶର ପ୍ରାୟ ୨୫୦୦୦ ଭଲ୍ୟୁଣ୍ଟିୟରଙ୍କୁ ମନୋନୟନ କରାଯାଉଛି। ଏହି ପର୍ଯ୍ୟାୟରେ ପ୍ରତ୍ୟେକ ଭଲ୍ୟୁଣ୍ଟିୟରଙ୍କୁ ୨୮ ଦିନ ଅନ୍ତରରେ ୨ଟି ଡୋଜ୍ ଟିକା ଦିଆଯିବ। ମାତ୍ର ଏହାର ଅନୁସନ୍ଧାନ ନିମନ୍ତେ ପ୍ରାୟ ୧୨ ମାସ ସମୟ ଲାଗିବ। ତେବେ ଏହି ସ୍ୱଦେଶୀ ଟିକାକୁ ଭାରତ ବାୟୋଟେକ୍ ଓ ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପ୍ରସ୍ତୁତ କରୁଥିବାବେଳେ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ନିମନ୍ତେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ପକ୍ଷରୁ ଅନୁମତି ମିଳିସାରିଛି। ସମ୍ ହସ୍ପିଟାଲକୁ ଏହି ପରୀକ୍ଷଣ ନିମନ୍ତେ ଓଡ଼ିଶାର ଏକମାତ୍ର କେନ୍ଦ୍ର ଭାବେ ଆଇସିଏମ୍‌ଆର୍ ପକ୍ଷରୁ ମନୋନୀତ କରାଯାଇଛି ବୋଲି ରାଓ କହିଛନ୍ତି।

## ଶ୍ରମିକ ସଙ୍ଗଠନ ଧର୍ମଘଟକୁ କଂଗ୍ରେସର ସମର୍ଥନ

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, କୃଷି ବିରୋଧୀ ଆଇନ ଏବଂ ରାଷ୍ଟ୍ରୀୟ ସମ୍ପତ୍ତିର ଘରୋଇକରଣ ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ୬ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆନ୍ଦୋଳନ ଡାକରା ଦେଇଛନ୍ତି। ଏହାକୁ ସଫଳ କରିବାକୁ କଂଗ୍ରେସର ସମର୍ଥନ ଲୋଡ଼ିଛି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧର୍ମଘଟକୁ କଂଗ୍ରେସ ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘୋଷଣା କରିଛନ୍ତି। ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚର ରାମଚନ୍ଦ୍ର ଖୁଣ୍ଟିଆ, ରାମକୃଷ୍ଣ ପଣ୍ଡା, ବୀରେନ୍ଦ୍ର ଦାସ, ମହେନ୍ଦ୍ର ପରିଡ଼ା, କିଶୋର ଜେନା ପ୍ରମୁଖ ପିସିସି ସଭାପତିଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି।

**REQUIRED**
A reputed Shopping Mall in Dhenkanal District requires: • Mall Manager with 5 years experience • Accountant with Tally experience • Cashier/Billing Assistant - Female only having Computer knowledge • Tele-Caller - Female only • Sales Boys & Girls for Garments Division • Home Delivery Boy with valid Driving Licences.
Contact Immediately: 7008042668, 9090848325
E-mail: cmpl.gk@gmail.com

**REQUIRED**
Depot Manager, Godown Incharge, Godown Supervisor, Transport/Maintenance Incharge, SAP Operator, Senior and Junior Accountant in a Logistics Firm of MNC Company. Candidates having experience in the respective field will be preferred.
Walk in Interview: 21.11.20 & 22.11.20 (11 A.M. to 3 P.M.)
For details Contact : 8420011056 / 9861439980

## ଅତିରିକ୍ତ ବଜେଟ୍: କେଉଁ ବିଭାଗକୁ କେତେ

| ବିଭାଗର ନାମ | ଟଙ୍କା (କୋଟିରେ) |
|---|---|
| ସ୍ୱରାଷ୍ଟ୍ର ବିଭାଗ | ୨୩୦.୬୭ |
| ସାଧାରଣ ପ୍ରଶାସନ | ୪.୭୯ |
| ବିଧି ବିଭାଗ | ୪୮.୧୧ |
| ଅର୍ଥ ବିଭାଗ | ୨୩୪୫ |
| ବାଣିଜ୍ୟ ବିଭାଗ | ୧.୦୫ |
| ନିର୍ମାଣ ବିଭାଗ | ୧୭୫.୧୩ |
| ଓଡ଼ିଶା ବିଧାନସଭା | ୦.୦୩ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧,୦୭୮.୩୦ |
| ସ୍କୁଲ ଓ ଗଣଶିକ୍ଷା | ୪୫୬.୫୦ |
| ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ, ପଛୁଆବର୍ଗ | ୪୧.୮୯ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧,୭୮୮.୨୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୨.୩୨ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୦.୪୮ |
| କ୍ରୀଡ଼ା ଓ ଯୁବସେବା | ୪.୬୫ |
| ଯୋଜନା ଓ ସଂଯୋଜନ | ୦.୦୪ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୨,୦୪୬.୧୧ |
| ଜଳ ସମ୍ପଦ | ୨୨.୩୭ |
| ପରିବହନ | ୧.୦୭ |
| ଜଙ୍ଗଲ ଓ ପରିବେଶ | ୨୧.୫୫ |
| ସୂଚନା ଓ ଲୋକ ସମ୍ପର୍କ | ୦.୪୬ |
| ବିଜ୍ଞାନ ଓ ବୈଷୟିକ | ୨.୨୧ |
| ଗ୍ରାମ୍ୟ ଉନ୍ନୟନ | ୨୬.୨୯ |
| ସଂସଦୀୟ ବ୍ୟାପାର | ୭.୭୩ |
| ଶକ୍ତି | ୯୫୬.୮୦ |
| ହସ୍ତତନ୍ତ, ବୟନ ଶିଳ୍ପ | ୩୦ |
| ମତ୍ସ୍ୟ ଓ ପଶୁ ସମ୍ପଦ | ୬୨.୦୨ |
| ସମବାୟ | ୭.୦୭ |
| ସରକାରୀ ଉଦ୍ୟୋଗ | ୦.୦୫ |
| ମହିଳା ଓ ଶିଶୁ ବିକାଶ | ୩୩.୮୧ |
| ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୮.୭୦ |
| ଉଚ୍ଚଶିକ୍ଷା | ୧୯୨.୭୬ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧୦.୩୫ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୫୪.୮୨ |
| ସାମାଜିକ ସୁରକ୍ଷା | ୨୨.୫୧ |
| ବିପର୍ଯ୍ୟୟ ପରିଚାଳନା | ୧,୪୮୪.୨୨ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୧.୯୨ |

# ଅତିରିକ୍ତ ବଜେଟ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

## ୧୬୨୭ କୋଟିର ବ୍ୟୟବରାଦ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

୨୦୨୦-୨୧ରେ ଅତିରିକ୍ତ ବଜେଟରେ ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ୧୬୨୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିରୁ ସ୍ୱାସ୍ଥ୍ୟସେବା ମିଶନ ଅଧୀନ ମେଡିକାଲ କଲେଜ, ପ୍ରାଥମିକ, ମାଧ୍ୟମିକ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୧୦୦ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ଆନୁଷଙ୍ଗିକ ସେବାଗୁଡ଼ିକୁ ସୁଦୃଢ଼ କରିବା ସକାଶେ ୪୦୯ କୋଟି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୪୧୨ କୋଟି ବ୍ୟୟବରାଦ କରାଯାଇଛି। ସେଥିରୁ ଔଷଧ ପାଇଁ ୩୩୦ କୋଟି, ଆପାତକାଳୀନ ଆମ୍ବୁଲାନ୍ସ ସେବା ଲାଗି ୫୧ କୋଟି ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ପାଇଁ ୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ମେଡିକାଲ ଶିକ୍ଷା ପାଇଁ ଯନ୍ତ୍ରପାତି କ୍ରୟ ନିମନ୍ତେ ୨୨୭ କୋଟି, ଆୟୁଷ ଯୋଜନା ଅଧୀନରେ ଆୟୁଷ ସେବା ପାଇଁ ୨୬ କୋଟି ବ୍ୟୟବରାଦ ହୋଇଛି। ଅନ୍ୟପକ୍ଷରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ପାଇଁ ମୋଟ ୨୦୬୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୧୫୧୪ କୋଟି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ୫୦୦ କୋଟି, ଆମ ଗାଁ ଆମ ବିକାଶ ପିଠା ଯୋଜନାକୁ ୧୮ କୋଟି, ଜାତୀୟ ଜୀବିକା ମିଶନ ପାଇଁ ୯ କୋଟି ଖର୍ଚ୍ଚ ଆକଳନ କରାଯାଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିମନ୍ତେ ୧୦୭୭ କୋଟି ବ୍ୟବସ୍ଥା କରାଯାଇଛି। ସେଥିରୁ କୋଭିଡ୍-୧୯ ସହାୟତା ଓ ଟଙ୍କିକିଆ ଚାଉଳ ପାଇଁ ୧୦୬୭ କୋଟି, ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ ପାଇଁ ୫୮୦ ଏବଂ ଅଣସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ପାଇଁ ୧୩୫ କୋଟି ବ୍ୟୟବରାଦ କରାଯାଇଛି। ଅନୁରୂପ ଭାବେ ସ୍କୁଲରେ ମଧ୍ୟାହ୍ନଭୋଜନ ପାଇଁ ୨୯୦ କୋଟି, ମତ୍ସ୍ୟ ଓ ପଶୁ ସମ୍ପଦର ବିକାଶ ପାଇଁ ୬୨ କୋଟି ଏବଂ ଏମ୍‌ଏସ୍‌ଏମ୍‌ଇ ବିକାଶ ପାଇଁ ୫୫ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି। ରାଜପଥ ବିକାଶ ପାଇଁ ବଜେଟରେ ୧୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ବିପର୍ଯ୍ୟୟ ଦ୍ୱାରା ନଷ୍ଟ ହୋଇଥିବା କୋଠାଗୁଡ଼ିକର ପୁନଃ ନିର୍ମାଣ ପାଇଁ ୨୬ କୋଟି, ପୋଷଣ ଯୋଜନା ପାଇଁ ୧୨ କୋଟି, ସାମାଜିକ ନିରାପତ୍ତା ପାଇଁ ୨୩ କୋଟି, ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ୨୩୦ କୋଟି ବ୍ୟୟବରାଦ କରାଯାଇଛି।

**ପୂର୍ବ ତଟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ**
ଫାଇଲ୍ ସଂ. DRM/Engg/KUR/20-21/E-Tender/39 ତା: 16.11.2020
(1) ଟେଣ୍ଡର ସଂ. e-Tender-EastKUR-216-2020, ତା: 10.11.2020
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / I / କଟକଙ୍କ ଅଧିକାର କ୍ଷେତ୍ର ଅଧୀନରେ ଥିବା କର୍ମଚାରୀ ବାସଗୃହ ଗୁଡ଼ିକର ଖରାପ ହୋଇଯାଇଥିବା କବାଟ, ଝରକା, ଚଟାଣ, ପଲସ୍ତରା, ଜଳ ଯୋଗାଣ ତଥା ସ୍ୱଚ୍ଛତା ବ୍ୟବସ୍ଥା, ଛାତରୁ ପାଣି ଝରିବା ଇତ୍ୟାଦିର ପ୍ରସ୍ତାବିତ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹247.22 ଲକ୍ଷ , EMD : ₹ 2,73,600.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ
(2) ଟେଣ୍ଡର ସଂ. e-Tender-EastKUR-217-2020, ତା: 10.11.2020
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ / II / କଟକଙ୍କ ଅଧିକାର କ୍ଷେତ୍ର ଅଧୀନରେ କଟକ-ପାରାଦୀପ ସେକ୍ସନରେ ଥିବା ସେଣ୍ଟ୍ରାଲ ଡ୍ରେନ୍‌ର ପ୍ରସ୍ତାବିତ ମରାମତି କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹245.45 ଲକ୍ଷ , EMD : ₹ 2,72,700.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ
ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :
ତା 02.12.2020 ର 1500 ଘ. ରେ (ସମସ୍ତ ଟେଣ୍ଡର ପାଇଁ)
ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ଏବଂ ଏହି ମାନୁଆଲ ଅଫର ଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-360/L/20-21

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୧୧୪୩୭/IND-II-PH-842 ତାରିଖ ୧୯।୧୧।୨୦୨୦
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଶ୍ରୀ ପ୍ରାଣକୃଷ୍ଣ ନାୟକ, ଓଡ଼ିଶାର କଟକ ଜିଲା, କଟକ ସଦର ତହସିଲ ଅନ୍ତର୍ଗତ ସିଧୁଆ ଗ୍ରାମରେ ୧୦.୧୧ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ସିଧୁଆ ନଦୀ ଜରିପଡା ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୨।୧୨।୨୦୨୦ରିଖ ଦିବା ୧୧.୩୦ ଘଟିକା ସମୟରେ ଓଡ଼ିଶାର କଟକ ଜିଲା, କଟକ ସଦର ତହସିଲ ଅନ୍ତର୍ଗତ ଜରିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ. ୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲାପାଳଙ୍କ କାର୍ଯ୍ୟାଳୟ, କଟକ ।
୨. ଜିଲା ଶିଳ୍ପକେନ୍ଦ୍ର, କଟକ।
୩. ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କଟକ ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଟକ ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।
ସ୍ୱା./-ସଦସ୍ୟ ସଚିବ

**ବାରଙ୍ଗରେ ୮ ପଜିଟିଭ ଚିହ୍ନଟ**

ବାରଙ୍ଗ(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅଞ୍ଚଳରେ ଶୁକ୍ରବାର ୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ବ୍ଲକର ବେଲଗଛିଆ ଏବଂ ରାମଦାସପୁର ପଞ୍ଚାୟତରେ କେତେଜଣ ଲୋକଙ୍କୁ ଜ୍ୱର ହେବାରୁ ୨୩୩ ଜଣଙ୍କର ନମୁନା ସଂଗ୍ରହ କରାଯାଇଥିଲା। ତନ୍ମଧ୍ୟରୁ ବେଲଗଛିଆ ପଞ୍ଚାୟତର ୭ଜଣ ଓ ରାମଦାସପୁର ପଞ୍ଚାୟତର ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି ବୋଲି ବିଡିଓ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ଇନ୍ଫ୍ରାଟେକ୍‌ର ଆବେଦନ ଖାରଜ

କଟକ ଅଫିସ,୨୦ା୧୧- ସାରୁଅ ଜମି ଦୁର୍ନୀତି ମାମଲାରେ ହାଇକୋର୍ଟ ଓଡ଼ିଶା ଇନ୍ଫ୍ରାଟେକ୍‌ର ଆବେଦନକୁ ଶୁକ୍ରବାର ଖାରଜ କରି ଦେଇଛନ୍ତି। ଓଡ଼ିଶା ଇନ୍ଫ୍ରାଟେକ୍ ଉକ୍ତ ମାମଲାକୁ ଭିତ୍ତିହୀନ ଦର୍ଶାଇ ରଦ୍ଦ କରିବା ପାଇଁ ଆବେଦନ କରିଥିଲା। ଜଷ୍ଟିସ ବି. ରାଉତରାୟଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଶୁଣାଣି କରି ତାହାକୁ ଖାରଜ ରିଦେଇଛନ୍ତି। ପ୍ରତିପକ୍ଷ ରବୀନ୍ଦ୍ର ସେଠୀଙ୍କ ପକ୍ଷରୁ ଆଡ୍‌ଭୋକେଟ ମିଲନ୍ କାନୁନ୍‌ଗୋ ଯୁକ୍ତି ବାଢ଼ିଥିଲେ।

### ଗ୍ରୀଡ୍ ଉଦ୍‌ଘାଟନ ବେଳେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ

ନିଶ୍ଚିନ୍ତକୋଇଲି,୨୦ା୧୧(ସ୍ୱ.ପ୍ର.) : ନିଶ୍ଚିନ୍ତକୋଇଲି ବ୍ଲକର ଅଶୁରେଶ୍ୱରଠାରେ ଗୁରୁବାର ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଉଚ୍ଚଶକ୍ତିସମ୍ପନ୍ନ ଗ୍ରୀଡ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶୋଭାଯାତ୍ରା ଓ ସଭା କରାଯାଇଥିଲା। ଏଥିରେ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରାଯାଇଥିବା ପିସିସିର ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ଦାସ ଶୁକ୍ରବାର ତରତ ପଞ୍ଚାୟତ ଦାମୋଦରପୁରଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତ, ସଞ୍ଜୟ ବେହେରା, ଅମୀୟ ବିଶ୍ୱାଳ ଓ ଅନ୍ୟମାନେ ସମାନ ଅଭିଯୋଗ କରିଛନ୍ତି। ମାତ୍ର ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଏହାକୁ ଖଣ୍ଡନ କରିଛନ୍ତି।

### ଭୁଜାଲି ବୁଲାଇ ଆତଙ୍କ

ଭୁବନେଶ୍ୱର,୨୦ା୧୧(ବ୍ୟୁରୋ): ୟୁନିଟ୍-୬ ହରିଜନ ବସ୍ତିରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ସାମାନ୍ୟ ବଚସାରୁ ଗୋଟିଏ ଗୋଷ୍ଠୀର ଅସାମାଜିକ ଯୁବକମାନେ ଉତ୍ପାତ କରୁଛନ୍ତି। ଭୁଜାଲି ବୁଲାଇ ଆତଙ୍କ ସୃଷ୍ଟି କରିବା ସହ ବସ୍ତିବାସିନ୍ଦାଙ୍କୁ ଧମକ ଦେଉଛନ୍ତି। ୩ ବାଇକରେ ୬ଜଣ ଅସାମାଜିକ ଯୁବକ ଆସି ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଏଥିସହ ଲୋକେ ମଧ୍ୟ ପୋଲିସକୁ ସମ୍ପୃକ୍ତ ଅସାମାଜିକଙ୍କ ନାଁ କହିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

### ଭାଜପାର ତହସିଲ ଅଫିସ ଆଗରେ ଧାରଣା

ବାଲିପାଟଣା,୨୦ା୧୧(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। 'ଫନୀ' ବାତ୍ୟାର ପ୍ରକୃତ ହିତାଧିକାରୀଙ୍କୁ ସହାୟତା ମିଳିପାରିନାହିଁ। ବରାହି ଖେଳପଡ଼ିଆରୁ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଅଭୟମୁଖୀ ଛକଠାରେ ଥିବା ପରିତ୍ୟକ୍ତ କ୍ଷୀର ସୋସାଇଟି ଗୃହକୁ ଭାଙ୍ଗିବା ଆଦି ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୁନିତା ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ନେତା ବସନ୍ତ ନାୟକ, ଅନନ୍ତ ପ୍ରଧାନ, ତାପସ ଜେନା, ସନ୍ତୋଷ କୁଣ୍ଡା, କୃଷ୍ଣଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପାରାବିଲକୁ ରାଜସ୍ୱ ଗ୍ରାମର ମାନ୍ୟତା

କଟକ ସଦର,୨୦ା୧୧(ଡି.ଏନ୍.ଏ.): କିଶନ ନଗର ତହସିଲ ଅଧୀନ ପାରାବିଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଏହି ଅବସରରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ତହସିଲଦାର ସୁଚେତା ମହାପାତ୍ର ଓ ବିଡିଓ ରାଜୀବ ଲୋଚନ ପରିଡା ଯୋଗଦେଇଥିଲେ। ୨୦୮ ଏକର ଜମିକୁ ନେଇ ଧରିଣା ଗ୍ରାମରୁ ଅଲଗା ହୋଇ ନୂଆ ରାଜସ୍ୱ ଗ୍ରାମ ଗଠିତ ହୋଇଛି। ବିଧାୟକ ବେହେରା ରାଜସ୍ୱ ଗ୍ରାମ ଘୋଷଣା କରିବା ସହ ପାରାବିଲ ନାମ ଥାଇ ନୂତନ ଜମିପଟ୍ଟା ବଣ୍ଟନ କରିଥିଲେ। ବିଷ୍ଣୁ ଚରଣ ବେହେରା ଓ ତାପସ ରାଉତ୍ରାୟ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହିସଭାରେ ଗ୍ରାମର ଆଦର୍ଶ ଶିକ୍ଷକ ଗୋକୁଳାନନ୍ଦ ବୈଶାଖ, ଧରଣୀଧର ବେହେରା, ଅତିରିକ୍ତ ଜିଲା ଜଜ୍ ପ୍ରଣବ ରାଉତରାୟ ଓ ଆଶୁତୋଷ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଣଜିତ୍ ରାଉତରାୟ ଓ ନିରଞ୍ଜନ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସିଲା ସର୍ବଦଳୀୟ ବୈଠକ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ପ୍ରତିନିଧି

**ସରକାରୀ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରସଙ୍ଗ**

ଭୁବନେଶ୍ୱର, ୨୦ା୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମ୍ ଛାତ୍ରୀଛାତ୍ର ଥିବା ୧୪ହଜାରରୁ ଊର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିରୋଧକରି ଓଡ଼ିଶା ଅଭିଭାବକ ମହାସଂଘ ଶୁକ୍ରବାର ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ୭ଟି ପ୍ରସ୍ତାବ ଗୃହୀତ କରାଯାଇଛି। ରାଜ୍ୟର ସମସ୍ତ ରାଜନୈତିକ ଦଳ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରିବ। ବେଆଇନ ଭାବେ ଚାଲୁଥିବା ବିନା ସ୍ୱୀକୃତିପ୍ରାପ୍ତ ଘରୋଇ ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ବନ୍ଦ ସହ ଦୋଷୀଙ୍କ ବିରୋଧରେ ଏଫ୍‌ଆଇଆର୍ ଦେବାକୁ ଦାବି ରଖାଯିବ। ସେହିପରି ବନ୍ଦ ହେବାକୁ ଥିବା ସମସ୍ତ ସ୍କୁଲର ଅଭିଭାବକମଣ୍ଡଳୀ ସ୍କୁଲ ବନ୍ଦ ପ୍ରତିବାଦରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପଠାଇବେ। ସବୁ ରାଜନୈତିକ ଦଳ, ଶିକ୍ଷକ ସଂଘ ଓ ଗଣ ସଙ୍ଗଠନମାନଙ୍କୁ ନେଇ ପ୍ରତି ଜିଲାରେ ସ୍କୁଲ ବନ୍ଦ ପ୍ରତିବାଦରେ ସମ୍ମିଳନୀ କରାଯିବ। ସ୍କୁଲ ବନ୍ଦର ବିକଳ୍ପ ପାଇଁ ବିଶିଷ୍ଟ ଶିକ୍ଷାବିତ ଓ ବିଶେଷଜ୍ଞଙ୍କୁ ନେଇ ଏକ ପରାମର୍ଶ ସଭା ଆୟୋଜନ କରାଯିବ। ଶିକ୍ଷାର ସୁରକ୍ଷା ଓ ପ୍ରସାର ପାଇଁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ଶିକ୍ଷକ ସଙ୍ଗଠନ ଇତ୍ୟାଦିଙ୍କୁ ନେଇ ଏକ ବ୍ୟାପକ ମଞ୍ଚ ଓ ଅଭିଯାନ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଜେଡିର ଦେବୀ ପ୍ରସାଦ ମିଶ୍ର, କଂଗ୍ରେସର ରିପୁନାଥ ସେଠ ଓ ଅମିୟ ପାଣ୍ଡବ, ଭାଜପାର ପୃଥ୍ୱୀରାଜ ହରିଚନ୍ଦନ, ସିପିଆଇର ଆଶିଷ କାନୁନ୍‌ଗୋ, ସିପିଆଇ(ଏମ)ର ଅଳିକିଶୋରେ ପଟ୍ଟନାୟକ ଓ ସୁରେଶ ପାଣିଗ୍ରାହୀ, ସିପିଆଇଏମ୍‌ଏଲ୍‌ର ଯୁଧିଷ୍ଠିର ମହାପାତ୍ର, ଏଏପିର ନିଶିକାନ୍ତ ମହାପାତ୍ର, ବିଏସ୍‌ପିର ମଧୁସୂଦନ ଯାଦବ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ।

# ଯାଞ୍ଚ ହେବ ବ୍ୟବସାୟୀଙ୍କ ଟ୍ରେଡ୍ ଲାଇସେନ୍ସ

ଭୁବନେଶ୍ୱର, ୨୦ା୧୧(ବ୍ୟୁରୋ)

କୋଭିଡ୍ ପରିଚାଳନା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେଉଛି। ଗୋଟିଏ ପଟେ ସମସ୍ତ ଘରର ହିସାବ ରଖିବା ନିମନ୍ତେ ଡ଼ିଜିଟାଲ୍ ଡ଼ୋର୍ ନମ୍ବରିଂ କରି ଏହାକୁ ଜିଆଇଏସ୍ ପରିଚାଳନାଯୁକ୍ତ କରାଯାଉଥିବାବେଳେ ବର୍ତ୍ତମାନ ଟ୍ରେଡ୍ ଲାଇସେନ୍ସରୁ ଅଧିକ ରାଜସ୍ୱ ନିମନ୍ତେ ବିଏମ୍‌ସିର ପ୍ରଚେଷ୍ଟା ଚାଲୁରହିଥିବା ଏହି ଦାୟିତ୍ୱରେ ଥିବା ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି।

ବିଏମ୍‌ସି ଅଞ୍ଚଳରେ ୫୦ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ରହିଛି। କିନ୍ତୁ ବର୍ତ୍ତମାନସୁଦ୍ଧା ମାତ୍ର ୧୩ହଜାର ଟ୍ରେଡ୍ ଲାଇସେନ୍ସ ନେଇ ବ୍ୟବହାର କରୁଛନ୍ତି। ତେଣୁ ବିଏମ୍‌ସି ପକ୍ଷରୁ ସର୍ଭେ କରାଯିବା ସହ ଏକ ଦସ୍ତାବିଜ୍ ପ୍ରସ୍ତୁତ କରାଯିବ। ଏହି ସର୍ଭେରେ ବାହ୍ୟ ଅନୁଷ୍ଠାନକୁ ନିୟୋଜିତ କରାଯିବ। ଏନେଇ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବାବେଳେ ଆଗାମୀ ୨୦ ଦିନ ମଧ୍ୟରେ ଏହାକୁ ଶେଷ କରିବାକୁ ସ୍ଥିର କରାଯାଇଛି। ବ୍ୟବସାୟୀମାନେ ଏହି ଟ୍ରେଡ୍ ଲାଇସେନ୍ସ ପାଇଁ ବିଏମ୍‌ସି କିମ୍ବା ୱାର୍ଡ ଅଫିସ୍‌ରେ ଭିଡ଼ ନ ଲଗାଇ ୱେବ୍‌ପୋର୍ଟାଲ୍ (ଭୁବନେଶ୍ୱର ଡ଼ଟ୍ ମି) ମାଧ୍ୟମରେ ଆବେଦନ କରିପାରିବେ ବୋଲି ଡେପୁଟି କମିଶନର ମିଶ୍ର କହିଛନ୍ତି।

# ଓପିଜିସିରେ ଦୁର୍ନୀତିଗ୍ରସ୍ତ ଏଇଏସ୍ ଅଧିକାରୀଙ୍କ ନିଯୁକ୍ତିକୁ ବିରୋଧ କରି ଆନ୍ଦୋଳନ

ଭୁବନେଶ୍ୱର,୨୦ା୧୧(ବ୍ୟୁରୋ)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି)ରେ ଏଇଏସ୍ କମ୍ପାନୀର ଅଂଶଧନ ପ୍ରତ୍ୟାହାର ପରେ ବି ଏଇଏସ୍ ଅଧିକାରୀଙ୍କୁ ପୂର୍ବବତ୍ ରଖିବା ପାଇଁ ହୋଇଥିବା ସରକାରୀ ନିଷ୍ପତ୍ତି ବିରୋଧରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଓପିଜିସିର ଅଫିସର ଆସୋସିଏଶନ ଏବଂ ଓପିଜିସି କର୍ମଚାରୀ ୟୁନିଅନ୍‌ର କର୍ମକର୍ତ୍ତାମାନେ ମଧ୍ୟାହ୍ନ ଭୋଜନ ଛୁଟି ସମୟରେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଇବ୍ ଥର୍ମାଲ ପ୍ଲାଣ୍ଟ ଫାଟକ ଓ ଭୁବନେଶ୍ୱର ଫର୍ଚ୍ୟୁନ୍ ଟାୱାରସ୍ଥିତ କର୍ପୋରେଟ୍ ଅଫିସ୍ ସମ୍ମୁଖରେ କର୍ମଚାରୀମାନେ ଏକତ୍ରିତ ହୋଇ ଏଇଏସ୍‌ର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତିକୁ ତୀବ୍ର ବିରୋଧ କରିବା ସହ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି।

ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ, ଓପିଜିସି ୟୁନିଟ୍ ୩ ଓ ୟୁନିଟ୍ ୪ରେ ନିର୍ମାଣଜନିତ ତ୍ରୁଟି ସହ ବ୍ୟାପକ ଦୁର୍ନୀତି ଯୋଗୁ କ୍ରମାଗତ ଦୁର୍ଘଟଣା ଘଟୁଛି। ଫଳରେ ରାଜ୍ୟ ସରକାର ବ୍ୟାପକ କ୍ଷତି ସହୁଛନ୍ତି। ଯେଉଁ ଏଇଏସ୍ କର୍ମଚାରୀ ଏହି କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ କିପରି ପୁନଃନିଯୁକ୍ତି ଦେଉଛନ୍ତି ସେନେଇ ପ୍ରଶ୍ନ ଉଠାଇଛି ଆସୋସିଏଶନ। ସରକାର ତୁରନ୍ତ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ ଆସୋସିଏଶନ ଓ ୟୁନିଅନ କର୍ମଚାରୀ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି।



ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍‌କୁ ମାନି ବିହାରୀ ସଂପ୍ରଦାୟର ମହିଳାମାନେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଏକ କୋଠାର ଛାତ ଉପରେ ଅଭିନବ ଉପାୟରେ ଅସ୍ଥାୟୀ ଜଳାଶୟ ତିଆରି କରି ଶୁକ୍ରବାର ଛଟ୍ ପୂଜା କରୁଛନ୍ତି।

## ଶ୍ୱଶୁରଙ୍କୁ ଛୁରାମାଡ଼: ଜ୍ୱାଇଁ ଗିରଫ

ଭୁବନେଶ୍ୱର,୨୦ା୧୧(ବ୍ୟୁରୋ)

ଶ୍ୱଶୁରଙ୍କୁ ଛୁରାମାଡ଼ ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଜ୍ୱାଇଁ ସଦାନନ୍ଦ ମହରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତାଙ୍କ ଘର ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ହୋଇଥିବାବେଳେ ସେ ଲକ୍ଷ୍ମୀସାଗର ଥାନା ଅଧୀନ କୁଲି ବସ୍ତିରେ ରହୁଛନ୍ତି। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ବାଲୁଗାଁ ଅଞ୍ଚଳର ରମେଶ ନାୟକଙ୍କ ଝିଅକୁ ସଦାନନ୍ଦ ବିବାହ କରିଥିଲେ। ଝିଅକୁ ଘରକୁ ନେବା ପାଇଁ ରମେଶ ସଦାନନ୍ଦଙ୍କ ଘରକୁ ଆସିଥିଲେ। ପୂର୍ବ କଳହକୁ କେନ୍ଦ୍ରକରି ଶୁକ୍ରବାର ସଦାନନ୍ଦ ଓ ରମେଶଙ୍କ ମଧ୍ୟରେ ବଚସା ହୋଇଥିଲା। ଝିଅକୁ ଘରକୁ ନେବା ପାଇଁ ଜିଦ୍ ଧରିବାରୁ ସଦାନନ୍ଦ ଉତ୍‌କ୍ଷିପ୍ତ ହୋଇ ରମେଶଙ୍କୁ ଛୁରାମାଡ କରିଥିବା ଅଭିଯୋଗ ହୋଇଥିଲା।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ପୁରୁଣା ଭୁବନେଶ୍ୱର, ୨୦ା୧୧(ଡି.ଏନ୍.ଏ.)

ପୋଖରୀପୁଟ ଅଭିରାମ ବସ୍ତି ନିକଟ ରେଳ ଧାରଣାରୁ ଶୁକ୍ରବାର ଜିଆରପି ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ବନମାଳିପୁର ନୂଆପାଟଣା ଅଞ୍ଚଳର ରଘୁନାଥ ସାହୁ। ପ୍ରଦୀପ ସେବା ଟ୍ରଷ୍ଟର ଦୁଇଜଣ କର୍ମକର୍ତ୍ତା ମୃତଦେହ ଉଦ୍ଧାର କରି ଜିଆରପି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନୂଆ ବର୍ଷରୁ ଦକ୍ଷିଣ ଭାରତକୁ ସ୍ୱତନ୍ତ୍ର ଟୁରିଷ୍ଟ ଟ୍ରେନ୍

ଭୁବନେଶ୍ୱର, ୨୦ା୧୧ (ବ୍ୟୁରୋ)

ଭାରତୀୟ ରେଳପଥ ପକ୍ଷରୁ 'ଭାରତ ଦର୍ଶନ' ପ୍ୟାକେଜରେ ଦେଶର ବିଭିନ୍ନ ସ୍ଥାନରେ ଥିବା ପ୍ରସିଦ୍ଧ ତୀର୍ଥସ୍ଥଳ ଅଞ୍ଚଳକୁ ସୁଲଭ ମୂଲ୍ୟରେ 'ଟୁରିଷ୍ଟ ସ୍ପେଶାଲ ଟ୍ରେନ୍' ଚଳାଚଳ କରୁଛି। ନୂଆବର୍ଷରୁ ଦକ୍ଷିଣ ଭାରତକୁ ଅନ୍ୟ ଏକ ପର୍ଯ୍ୟଟନ ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଆସନ୍ତା ଜାନୁଆରୀ ୨ରେ ଟ୍ରେନ୍‌ଟି ତୀର୍ଥଯାତ୍ରୀଙ୍କୁ ଧରି ଭୁବନେଶ୍ୱରରୁ ରାତ୍ର ୧୦ଟାରେ ରାମେଶ୍ୱରମ, ମଦୁରାଇ ଓ ତିରୁପତି ଅଭିମୁଖେ ଯାତ୍ରାରମ୍ଭ କରିବ। ଭୁବନେଶ୍ୱର, ବ୍ରହ୍ମପୁର, ଶ୍ରୀକାକୁଲମ୍, ବିଜୟନଗରମ, ବିଶାଖାପାଟଣା ଓ ବିଜୟୱାଡାରୁ ଯାତ୍ରୀମାନେ ଏହି ତୀର୍ଥଯାତ୍ରୀ ଟ୍ରେନ୍‌ରେ ଯାଇପାରିବେ ବୋଲି ଶୁକ୍ରବାର ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି। ଏହି ପ୍ୟାକେଜର ମୂଲ୍ୟ ୮,୦୮୫ ଟଙ୍କା ରହିଥିବାବେଳେ ୭ ରାତି ଓ ୮ ଦିନଧରି ତୀର୍ଥଯାତ୍ରୀମାନେ ଗସ୍ତ କରିବେ। ଏହି ଦେୟ ମଧ୍ୟରେ ସ୍ଲିପର କ୍ଲାସ୍ ଟ୍ରେନ୍ ଯାତ୍ରା, ରହିବା, ଶାକାହାରୀ ଭୋଜନ, ପର୍ଯ୍ୟଟନ ବସ୍, ଏସ୍କର୍ଟ, ସିକ୍ୟୁରିଟି ଗାର୍ଡ, ଭ୍ରମଣ ବୀମା ସହ ଯାତ୍ରୀମାନେ ଉପରୋକ୍ତ ଗନ୍ତବ୍ୟସ୍ଥଳକୁ ପରିଦର୍ଶନ କରିପାରିବେ। ଏଥିପାଇଁ ଆଇଆର୍‌ସିଟିସି ୱେବସାଇଟ୍ http://www.irctc.com ଓ ଆଇଆର୍‌ସିଟିସି ପର୍ଯ୍ୟଟନ ସୁବିଧା କେନ୍ଦ୍ରରୁ ବୁକିଂ କରିପାରିବେ। ଏହି ଯାତ୍ରାରେ ୫ ବର୍ଷରୁ କମ୍ ପିଲାଙ୍କ ପାଇଁ କୌଣସି ଦେୟ ଦେବାକୁ ପଡ଼ିବନି। ସବୁଠି ସାନିଟାଇଜେଶନ, ଥର୍ମାଲ୍ ସ୍କ୍ରିନିଂ ବ୍ୟବସ୍ଥା ରହିବ। ସାନିଟାଇଜର ଓ ମାସ୍କ ସହିତ କୋଭିଡ୍ କିଟ୍ ଯୋଗାଇ ଦିଆଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି।

# ରାପ୍ ଗାଇଲେ ସୁରେଶ ରାଉତରାୟ



ଗୀତ ରେକର୍ଡିଂ ଅବସରରେ ଅନ୍ୟମାନଙ୍କ ସହ ବିଧାୟକ ସୁରେଶ କୁମାର ରାଉତରାୟ।

ଭୁବନେଶ୍ୱର, ୨୦ା୧୧(ବ୍ୟୁରୋ)

ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଥମଥର ପାଇଁ ଗୀତ ଗାଇଛନ୍ତି। ତାହା ପୁଣି ରାପ୍। ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶୁକ୍ରବାର କଟକର ମିଳନ ଷ୍ଟୁଡିଓରେ ଏହି ଗୀତ ରେକର୍ଡ କରାଯାଇଛି। ନିଜର ବେଫିକର ଅନ୍ଦାଜ, ବିତର୍କିତ ବୟାନବାଜି, ନିଜସ୍ୱ ନିଆରା ଶୈଳୀ ସାଙ୍ଗକୁ କୌତୁକିଆ ମିଜାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ସୁରେଶ ଏଥର 'ରଙ୍ଗବତୀ....' ଶୀର୍ଷକରେ ରାପ୍ ଗାଇଛନ୍ତି। ଅରମାନ ମ୍ୟୁଜିକ ପ୍ରଯୋଜିତ ଏ ଗୀତଟିକୁ ଲେଖିଛନ୍ତି ତପୁ ନାୟକ। ସୁରଙ୍କ ସହିତ ଏହି ଗୀତରେ ଲୋପାମୁଦ୍ରା ନାୟକ ଓ ଜ୍ୟୋତିର୍ମୟୀ କଣ୍ଠଦାନ କରିଛନ୍ତି। ଜନନେତାମାନେ ଗାୟକ ଭୂମିକାରେ ଉପନୀତ ହେବା କିଛି ନୂଆ କଥା ନୁହେଁ। ସୁର ରାଉତରାୟଙ୍କ ପୂର୍ବରୁ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଗୀତ ଗାଇ ଚର୍ଚ୍ଚାରେ ରହିସାରିଛନ୍ତି। ତେବେ ପ୍ରସିଦ୍ଧ ସମ୍ବଲପୁରୀ ରଙ୍ଗବତୀ ଗୀତ ସହିତ ଏହାର କୌଣସି ସମ୍ପର୍କ ନାହିଁ ବୋଲି ଜାପାନୀ ଭାଇ ସ୍ପଷ୍ଟ କରିଛନ୍ତି।

# କଲ୍ଲୋଳ-୨୦୨୦ ଉଦ୍‌ଘାଟିତ

ଭୁବନେଶ୍ୱର,୨୦ା୧୧(ବ୍ୟୁରୋ)

ଆଇନା ପକ୍ଷରୁ ଚଳଚ୍ଚିତ୍ର ଉତ୍ସବ 'କଲ୍ଲୋଳ ୨୦୨୦' ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ଏବଂ କୋଭିଡ୍ ଉପରେ ଆଧାରିତ କଲ୍ଲୋଳର ଏହି ୬ଷ୍ଠ ସଂସ୍କରଣରେ ଶିଶୁ ସୃଜନଶୀଳତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପିଲାଙ୍କ ଦ୍ୱାରା ମୋଟ୍ ୭୨ଟି କ୍ଷୁଦ୍ର ଚଳଚ୍ଚିତ୍ର ଓ ୬୦ଟି ରେଡ଼ିଓ ବିଜ୍ଞାପନ/ଝଙ୍କାର ପାଇଁ ସ୍କ୍ରିପ୍ଟ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବିଶେଷଜ୍ଞଙ୍କ ଦ୍ୱାରା ଚୟନ କରାଯାଇଥିବା ସ୍କ୍ରିପ୍ଟ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ଓ ରେଡ଼ିଓ ବିଜ୍ଞାପନ/ଝଙ୍କାର, ଜିଙ୍ଗଲ୍ ପ୍ରସ୍ତୁତ କରାଯାଇ ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ଡ. ମୋନିକା ନିଲସନ୍, ମୋ ସ୍କୁଲ୍ ଅଭିଯାନର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ୍ ଜେନା, ପଦ୍ମଶ୍ରୀ ନୀଳମାଧବ ପଣ୍ଡା, ଆଇନାର ସମ୍ପାଦିକା ସ୍ନେହା ମିଶ୍ର ଯୋଗଦେଇଥିଲେ।

# ୩.୧୦ ଲକ୍ଷ ଲୁଟ୍ ଟଙ୍କା ଜବତ: ଅଭିଯୁକ୍ତ ଗିରଫ

ବାଲିଅନ୍ତା,୨୦ା୧୧(ଡି.ଏନ.ଏ.)

ବାଲିଅନ୍ତା ଥାନା ଅଧୀନ ଫୁଲନଖରା-ନିଆଳି ରାସ୍ତାର ତ୍ରିନାଥ ବଜାର ଛକରେ ଗତ ସେପ୍ଟେମ୍ବର ୬ ତାରିଖରେ ଜଣେ ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ କମିଶନରେଟ୍ ପୋଲିସ ଗଞ୍ଜାମ ଜିଲା ଆସିକା ଥାନା ଅଧୀନ ପାକଲାପାଲି ଗ୍ରାମର ଚାଣ୍ଟି ଦାସଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ୩.୧୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଜଗନ୍ନାଥପୁର ଗ୍ରାମର ସୁକାନ୍ତିବାଳା ଜେନା ତ୍ରିନାଥ ବଜାରସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇଥିଲେ। ପରେ ନିକଟସ୍ଥ ହାଟଗଡା ଛକରେ ଛିଡା ହୋଇଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କାବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସୁକାନ୍ତିବାଳା ଅଭିଯୋଗ କରିବା ପରେ ବାଲିଅନ୍ତା ପୋଲିସ ଏକ ମାମଲା(ନଂ.୨୦୩/୨୦) ରୁଜୁ କରିଥିଲା।

# ବିଭିନ୍ନ ସାହିରେ ଡ୍ରେନେଜ କାମ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୨୦ା୧୧(ବ୍ୟୁରୋ)

ଭୁବନେଶ୍ୱରର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସି ୱାର୍ଡ ୪ ସାହାବାଜ ଠାରୁ ଏନ.ଏଚ ୧୬ ପର୍ଯ୍ୟନ୍ତ ୫୨ଲକ୍ଷ ୪୪ ହଜାର ଟଙ୍କା ବ୍ୟୟରେ ନିରକ୍ସାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ସେହିପରି ଏକ ଡ୍ରେନ ଓ ଚମ୍ପାଦଣ୍ଡା ଠାରୁ ଏନ.ଏଚ ୧୬ କିଆ ମୋଟର୍ସ ପର୍ଯ୍ୟନ୍ତ ପ୍ରାୟ କୋଟିଏ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଉ ଏକ ଡ୍ରେନ ଓ ସାହାବାଜର ଏକ ସାହି ରାସ୍ତା ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ କରାଯିବା ନେଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉତ୍ତର ନିର୍ବାଚନମଣ୍ଡଳୀ ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ଏହାର ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଛି। ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

# ବାଲ୍ୟବିବାହମୁକ୍ତ ଓଡ଼ିଶା ଗଠନକୁ ଗୁରୁତ୍ୱ

**ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ**

- ସଚେତନତା ବାର୍ତ୍ତା ବହନକାରୀ ରଥ ଉଦ୍‌ଘାଟନ
- ୩ ଜିଲାରେ ୨୦ଦିନ ଭ୍ରମଣ କରିବ

ଭୁବନେଶ୍ୱର, ୨୦ା୧୧(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଭର୍ଚୁଆଲରେ ଯୋଗଦେଇ ବାଲ୍ୟବିବାହମୁକ୍ତ ଓଡ଼ିଶା ନିର୍ମାଣ ପାଇଁ ଆମକୁ ଆହୁରି କ୍ରିୟାଶୀଳ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ କହିଲେ, ଶିଶୁମାନଙ୍କ ବିକାଶ ଦିଗରେ ଶିକ୍ଷାର ଗୁରୁତ୍ୱ ସର୍ବାଧିକ। ତେଣୁ ପ୍ରତ୍ୟେକ ଶିଶୁ ଯେଭଳି ଉପଯୁକ୍ତ ଶିକ୍ଷା ପାଇବେ ସେଥିପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ଏହି ଅବସରରେ ଶିଶୁ ସମ୍ପର୍କିତ ସମସ୍ତ ଅଭିଯୋଗର ଦାଖଲ, ଶୁଣାଣି ଓ ସମାଧାନ ପାଇଁ ଭୁବନେଶ୍ୱରରେ ଏକ ଶିଶୁ ଥାନା ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇ ଶିଶୁ ଅଧିକାରର ସୁରକ୍ଷା ଦିଗରେ ଆୟୋଗର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଇମବ୍ରାଞ୍ଚର ଡିଆଇଜି ଅମିତେନ୍ଦ୍ର ସିହ୍ନା, ଶ୍ରମ ଆୟୁକ୍ତ ଏନ୍. ତିରୁମଲ୍ଲା, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ସାମଗ୍ରିକ ବିକାଶ ଦିଗରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଶିଶୁ ସୁରକ୍ଷା ସଚେତନତା ବାର୍ତ୍ତା ବହନକାରୀ ରଥର ଉଦ୍‌ଘାଟନ କରିଥିଲେ। ଏହି ରଥ ଖୋର୍ଦ୍ଧା, କନ୍ଧମାଳ ଏବଂ ବୌଦ୍ଧ ଜିଲାରେ ଶିଶୁ ଅଧିକାର ସୁରକ୍ଷା, ଶିଶୁ ଶିକ୍ଷା ଓ ଯତ୍ନ ବାର୍ତ୍ତା ସହିତ ୨୦ଦିନ ଭ୍ରମଣ କରିବ। କୋଭିଡ୍-୧୯ ସମୟରେ ଶିଶୁଙ୍କୁ ଡିଜିଟାଲ୍ ମାଧ୍ୟମରେ ପ୍ରାକ୍‌ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ପ୍ରସ୍ତୁତ ଏକ ଭିଡିଓ 'ଗୁଲ୍‌ମୋହର'କୁ ମନ୍ତ୍ରୀ ଲୋକାର୍ପିତ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**୪ ବଖରା ଜଳିଗଲା**

ନିମାପଡା,(ଡି.ଏନ.ଏ.): ନିମାପଡା ବ୍ଲକ ଅଧୀନ କଳାପାଞ୍ଚଣ ପଞ୍ଚାୟତର ଗୁଣ୍ଡିଆ ଲେଙ୍କାସାହି ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ହେମନ୍ତ ଭୋଇ ଓ ବିଜୟ ଭୋଇଙ୍କ ୪ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ନିଆଳି ଜଲାରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରୋଷେଇ ବେଳେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଗୃହ ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ତଦନ୍ତ ଆରମ୍ଭ, ବିରୋଧ ଜାରି

**ପୋଲିସ ହେପାଜତ ମୃତ୍ୟୁ ଘଟଣା**

■ସମ୍ପର୍କୀୟଙ୍କୁ ଭେଟିଲେ ମାନବାଧିକାର କର୍ମୀ

ପୁରୀ ଅଫିସ,୨୦।୧୧

ପୋଲିସ ହେପାଜତରେ କେ. ରମେଶଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ଥମିନାହିଁ। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ ଜାରି ରହିଥିବାବେଳେ ଶୁକ୍ରବାର ମାନବିକ ଅଧିକାର ସୁରକ୍ଷା ଆୟୋଗ (ଏଚ୍‌ଆରପିସି) ଡିଏସ୍‌ପି ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତକଙ୍କ ମା', ବାପା, ଦାଦାଙ୍କୁ ପୋଲିସ ଅଜଣା ଜାଗାରେ ଅଟକ ରଖିଥିବା ସମ୍ପର୍କୀୟ କହୁଥିବାବେଳେ ଏହାକୁ ପୋଲିସ ଅସ୍ୱୀକାର କରିଛି। କେ. ରମେଶଙ୍କ ମା, ବାପା, ଦାଦାଙ୍କୁ ଅଟକ ରଖାଯାଇ ନାହିଁ। ତାଙ୍କ ବାପା ନିଜେ ମୁଖାଗ୍ନି ଦେଇଛନ୍ତି ବୋଲି ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମାନବାଧିକାର କର୍ମୀମାନେ ମଧ୍ୟ ରମେଶଙ୍କ ଘରକୁ ଯାଇ ସମ୍ପର୍କୀୟଙ୍କଠାରୁ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି।

ପୋଲିସ ମାଡ଼ରେ କେ. ରମେଶଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କୀୟମାନେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏ ନେଇ ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଛି। ମାନବିକ ଅଧିକାର ସୁରକ୍ଷା ଆୟୋଗ ଡିଏସ୍‌ପିଙ୍କ ସହ ଏନ୍‌ଏଚଆର୍‌ସି ସ୍ୱେଚ୍ଛାସେବୀ ମୃତକଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। ସମ୍ପର୍କୀୟମାନଙ୍କୁ ପଚରାଉଚରା କରିବା ସହ ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ସେହିପରି ଜାତୀୟ ମାନବ ଅଧିକାର ଫ୍ରଣ୍ଟ ସଦସ୍ୟା ପ୍ରାନ୍ତସିନୀ ଜେନା ଓ ଅନ୍ୟ ଦୁଇ ସଦସ୍ୟ ମଧ୍ୟ ରମେଶଙ୍କ ଘରକୁ ଯାଇ କେଉଁ ପରିସ୍ଥିତିରେ, କାହିଁକି, କିପରି ଏଭଳି ଘଟଣା ଘଟିଲା ସେନେଇ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ସଦସ୍ୟା ଜେନା ଗଣମାଧ୍ୟମକୁ କହିଛନ୍ତି, ଏହି ଘଟଣାରେ ପୋଲିସ ଭୂମିକା ସନ୍ଦେହଜନକ। ସମ୍ପର୍କୀୟଙ୍କୁ ମୃତଦେହ ନ ଦେଖାଇ ଲୁଚାଇ ନିଆଯାଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଛି। ଅଟକ ରଖାଯାଇଥିବା ମୃତକଙ୍କ ମା, ବାପା ଓ ଦାଦାଙ୍କୁ ଛଡ଼ାଯାଉ। ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ସହ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ ୩୦୨ ଦଫା ଲଗାଯାଇ ଗିରଫ କରାଯିବାକୁ ଜେନା ଦାବି କରିଛନ୍ତି।

ପରିବାର ଲୋକଙ୍କୁ ନ ଜଣାଇ ମୃତଦେହ ଦାହ କରାଯିବା ପ୍ରସଙ୍ଗରେ ଏସ୍‌ପି କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ମଧ୍ୟରେ ମୃତଦେହ ଦାହ ପାଇଁ ସ୍ୱର୍ଗଦ୍ୱାର ନିଆଯାଇଥିଲା। ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତକଙ୍କ ବାପା ମୁଖାଗ୍ନି ଦେଇଥିଲେ। ତାଙ୍କ ମା, ବାପା, ଦାଦାଙ୍କୁ ପୋଲିସ ଅଟକ ରଖିଥିବା ଯାହା ପ୍ରଚାର କରାଯାଉଛି ଏଥିରେ କୌଣସି ସତ୍ୟତା ନାହିଁ। ସେମାନେ ତାଙ୍କ ଇଚ୍ଛାରେ ଆରାମରେ ଅଛନ୍ତି ବୋଲି ଏସ୍‌ପି କହିଛନ୍ତି। ତେବେ ବିଭିନ୍ନ ସଙ୍ଗଠନ ପୋଲିସର ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ବିକ୍ଷୋଭ କରିଛନ୍ତି। ସିପିଆଇ(ଏମ୍) ଏବଂ ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ମାମଲାର ତଦନ୍ତ, ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ହତ୍ୟା ମାମଲାରେ ଗିରଫ ଏବଂ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ସିପିଏମ୍‌ର ଜିଲା ସମ୍ପାଦକ ଶରତ ରାୟଗୁରୁ ଗଣମାଧ୍ୟମକୁ କହିଛନ୍ତି, ଅପରାଧ ନିୟନ୍ତ୍ରଣ ନାଁରେ ଜିଲାରେ ଅଭିଯୁକ୍ତମାନଙ୍କୁ ବାସେଳି ସାହି ଥାନାରେ ନିସ୍ଠୁର ମାଡ଼ ମରାଯାଉଛି। ବେଆଇନ ଭାବେ ଦୀର୍ଘଦିନ ଅଟକ ରଖିବା ମାନବିକ ଅଧିକାର ଉଲ୍ଲଂଘନ। ଏହି ବିକ୍ଷୋଭରେ ରାୟଗୁରୁଙ୍କ ସମେତ ଜଗନ୍ନାଥ ଦେଓ, ମୋହନ ନାଇଡୁ, ଜିତେନ୍ଦ୍ରିୟ ବେହେରା, ମିଟୁ ମହାପାତ୍ର, ପବିତ୍ର ଦଳାଇ, ମନୋରଞ୍ଜନ ମହାରଣା, ବଟକୃଷ୍ଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।



କେ. ରମେଶଙ୍କ ପରିବାରବର୍ଗଙ୍କ ସହ ଜାତୀୟ ମାନବ ଅଧିକାର ଫ୍ରଣ୍ଟ ସଦସ୍ୟା ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ୧୨ଗ୍ରାମ ବ୍ରାଉନସୁଗାର ଜବତ, ୫ ଗିରଫ

**ନିମାପଡ଼ା,୨୦।୧୧(ଡି.ଏନ୍.ଏ.):** ନିମାପଡ଼ା ପୋଲିସ ଶୁକ୍ରବାର ନିମାପଡ଼ା-ବଳଙ୍ଗା ରାସ୍ତାର ଧନୁଆଁ ନଦୀ ବ୍ରିଜ ନିକଟରୁ ୫ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପାଟପୁର ନାୟକସାହି ଗ୍ରାମର ଲକ୍ଷ୍ମଣ ନାୟକ ଓରଫ ବବି, ଦିପିରେଣ୍ଟା ଗ୍ରାମର ବଟକୃଷ୍ଣ ସାହୁ ଓରଫ ବଟୁ, ଚିତ୍ରସେନ ପରିଡ଼ା ଓରଫ ଟୁଲା, ଖେଦପୁର ଗ୍ରାମର କୃପାସିନ୍ଧୁ ଭୋଇ ଓରଫ କାଳିଆ, ଅଣ୍ଡିଆଶାସନ ଗ୍ରାମର ଜଗତ୍‌ଜ୍ୟୋତି ମହାପାତ୍ର ଓରଫ ଜଗା। ଏମାନଙ୍କ ନିକଟରୁ ୧୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ. ୨୮୫/୨୦)ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଆଇଆଇସି ଜନାର୍ଦ୍ଦନ ପାଢୀଙ୍କ ନେତୃତ୍ୱରେ ଧନୁଆଁ ନଦୀ ବ୍ରିଜ ନିକଟରେ ଚଢ଼ାଉ କରାଯାଇଥିଲା।

### ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଝାଁଳା,୨୦।୧୧(ଡି.ଏନ୍.ଏ.):** ଝାଁଳା ଫାଣ୍ଡି ଅଧୀନ ଗଙ୍ଗପଡ଼ା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ରାତିରେ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଗୁଡୁମ ନିକଟ ଜଗନ୍ନାଥପୁର ଗ୍ରାମର ଭାଗ୍ୟଧର ମହାପାତ୍ର(୬୫)। ସୂଚନା ଅନୁଯାୟୀ, ୧୬ନଂ. ଜାତୀୟ ରାଜପଥ ଗଙ୍ଗପଡ଼ା ପେଟ୍ରୋଲ ପମ୍ପ ନିକଟରେ ଭାଗ୍ୟଧର ରାସ୍ତା ଅତିକ୍ରମ କରୁଥିବା ବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଖୋର୍ଦ୍ଧା ଅଫିସ,୨୦।୧୧:** ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଶୁକ୍ରବାର ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ଞାନରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ନାଗରିକ ବାସୁଦେବ ଦୋରା ଏବଂ କ୍ୟାପଟେନ ଯଦୁମଣି ମିଶ୍ରଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନକୁ ପଞ୍ଜୀକରଣ ଦେବାରେ ପ୍ରଶାସନ ବିଳମ୍ବ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ୟାଙ୍କ ଓ ଟ୍ରେଜେରିରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ଦାବି ହୋଇଥିଲା। ୨୦୨୧ ଜାନୁୟାରୀରେ ବାର୍ଷିକ ଅଧିବେଶନ ନେଇ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା। ବୈଠକରେ ସମ୍ପାଦକ ରାମଶଙ୍କର, ତ୍ରିନାଥ ପାଲଟାସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ଉପଦେଷ୍ଟା ଭୀମସେନ ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ବୈକୁଣ୍ଠନାଥ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବିପତ୍ର

**ବେଗୁନିଆ,୨୦।୧୧(ଡି.ଏନ୍.ଏ.):** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରି ଜନ ସଚେତନତା ସୃଷ୍ଟି କରୁଥିବା ଓଡ଼ିଶା ଜନ ସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ଶୁକ୍ରବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ପହଞ୍ଚିଛନ୍ତି। ଚକାପଦା ଛକରେ ତାଙ୍କୁ ବେଗୁନିଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଥିଲେ। ପରେ ତାଙ୍କୁ ବ୍ଲକ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବେଗୁନିଆ ବିଡିଓ ଦାୟିତ୍ୱରେ ଥିବା ରତିକାନ୍ତ ମିଶ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜକିଶୋର ପାଣିଗ୍ରାହୀ, ପ୍ରମୋଦ ତ୍ରିପାଠୀ, ପ୍ରତିମା ପ୍ରଧାନ, ଦିପ୍ତୀରଞ୍ଜନ ସାହୁ, ସୋମନାଥ ସାହୁ, ବାସୁଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦାଦାବଟି ମାଗି ୩ ଗିରଫ

**ପୁରୀ ଅଫିସ,୨୦।୧୧:** ଦାଦାବଟି ମାଗିବା ଅଭିଯୋଗରେ ଶୁକ୍ରବାର କୁମ୍ଭାରପଡ଼ା ଥାନା ପୋଲିସ ଦୀପକ ଚୌହ୍ୱାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୬ତାରିଖ ରାତିରେ ଷ୍ଟେଶନ ରୋଡ ନିକଟ ଏକ ହୋଟେଲ ସମ୍ମୁଖରେ ରାଜେଶ ତ୍ରିପାଠୀ ଶୋଇଥିଲେ। ଦୀପକ ପହଞ୍ଚି ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ଦୀପକ ପଥରରେ ଆକ୍ରମଣ କରିଥିଲେ। ସେହିପରି କୁମ୍ଭାରପଡ଼ା ପୋଲିସ ୨ଅଭିଯୁକ୍ତ ଲିଟନ ଦାସ ଓ ମନୋଜ ରଣାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଉଭୟ ଗତ ୧୮ ତାରିଖରେ ଜାନକୀ ମହାନ୍ତିଙ୍କୁ ୨ହଜାର ଟଙ୍କା ଦାଦାବଟି ମାଗିଥିଲେ।

## ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଉଠାଣ ଘଟଣା: ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ଅଫିସ,୨୦।୧୧

ଖୋର୍ଦ୍ଧା ସହରର ଜଣେ ଆଶାକର୍ମୀଙ୍କ ଏଟିଏମ୍ କାର୍ଡକୁ ବଦଳାଇ ପରେ ତାଙ୍କ ଆକାଉଣ୍ଟରୁ ୮,୫୦୦ଟଙ୍କା ଉଠାଣ ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହଳଦିଆ କୁଆପୁଟ ଗ୍ରାମର ଗେଡୁ ଓରଫ୍ ସଞ୍ଜୟ କୁମାର ମହାପାତ୍ର(୨୯)। ତାଙ୍କ ନିକଟରୁ ୫ଟି ନକଲି ଏଟିଏମ୍ କାର୍ଡ ଜବତ ହୋଇଛି।

## କୋଭିଡ୍ କିଓସ୍କୋ କେନ୍ଦ୍ର ଖୋଲିଲା

ପୁରୀ ଅଫିସ,୨୦।୧୧

କରୋନା ସମ୍ପର୍କିତ ସଚେତନତା ସୃଷ୍ଟି ଓ କରୋନା ପ୍ରତିରୋଧକ ସାମଗ୍ରୀ ବିକ୍ରୟ ନିମନ୍ତେ ଶୁକ୍ରବାର ଆଚାର୍ଯ୍ୟ ହରିହର ଛକ ନିକଟରେ କୋଭିଡ୍ କିଓସ୍କୋ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଉଦ୍‌ଘାଟନ କରିଛନ୍ତି। ପୁରୀ ଜିଲା ପ୍ରଶାସନ ସହାୟତାରେ ଓର୍‌ମାସ ପକ୍ଷରୁ ଏହି କେନ୍ଦ୍ର ପ୍ରାଥମିକ ଭାବେ ଏକମାସ ଧରିଚାଲିବ। ଏଠାରେ ମାସ୍କ, ହ୍ୟାଣ୍ଡୱାଶ, କାଢା ପ୍ରସ୍ତୁତ ସାମଗ୍ରୀ ସହ ବିଭିନ୍ନ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ମିଳିବ। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ, ଓର୍‌ମାସ ଡେପୁଟି ସିଇଓ ପ୍ରଶାନ୍ତ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଓର୍‌ମାସର ବିଜୟ କୁମାର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କୁମ୍ଭାରପଡ଼ାକୁ ଐତିହ୍ୟ ପଡ଼ା ମାନ୍ୟତା ମିଳୁ

**କୁମ୍ଭକାରଙ୍କ ଜମିପଟା ନେଇ ବିଧାୟକଙ୍କ ସହ ଆଲୋଚନା**

ପୁରୀ ଅଫିସ, ୨୦।୧୧

ଦୀର୍ଘବର୍ଷ ଧରି ଶ୍ରୀମନ୍ଦିରରେ କୁମ୍ଭାର ବିଶୋଇ ସେବା କରିଆସୁଥିବା କୁମ୍ଭାରପଡ଼ାର ବହୁ କୁମ୍ଭକାରଙ୍କ ସ୍ଥାୟୀ ଜମିପଟ୍ଟା ସେମାନଙ୍କ ନାମରେ ନାହିଁ। ସେହି ଜମି ସରକାରୀ ଖାତା ଅନ୍ତର୍ଭୁକ୍ତ ହୋଇଥିବାରୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜମିପଟା ନ ଥିବାରୁ ସେମାନେ ଆୟ, ବାସିନ୍ଦା ପ୍ରମାଣପତ୍ର, ବ୍ୟାଙ୍କ ଋଣ ସହିତ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଶ୍ରୀମନ୍ଦିର ବନ୍ଦ ଥିବାରୁ ହାଣ୍ଡିକୁଡୁଆ ବିକିବାରେ ମଧ୍ୟ ହଇରାଣ ହେଉଛନ୍ତି ବୋଲି କୁମ୍ଭକାର ନିଯୋଗ ଅଭିଯୋଗ କରିଛି। ଏ ନେଇ ଶୁକ୍ରବାର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସହ କୁମ୍ଭକାରମାନେ ଆଲୋଚନା କରିଛନ୍ତି। ସେ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ। ଆବଶ୍ୟକ ପଡ଼ିଲେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବେ ବୋଲି ବିଧାୟକ କହିଛନ୍ତି। ନିଯୋଗ ସମ୍ପାଦକ ମହେନ୍ଦ୍ର ବିଶୋଇ, ସଦସ୍ୟ ଚୈତନ୍ୟ ବିଶୋଇ, ବଡ଼ ଯାଗା ସମ୍ପାଦକ ନେତ୍ରାନନ୍ଦ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କୁମ୍ଭାରପଡ଼ା ବସ୍ତିକୁ ଐତିହ୍ୟ ପଡ଼ାର ମାନ୍ୟତା ପ୍ରଦାନ ସହ ବିଲୁପ୍ତ ହୋଇଯାଉଥିବା କଳା କୌଶଳ ଏବଂ ମାଟି ସାମଗ୍ରୀ ସଂରକ୍ଷଣ ପାଇଁ କୁମ୍ଭାରପଡ଼ାରେ ଏକ ରାଜ୍ୟସ୍ତରୀୟ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ନିଯୋଗ ସମ୍ପାଦକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ଶିଶିର ସଭାପତି, ହର୍ଷ ସମ୍ପାଦକ

ଖୋର୍ଦ୍ଧା ଅଫିସ,୨୦।୧୧

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ ଅଧିକାରୀ ନୃସିଂହ ନାଥ ମିଶ୍ରଙ୍କ ଆବାହକତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅବଧି ପୁରିବାକୁ ୩ମାସ ରହିଛି। କୋଭିଡ୍ ସମୟରେ ସମସ୍ତଙ୍କୁ ଏକତ୍ରିତ କରି ଭୋଟ୍ ପ୍ରକ୍ରିୟା ଉପରେ ଅନେକ ସଭ୍ୟ ଆପତ୍ତି ଉଠାଇଥିଲେ। ସାନି ଭୋଟ ପରିବର୍ତ୍ତେ ୨୦୨୧-୨୨ ବର୍ଷ ପାଇଁ ନିର୍ବାଚନ ହେବା ପର୍ଯ୍ୟନ୍ତ ଅନ୍ତରୀଣ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଥିଲା। ସର୍ବସମ୍ମତିକ୍ରମେ ଶିଶିର କୁମାର ପରିଡା ସଭାପତି, ହର୍ଷ କୁମାର ପଟ୍ଟନାୟକ ସମ୍ପାଦକ, ମନ୍ମଥ କୁମାର ମିଶ୍ର କୋଷାଧ୍ୟକ୍ଷ, ପ୍ରଭାତ କୁମାର ଦାସ, ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସଭ୍ୟଭାବେ ମନୋନୀତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ମିଶ୍ର ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।





ଶୁକ୍ରବାର କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।

## ରାପ୍ ଗାଇଲେ ସୁରେଶ ରାଉତରାୟ

ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)

ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଥମଥର ପାଇଁ ଗୀତ ଗାଇଛନ୍ତି। ତାହା ପୁଣି ରାପ୍। ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଶୁକ୍ରବାର କଟକର ମିଳନ ଷ୍ଟୁଡିଓରେ ଏହି ଗୀତ ରେକର୍ଡ କରାଯାଇଛି। ନିଜର ବେଫିକର ଅନ୍ଦାଜ, ବିତର୍କିତ ବୟାନବାଜି, ନିଜସ୍ୱ ନିଆରା ଶୈଳୀ ସାଙ୍ଗକୁ କୌତୁକିଆ ମିଜାଜ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଥିବା ସୁରେଶ ଏଥର 'ରଙ୍ଗବତୀ....' ଶୀର୍ଷକରେ ରାପ୍ ଗାଇଛନ୍ତି। ଅରମାନ ମ୍ୟୁଜିକ ପ୍ରଯୋଜିତ ଏ ଗୀତଟିକୁ ଲେଖିଛନ୍ତି ତପୁ ନାୟକ। ସୁରଙ୍କ ସହିତ ଏହି ଗୀତରେ ଲୋପାମୁଦ୍ରା ନାୟକ ଓ ଜ୍ୟୋତିର୍ମୟୀ କଣ୍ଠଦାନ କରିଛନ୍ତି। ଜନନେତାମାନେ ଗାୟକ ଭୂମିକାରେ ଉପନୀତ ହେବା କିଛି ନୂଆ କଥା ନୁହେଁ। ସୁର ରାଉତରାୟଙ୍କ ପୂର୍ବରୁ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଗୀତ ଗାଇ ଚର୍ଚ୍ଚାରେ ରହିସାରିଛନ୍ତି। ତେବେ ପ୍ରସିଦ୍ଧ ସମ୍ବଲପୁରୀ ରଙ୍ଗବତୀ ଗୀତ ସହିତ ଏହାର କୌଣସି ସମ୍ପର୍କ ନାହିଁ ବୋଲି ଜାପାନୀ ଭାଇ ସ୍ପଷ୍ଟ କରିଛନ୍ତି।



## ୨୪ ବସ୍ତିର ହେବ ଉନ୍ନତୀକରଣ

ଖୋର୍ଦ୍ଧା ଅଫିସ,୨୦।୧୧

ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୨୪ଟି ବସ୍ତିର ହେବ ଉନ୍ନତୀକରଣ। ଏ ନେଇ ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପଠାରେ ବସ୍ତି ବାସିନ୍ଦାଙ୍କୁ ନେଇ କ୍ଷମତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତି ବସ୍ତିରେ ବିଦ୍ୟୁତ୍, ପାନୀୟଜଳ ଯୋଗାଣର ସୁବ୍ୟବସ୍ଥା, ରାସ୍ତାର ଉନ୍ନତୀକରଣ, ଆଲୋକୀକରଣ, ଶୌଚାଳୟ, ବସ୍ତିଗୃହ ଓ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ। ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଲାଗି ଯୋଜନା ରହିଛି। ଏହି କାର୍ଯ୍ୟ ୨୦୨୧ ମାର୍ଚ୍ଚ ୧୫ ସୁଦ୍ଧା ଶେଷ ହେବ। ଏହି ବୈଠକରେ ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କ ସମେତ ୨୪ଟି ବସ୍ତିର ସଭାପତି ଏବଂ ସମ୍ପାଦକମାନେ ଉପସ୍ଥିତ ଥିଲେ।

## ଡାଲି, ତୈଳବୀଜ ଜାତୀୟ ଫସଲକୁ ଗୁରୁତ୍ୱ

**ପୁରୀ ଅଫିସ,୨୦।୧୧:** ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳ ବଳୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅନୀଲ ଚନ୍ଦ୍ର ଦାସ ଚଳିତ ରବି ଋତୁ ପାଇଁ ୧,୦୫,୦୦୦ ହେକ୍ଟର ଜମିରେ ରବି ଚାଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା କହିଥିଲେ। ଜମିର ଅବସ୍ଥିତି ଓ ଜଳସେଚନର ସୁବିଧାକୁ ନେଇ ୩୪,୦୦୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଏବଂ ଶଙ୍କର ଜାତୀୟ ଧାନଚାଷ ଲାଗି ଯୋଜନା କରାଯାଇଛି। ମାଟିର ଆର୍ଦ୍ରତା ଏବଂ ଗତ ବାତ୍ୟାର କ୍ଷୟକ୍ଷତି ଭରଣାକୁ ଆଖି ଆଗରେ ରଖି ୪୮,୦୦୦ ହେକ୍ଟର ଡାଲିଜାତୀୟ, ୬ହଜାର ହେକ୍ଟର ଜମିରେ ତୈଳବୀଜ, ୧୭,୦୦୦ ହେକ୍ଟର ଜମିରେ ପନିପରିବା ଓ ମସଲା ଜାତୀୟତଥା ଅନ୍ୟାନ୍ୟ ରବି ଫସଲ ଚାଷ ଲାଗି ଲକ୍ଷ୍ୟ ରଖାଯାଇଛି। ରବି ଋତୁରେ ବିଭିନ୍ନ ପ୍ରଣାଳି ମାଧ୍ୟମରେ ୮୨,୫୯୬ ହେକ୍ଟର ଜମି ଜଳସେଚନ କରାଯିବ। ୧୮,୦୫୦ ମେଟ୍ରିକ ଟନ୍ ରାସାୟନିକ ସାର ଚାଷୀଙ୍କୁ ସରକାରୀ ମୂଲ୍ୟରେ ଯୋଗାଇ ଦିଆଯିବ। ବିଭିନ୍ନ ବ୍ୟବସାୟିକ ଓ କୃଷି ସମବାୟ ବ୍ୟାଙ୍କ ମାଧ୍ୟମରେ ୬୦,୬୦୦ ଚାଷୀଙ୍କୁ ୬୩୬.୮୦ କୋଟି କୃଷି ଋଣ ଦିଆଯିବ। ଉଦ୍ୟାନ ବିଭାଗ ତରଫରୁ ୨୦୦ ହେକ୍ଟର ଜମିରେ ବୁନ୍ଦା ଜଳସେଚନ ଏବଂ ୩୫୦ ହେକ୍ଟର ଜମିରେ ଫୁଆରା ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ୧୯୪୨ କ୍ଷେତ ପୋଖରୀ ଖନନ ଲକ୍ଷ୍ୟ ରଖାଯାଇଥିବାବେଳେ ୧,୬୬୯ଟି ଦରଖାସ୍ତ ସଂଗ୍ରହ ହୋଇଛି।

## ହାଇକୋର୍ଟରେ ଓଡ଼ିଶା ଇନ୍‌ଫ୍ରାଟେକ୍‌ର ଆବେଦନ ଖାରଜ

କଟକ ଅଫିସ,୨୦।୧୧

ସାରୁଅ ଜମି ଦୁର୍ନୀତି ମାମଲା ନେଇ ଓଡ଼ିଶା ଇନ୍‌ଫ୍ରାଟେକ୍‌ର ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରି ଦେଇଛନ୍ତି । ଜଷ୍ଟିସ ବି. ରାଉତରାୟଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଓଡ଼ିଶା ଇନ୍‌ଫ୍ରାଟେକ୍‌ର ଆବେଦନର ଶୁଣାଣି କରିଥିଲେ। ଓଡ଼ିଶା ଇନ୍‌ଫ୍ରାଟେକ୍ ଉକ୍ତ ମାମଲାକୁ ଭିତ୍ତିହୀନ ଦର୍ଶାଇ ରଦ୍ଦ କରିବା ପାଇଁ ଆବେଦନ କରିଥିଲେ । ଯାହା ହାଇକୋର୍ଟରେ ଖାରଜ ହୋଇଯାଇଛି। ପ୍ରତିପକ୍ଷ ରବୀନ୍ଦ୍ର ସେଠୀଙ୍କ ପକ୍ଷରୁ ଆଡ୍‌ଭୋକେଟ ମିଳନ୍ କାନୁନ୍‌ଗୋ ଯୁକ୍ତି ବାଢିଥିଲେ । ଆଡଭୋକେଟ କାନୁନ୍‌ଗୋ ଦର୍ଶାଇଥିଲେ, ଚଞ୍ଚକତା କରି ଓଡ଼ିଶା ଇନ୍‌ଫ୍ରାଟେକ୍ ହରିଜନ ଆଦିବାସୀଙ୍କ ଜମି ହାତେଇ ଥିଲା। ପରେ ଉକ୍ତ ମାମଲାର ତଦନ୍ତକୁ ଏଡାଇବା ପାଇଁ ସଂସ୍ଥା ମାମଲାକୁ ଭିତ୍ତିହୀନ ଦର୍ଶାଉଛି।

## ଜେଲ ଗଲେ ୬ ଅଭିଯୁକ୍ତ

**ପୋଲିସ ଇନଫର୍ମର ସନ୍ଦେହରେ ଆକ୍ରମଣ ଘଟଣା**

ପିପିଲି,୨୦।୧୧(ସ୍ୱ.ପ୍ର.)

ପିପିଲି ଶିଶୁ ଉଦ୍ୟାନ ନିକଟରେ ପୋଲିସ ଇନଫର୍ମର ସନ୍ଦେହରେ ସାଜିଦ ହୁସେନଙ୍କୁ କେତେଜଣ ଦୁର୍ବୃତ୍ତ କଟୁରିରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଶୁକ୍ରବାର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭବାନିପୁରର ହାପିଜ୍ ଖାଁ, ସୁଲତାନନଗରର ପ୍ରତାପ ବେହେରା, ଜୟପୁର ଶାସନର ରାଜୁ ବେହେରା, ମହମ୍ମଦ ତାଫିକ୍, ସାତଶଙ୍ଖ କଲୋନୀର ଜଗନ୍ନାଥ ପୁଷ୍ପାଳକ, ତେଇଶିପୁର କାଙ୍କନଡୁଆର ଧରଣୀଧର ବେହେରା। ଏମାନଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ବାଇକ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ନିମାପଡ଼ା ଜେଲକୁ ପଠାଇ ଦିଆଯାଇଛି।

## ତମାଖୁ ବିକିଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ, ୨୦।୧୧:**

ପୁରୀ ହେବ ତମାଖୁମୁକ୍ତ। ନିଶାଦ୍ରବ୍ୟ ବିକ୍ରି ଓ ନିଷେଧ ଆଇନକୁ କଡ଼ାକଡ଼ି କରାଯିବ। ଯେଉଁମାନେ ତମାଖୁଜନିତ ଦ୍ରବ୍ୟ ବିକ୍ରି କରୁଥିବେ ସେମାନଙ୍କ କ୍ୟାବିନ ଉଠାଇ ନିଆଯିବ। ଦୋକାନ ବନ୍ଦ କରାଯିବ। ଟ୍ରାଫିକ ପୋଲିସ ଦ୍ୱାରା ତମାଖୁ ସେବନର ଯାଞ୍ଚ ହେବ। ଶିକ୍ଷାନୁଷ୍ଠାନ ଓ ମନ୍ଦିରର ୧୦୦ ମିଟର ମଧ୍ୟରେ ଥିବା ତମାଖୁ ବିକ୍ରେତାଙ୍କ ଦୋକାନ ଉଠାଯିବ। ଜିଲାର ବିଭିନ୍ନ ସ୍ଥାନରେ ମାସକୁ ଅନ୍ୟୁନ ୪ଥର ମିଳିତ ଚଢାଉ କରାଯିବ ବୋଲି ଶୁକ୍ରବାର ଜିଲା କର୍କଟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ଜାତୀୟ ତମାଖୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ନିଷ୍ପତ୍ତି ହୋଇଛି। ପୁରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମେଳନ କକ୍ଷରେ ଏ ନେଇ ପ୍ରଶିକ୍ଷଣ କର୍ମଶାଳାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ଉଦ୍‌ଘାଟନ କରିଥିଲେ। ବକ୍ତା ଭାବେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ଡ୍ରଗ୍ସ କଣ୍ଟ୍ରୋଲର ସତ୍ୟବ୍ରତ ଗିରି, ଡିଆଇବିଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତି, ରାଜ୍ୟ ତମାଖୁ ନିୟନ୍ତ୍ରକ ଅଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ଡିପିଏଚ୍‌ଓ ବିରଜାଶଙ୍କର ରଥ, ସଂକ୍ରାମକ ରୋଗ ବିଶେଷଜ୍ଞ ଲଳିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଡା. ଦେବୀ ଦୁର୍ଲ୍ଲଭ ନାୟକ ଏବଂ ଡା. ସୁକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଶିଶୁ ଅଧିକାର କ୍ଷୁଣ୍ଣ ବିରୋଧରେ ସ୍ୱର ଉତ୍ତୋଳନ ହେଉ

ପୁରୀ ଅଫିସ,୨୦।୧୧

ଶିଶୁ ସମାଚାର ପକ୍ଷରୁ ଶୁକ୍ରବାର ବିଶ୍ୱ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ ମୁଖ୍ୟ ଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ସାମାଜିକ କର୍ମୀ ମଧୁସୂଦନ ମିଶ୍ର ଓ ସନତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ଅଧିକାର କ୍ଷୁଣ୍ଣ ବିରୋଧରେ ସ୍ୱର ଉତ୍ତୋଳନ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଆରମ୍ଭରେ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଶିବସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ। ଉଦ୍‌ଘୋଷିକା ଜୟଶ୍ରୀ ମୁଦ୍ରା, ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍‌ଲାଇନ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଶୁଭସ୍ମିତା ଚିନ୍ନେରା, ଶୁଭାଙ୍ଗୀ ରଥ, ଶୀତଲ ସ୍ନେହାଶିଷ ଦାଶ, କବିତାରେ ଶୁଭାଙ୍ଗୀ ରଥ, ଶୁଭଲକ୍ଷ୍ମୀ ପରିଡ଼ା ଓ ସାଇ ଶଗୁନ୍ ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ।

## ନରେନ୍ଦ୍ରରେ ହେବ ମ୍ୟୁଜିକାଲ ୱାଟର ଫାଉଣ୍ଟେନ

ପୁରୀ ଅଫିସ,୨୦।୧୧

ନରେନ୍ଦ୍ର ପୁଷ୍କରିଣୀରେ ଖୁବଶୀଘ୍ର ଆରମ୍ଭ ହେବ ମ୍ୟୁଜିକାଲ ୱାଟର ଫାଉଣ୍ଟେନ (ଜଳ ଫୁଆରା) ଓ ଲେଜର ଶୋ। ଦୈନିକ ଅଧଘଣ୍ଟାଏ ଲେଖାଏ ଦୁଇଥର ଏହି ଶୋ' ପ୍ରଦର୍ଶନ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ନରେନ୍ଦ୍ର ପୁଷ୍କରିଣୀର ଐତିହ୍ୟ ବଜାୟ ରଖିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ୩ ସପ୍ତାହ ମଧ୍ୟରେ ଆନୁଷଙ୍ଗିକ ମରାମତି କାମ ଶେଷ କରି ଏହାକୁ ପୁନଃ ଚାଲୁ କରିବା ପାଇଁ ଜିଲାପାଳ ବଳୱନ୍ତ ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୋ ଧାମ ମୋ ଗର୍ବ ଟିମ୍ ଶୁକ୍ରବାର ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଛନ୍ତି ।

ସକାଳେ ଓ ଅପରାହ୍ନରେ ପରିମଳ ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବ। ପୁଷ୍କରିଣୀ ଚତୁଃପାର୍ଶ୍ୱକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ରଖିବା ଲାଗି ଆଲୋକ ଏବଂ ସିସିଟିଭି ଲଗାଯିବ। ଶ୍ରାଦ୍ଧ ଓ ପିଣ୍ଡଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ଗାଧୁଆ ତୁଠ, ପୋଷାକ ପରିବର୍ତ୍ତନ ଗୃହ, ପାହାଚ ଓ ପାଚେରୀ ମରାମତି ଓ ଶୌଚାଳୟ କାମ ଶୀଘ୍ର ଶେଷ ହେବ। ସ୍ଥାନୀୟ ସାହି ନେତୃବୃନ୍ଦଙ୍କୁ ନେଇ ଏକ କମିଟି ଗଢାଯିବ। କମିଟି ଉନ୍ନୟନ କାମ ଓ ପରିଚାଳନା ସମ୍ପର୍କରେ ମତାମତ ଦେବ। ଏହାପରେ ଟିମ୍ ଜଟିଆ ବାବା ଆଶ୍ରମ ବୁଲି ଦେଖିବା ସହ ପରିମଳ ଓ ଆବର୍ଜନାରୁ ଜୈବିକ ସାର ପ୍ରସ୍ତୁତ ଲାଗି ପରାମର୍ଶ ଦେଇଥିଲେ। ଟିମ୍‌ରେ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରମୁଖ ସାମିଲ ଥିଲେ। ସକାଳେ ଜିଲାପାଳ ଶରଧାବାଲିରେ ସ୍ୱଚ୍ଛ ସାଥୀ, ସୁପରଭାଇଜର, ଜମାଦାର, ଅଧିକାରୀ ପ୍ରମୁଖ ସ୍ୱଚ୍ଛ ସୈନିକଙ୍କ ପ୍ରାର୍ଥନା ସଭାରେ ଯୋଗଦେବା ସହ ସେମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ।

**ରିଲାଏନ୍ସ - ଫ୍ୟୁଚର ଡିଲ୍‌କୁ ସିସିଆଇ ମଞ୍ଜୁରୀ**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଫ୍ୟୁଚର ଗ୍ରୁପ୍ର ରିଟେଲ କାରବାର ଅଧିଗ୍ରହଣ ଡିଲ୍‌କୁ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ଡିଲ୍‌କୁ ବାତିଲ କରିବା ଲାଗି ଆମାଜନ ଆପତ୍ତି ଉଠାଇ ଆସିଥିଲା। ବିଭିନ୍ନ ନିୟମକୁ ଫ୍ୟୁଚର ଗ୍ରୁପ୍ ଅବମାନନା କରିଛି ବୋଲି ଆମାଜନ ଅଭିଯୋଗରେ କହିଥିଲା। ଏଭଳି ଅଭିଯୋଗ ସତ୍ତ୍ୱେ ମଧ ସିସିଆଇ ଡିଲ୍‌କୁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହା ଉଭୟ ଫ୍ୟୁଚର ଗ୍ରୁପ୍ ଏବଂ ଆମାଜନ ଲାଗି ଆଶ୍ୱସ୍ତି ବୋଲି କୁହାଯାଉଛି। ପୂର୍ବରୁ ଫ୍ୟୁଚର ଗ୍ରୁପ୍‌ରେ ଆମାଜନ ନିବେଶ କରିଛି। ମାତ୍ର ଫ୍ୟୁଚର ଗ୍ରୁପ୍ ଏହାର ରିଟେଲ କାରବାର ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କୁ ବିକ୍ରି କରିବା ପାଇଁ ଚୁକ୍ତିରେ ସାମିଲ ହେବା ପରେ ଆମାଜନ ଆପତ୍ତି ଉଠାଇଥିଲା।

# ନଗଦ ମୋହ ତୁଟୁନି

ନୂଆଦିଲ୍ଲୀ,୨୦।୧୧



**ଉଠାଉଛନ୍ତି ହାରାହାରି ୫ ହଜାର**

ଦେଶରେ ଡିଜିଟାଲ କାରବାର ଏବେ ଦ୍ରୁତ ହୋଇଛି। ଇଣ୍ଟରନେଟ ଏବଂ ପ୍ରଯୁକ୍ତି ଉନ୍ନତ ହେବା ଯୋଗୁ ପୂର୍ବ ତୁଳନାରେ ଏବେ ଡିଜିଟାଲ ନେଣଦେଣକୁ ଲୋକେ ପସନ୍ଦ କରୁଛନ୍ତି। ହେଲେ ଏହା ସତ୍ତ୍ୱେ ଭାରତୀୟଙ୍କ ମଧ୍ୟରେ ରହିଥିବା ନଗଦ ମୋହ ତୁଟୁନି। ଏକ ରିପୋର୍ଟ ମୁତାବକ, ଏଟିଏମ୍‌ରୁ ଲୋକମାନେ ହାରାହାରି ପ୍ରାୟ ୫ ହଜାର ଟଙ୍କା ଉଠାଉଛନ୍ତି। ଫଳରେ ଘରୋଇ ବଜାରରେ ଏଟିଏମ୍ ଉଠାଣ କ୍ଷେତ୍ରରେ ବର୍ତ୍ତମାନ ନୂଆ ରେକର୍ଡ ସୃଷ୍ଟି ହୋଇଛି। ନଗଦ କାରବାର ପ୍ରତି ଲୋକଙ୍କର କେତେ ଭଲ ପାଇବା ରହିଛି ଏହା ଏଥିରୁ ଅନୁମାନ କରିହେବ।

ଅଗଷ୍ଟ ମାସ ଡାଟା ମୁତାବକ ଲୋକମାନେ ଏଟିଏମ୍‌ରୁ ହାରାହାରି ୪୯୫୯ ଟଙ୍କା ଉଠାଇଛନ୍ତି। ଲୋକମାନେ ଡେବିଟ କାର୍ଡରୁ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କାର ରେକର୍ଡ ଉଠାଣ କରିଛନ୍ତି। ଏହା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୧୨%। ଏବେ ଡିଜିଟାଲ ପେମେଣ୍ଟ ବଢୁଥିବା ବେଳେ ୟୁପିଆଇ ଟ୍ରାଞ୍ଜାକଶନ ସଂଖ୍ୟା ୨୦୦ କୋଟି ଛୁଇଁଛି। ଏଭଳି ଡାଟାକୁ ଦେଖିଲେ ଭାରତରେ ଲୋକମାନେ କ୍ୟାଶ୍‌କୁ ପ୍ରାଥମିକତା ଦେଉଥିବା ଅନୁମାନ କରିହେବ। ଗତ ବର୍ଷ ନଭେମ୍ବର ଡାଟାକୁ ଦେଖିଲେ ନଗଦ ଉଠାଣ ପ୍ରାୟ ୧୦% ବଢ଼ିଛି। ୟୁପିଆଇ ନେଣଦେଣ ପ୍ରାୟ ୨୦% ବଢ଼ିଛି।

ଭାରତୀୟ ଅର୍ଥ ବ୍ୟବସ୍ଥାରେ କ୍ୟାଶ୍ ବା ନଗଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଟିଏମ୍ ବ୍ୟବସ୍ଥା ଯୋଗୁ ଲୋକମାନେ କ୍ୟାଶ୍ ଲାଭ କରିବାରେ ସୁବିଧା ଲାଭ କରୁଛନ୍ତି ବୋଲି ହିଟାଚି ପେମେଣ୍ଟ ସର୍ଭିସର ପରିଚାଳନା ନିର୍ଦ୍ଦେଶକ ରୁସ୍ତମ ଇରାନି ସୂଚନା ଦେଇଛନ୍ତି। କରୋନା ଲକ୍‌ଡାଉନ ଯୋଗୁ ଏପ୍ରିଲଠାରୁ ମେ ମାସ ମଧ୍ୟରେ କ୍ୟାଶ୍ ଉଠାଣ କ୍ଷେତ୍ରରେ ହ୍ରାସ ନଜରକୁ ଆସିଥିଲା। ମାତ୍ର ଏହା ପରଠାରୁ ନଗଦ ଉଠାଣ ପୁଣି ଥରେ ବଢୁଥିବା ନଜରକୁ ଆସିଛି। ଦିୱାଲିରେ ମଧ୍ୟ ଲୋକମାନେ ଉଚ୍ଚ ପରିମାଣରେ ନଗଦ ଉଠାଣ କରିଥିବା ହିଟାଚି ପେମେଣ୍ଟସର ସିଇଓ କେ.ଶ୍ରୀନିବାସ ସୂଚନା ଦେଇଛନ୍ତି। ମହାମାରୀ ସମୟରେ ଲୋକମାନେ ନିଜ ପାଖରେ କ୍ୟାଶ୍ ମହଜୁଦ କରି ରଖିବା ଦେଖାଯାଇଥିଲା। ମାତ୍ର ଅର୍ଥ ବ୍ୟବସ୍ଥା ଖୋଲୁଥିବାରୁ ଏଟିଏମ୍ ନେଣଦେଣରେ ବୃଦ୍ଧି ପରିଲକ୍ଷିତ ହୋଇଛି।

# ବ୍ୟାଙ୍କ ପ୍ରମୋଟର ହୋଇପାରନ୍ତି ବଡ଼ କର୍ପୋରେଟ ହାଉସ

ମୁମ୍ବାଇ,୨୦।୧୧

**ସରକାରଙ୍କୁ ଆରବିଆଇର ପ୍ରସ୍ତାବ**

ବଡ଼ ବଡ଼ କର୍ପୋରେଟ୍ ହାଉସ ଦେଶରେ ଥିବା ବ୍ୟାଙ୍କଗୁଡ଼ିକର ପ୍ରମୋଟର ଭାବେ ସ୍ଥାନ ପାଇବା ନେଇ ସମ୍ଭାବନା ଉପୁଜିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ଏକ ଅନ୍ତରୀଣ କମିଟି ସରକାରଙ୍କୁ ଏ ନେଇ ପ୍ରସ୍ତାବ ଦେଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆଇନରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ଏଥିରେ କୁହାଯାଇଛି। ସେହିଭଳି ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକରେ ପ୍ରମୋଟରଙ୍କ ଅଂଶଧନ ସୀମା ୨୬%କୁ ବୃଦ୍ଧି କରିବା ନେଇ ପ୍ରସ୍ତାବରେ କୁହାଯାଇଛି। ଏହାବାଦ ଘରୋଇ ବଜାରରେ ରହିଥିବା ବଡ଼ ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡ଼ିକୁ ବ୍ୟାଙ୍କରେ ରୂପାନ୍ତରିତ କରିବା ନେଇ ମଧ୍ୟ ପ୍ରସ୍ତାବ ରହିଛି। ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକର ମାଲିକାନା ସମ୍ପର୍କରେ ତର୍ଜମା କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜୁନ ୧୨ରେ ଏକ ଆନ୍ତଃ ୱାର୍କିଂ ଗ୍ରୁପ୍ (ଆଇଡବ୍ଲୁଜି) ଗଠନ କରାଯାଇଥିଲା। ସେହିଭଳି ଏନ୍‌ବିଏଫ୍‌ସିଗୁଡ଼ିକର ସମ୍ପତ୍ତି ମୂଲ୍ୟ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଥିଲେ ସେଗୁଡ଼ିକୁ ବ୍ୟାଙ୍କରେ ରୂପାନ୍ତରିତ କରିବା ଭଳି ଅନ୍ୟାନ୍ୟ ପ୍ରସ୍ତାବ ସାମିଲ ରହିଛି।

# ରାଉରକେଲାରେ କ୍ୟାରେଟ୍‌ଲେନ ଷ୍ଟୋର

ଭୁବନେଶ୍ୱର,୨୦।୧୧

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ସହଭାଗୀ କ୍ୟାରେଟ୍‌ଲେନ ପକ୍ଷରୁ ରାଉରକେଲାଠାରେ ପ୍ରଥମ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା କମ୍ପାନୀ ପୂର୍ବାଞ୍ଚଳରେ ଉପସ୍ଥିତିକୁ ବୃଦ୍ଧି କରିଛି। ଷ୍ଟୋରଟି ବିସ୍ରା ରୋଡ଼ରେ ଅବସ୍ଥିତ ଏବଂ ୧୦୦୦ବର୍ଗଫୁଟ ପରିମିତ ଏରିଆ ମଧ୍ୟରେ ପରିବ୍ୟାପ୍ତ। ଏଥିରେ ପ୍ରାୟ ୧୦୦୦ ଅନନ୍ୟ ଡିଜାଇନର ଗହଣା ରହିଛି। ଏଭରଗ୍ରୀନ୍ ବଟରଫ୍ଲାଇ ସୋଲାପିଚ କଲେକ୍ସନ ଭଳି ନୂଆ ଡିଜାଇନ ଏଠାରେ ଉପଲବ୍ଧ। ସଲିଟାୟାର ଲାଉଞ୍ଜ ଏବଂ ଅଳଙ୍କାର ବିଶେଷଜ୍ଞଙ୍କ ଏକ ଅତ୍ୟନ୍ତ ସହାୟକ ଦଳ ଏଠାରେ ରହିଛନ୍ତି। ସେହିଭଳି ପାରମ୍ପରିକ ଭାରତୀୟ ଅଳଙ୍କାରର ଅନନ୍ୟ ଡିଜାଇନ ଗ୍ରାହକ ଏଠାରେ ଲାଭ କରିପାରିବେ। ଆଧୁନିକ ଓ ସମସାମୟିକ ଅଳଙ୍କାର ପାଇଁ ସର୍ବଦା ସଜାଗ ଥିବା ମହିଳାଙ୍କ ଚାହିଦାକୁ ଧ୍ୟାନରେ ରଖି ଏହି ଷ୍ଟୋରଟି ଡିଜାଇନ କରାଯାଇଛି। ଏ ସମ୍ପର୍କରେ କ୍ୟାରେଟଲେନ୍ ପ୍ରତିଷ୍ଠାତା ତଥା ସିଇଓ ମିଥୁନ ସାଚେତି କହିଛନ୍ତି, ରାଉରକେଲାରେ ଆମର ପ୍ରଥମ ଷ୍ଟୋର ଶୁଭାରମ୍ଭ କରି ଆମେ ବହୁତ ଖୁସି। ଅଧିକରୁ ଅଧିକ ଗ୍ରାହକଙ୍କ ପାଇଁ ସୁନ୍ଦର ସୁନ୍ଦର ଅଳଙ୍କାର ଉପଲବ୍ଧ କରାଇବା ଆମର ସର୍ବଦା ପ୍ରୟାସ ରହି ଆସିଛି। ଗ୍ରାହକଙ୍କୁ ଏକ ସର୍ବଭାରତୀୟ ଅଭିଜ୍ଞତା ପ୍ରଦାନ କରିବାକୁ ଚାହୁଁଛୁ। ଗ୍ରାହକ ଅନଲାଇନରେ ଡିଜାଇନ ବ୍ରାଉଜ କରି ନୂତନ ଷ୍ଟୋରରେ ଅଳଙ୍କାରର ଅନୁଭବ କରିପାରିବେ ବୋଲି ସେ ସୂଚନା ଦେଇଥିଲେ।

# ଡିଇପିଏମ୍ ରେଟ୍ ସିଷ୍ଟମ ଜାରି ରହିବ

ଭୁବନେଶ୍ୱର,୨୦।୧୧

**ଏମ୍‌ଏସ୍‌ଏମ୍‌ଇକୁ ଆଶ୍ୱସ୍ତି**

ରାଜ୍ୟ ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ(ଡିଇପିଏମ) ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ ପୂର୍ବଭଳି ଜାରି ରହିବ। ରାଜ୍ୟ ସରକାର ଶିଳ୍ପ କ୍ଷେତ୍ରକୁ ଏ ନେଇ ଏକ ଭର୍ଚୁଆଲ ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟରେ ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ(ଜିଇଏମ୍) ଡାଞ୍ଚାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଠାରୁ ସାମଗ୍ରୀ କ୍ରୟ କରିବା ନେଇ ସରକାର ଯୋଜନା ରଖିଥିଲେ। ଏହାକୁ ଶିଳ୍ପଜଗତ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏହି ଯୋଜନା ବିରୋଧରେ କ୍ଷୁଦ୍ର ଶିଳ୍ପଗୁଡ଼ିକର ଯୁଗ୍ମ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଦିଆଯିବା ନେଇ ଚେତାବନୀ ଦିଆଯାଇଥିଲା। ରାଜ୍ୟର କ୍ଷୁଦ୍ର ଶିଳ୍ପଗୁଡ଼ିକର ସ୍ୱାର୍ଥକୁ ଧ୍ୟାନରେ ରଖି ପୂର୍ବଭଳି ଡିଇପିଏମ୍ ରେଟ୍ ସିଷ୍ଟମ ଲାଗୁ କରିବା ସହ ଅନ୍ୟ ସମସ୍ୟା ଉପରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ଶିଳ୍ପଗୁଡ଼ିକ ବିଭିନ୍ନ ଦାବି ରଖିଥିଲେ। ଡିଇପିଏମ୍ ରେଟ୍ ସିଷ୍ଟମ ପୂର୍ବଭଳି ବଜାୟ ରହିବାକୁ ଥିବାରୁ ଏହା ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ଆଶ୍ୱସ୍ତି ବୋଲି କୁହାଯାଉଛି।

ସରକାରଙ୍କ ଏଭଳି ନିଷ୍ପତ୍ତିକୁ କ୍ଷୁଦ୍ରଶିଳ୍ପ ପକ୍ଷରୁ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଶିଳ୍ପ ସଂଘ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ସଂଘଗୁଡ଼ିକ ପକ୍ଷରୁ ମିଳିତ ପ୍ରେସ୍ ବିବୃତିରେ କୁହାଯାଇଛି, ନିଷ୍ପତ୍ତି ଦ୍ୱାରା ରାଜ୍ୟର ୧୦୦୦ରୁ ଊର୍ଦ୍ଧ୍ୱ ଏମ୍‌ଏସ୍‌ଏମ୍‌ଇକୁ ବନ୍ଦ ହେବାରୁ ରକ୍ଷା କରାଯାଇପାରିଛି। ସେହିଭଳି ୧ ଲକ୍ଷ ନିଯୁକ୍ତି ରକ୍ଷା ଦିଗରେ ଏହା ସହାୟକ ହେବ। ଭର୍ଚୁଆଲ ବୈଠକରେ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କ୍ଷୁଦ୍ରଶିଳ୍ପ ସଂଘଗୁଡ଼ିକ ବିଭିନ୍ନ ଦାବିରେ ୨୧ ନଭେମ୍ବରଠାରୁ ଧାରଣା ଦେଇଥାନ୍ତେ। ମାତ୍ର ରାଜ୍ୟ ସରକାର ଦାବିକୁ ମାନି ନେଇ ଥିବାରୁ ଧାରଣା ପ୍ରତ୍ୟାହାର କରାଯାଇଥିବା କ୍ଷୁଦ୍ର ଶିଳ୍ପ ସଂଘ ଓସିଆ ସଭାପତି ସ୍ୱରଜିତ ମହାନ୍ତି, ଓୟେଆ ସଭାପତି ମିହିର କାନୁନ୍‌ଗୋ, ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଏବଂ ୟୁପିଏମ୍‌ଏ ସଭାପତି ଭାଗୀରଥି ନନ୍ଦ ମିଳିତ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ୧୨ ଘଣ୍ଟା କାର୍ଯ୍ୟ ଦିବସ ଲାଗି ପ୍ରସ୍ତାବ

ମୁମ୍ବାଇ,୨୦।୧୧

ସର୍ବାଧିକ ୧୨ ଘଣ୍ଟିଆ କାର୍ଯ୍ୟଦିବସ ଲାଗି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ସହ ମଧ୍ୟାନ୍ତର ସମୟ ମଧ ରହିବ। ଅକ୍ୟୁପେଶନାଲ ସେଫ୍ଟି ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିସନ୍ସ(ଓଏସ୍‌ଏସ୍) କୋଡ୍ ୨୦୨୦ ଡ୍ରାଫ୍ଟ ନିୟମରେ ଏହା ଉଲ୍ଲେଖ ରହିଛି। ଚଳିତ ବର୍ଷ ସଂସଦ ଏହି ବିଲ୍‌କୁ ଅନୁମୋଦନ ପ୍ରଦାନ କରିଛି। ସାପ୍ତାହିକ କାର୍ଯ୍ୟ ସମୟ ୪୮ ଘଣ୍ଟା ଧାର୍ଯ୍ୟ ରଖାଯିବ ବୋଲି ନଭେମ୍ବର ୧୯ରେ ସରକାର ଜାରି କରିଥିବା ଡ୍ରାଫ୍ଟ ନିୟମରେ କହିଛନ୍ତି। ସାପ୍ତାହିକ ୬ ଦିନ ଏବଂ ଦୈନିକ ୮ ଘଣ୍ଟା କାମ କରିବାକୁ ନିୟମ ରହିଥିଲେ ମଧ ସର୍ବାଧିକ ୧୨ ଘଣ୍ଟା କାର୍ଯ୍ୟଦିବସ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଏ ନେଇ ଶ୍ରମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟୀକରଣ ଦେଇଛନ୍ତି। ୮ ଘଣ୍ଟା ବାଦ୍ ଯଦି ଲୋକମାନେ କାମ କରିବାକୁ ଚାହାନ୍ତି ତେବେ ଏହାକୁ ଓଭରଟାଇମ କୁହାଯିବ। ଏହାକୁ ବିଚାରକରି ସର୍ବାଧିକ କାର୍ଯ୍ୟଦିବସ ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି। ୮ ଘଣ୍ଟା ବାଦ୍ ଅନ୍ୟୂନ ୩୦ ମିନିଟରୁ ଅଧିକ ସମୟ କାମ କଲେ ଏହାକୁ ଓଭରଟାଇମ ବିବେଚନା କରାଯିବ ବୋଲି ଅଧିକାରୀ କହିଛନ୍ତି।

# ଭାରତକୁ ୭୦ ହଜାର କୋଟିର ଟିକସ କ୍ଷତି

ନୂଆଦିଲ୍ଲୀ,୨୦।୧୧

ଅନ୍ତର୍ଜାତୀୟ କର୍ପୋରେଟ ଟିକସର ଦୁରୁପଯୋଗ ଏବଂ ବେସରକାରୀ ଟିକସ ଫାଙ୍କି ଯୋଗୁ ସାରା ବିଶ୍ୱର ଦେଶ ସମୂହ ୪୨୭ ବିଲିୟନ ଡଲାରର ଟିକସ ଲାଭ କରିବାରୁ ବଞ୍ଚିତ ହେଉଛନ୍ତି। ଏହି କ୍ଷେତ୍ରରେ ଭାରତ ୭୦ ହଜାର କୋଟି ଟଙ୍କା ଟିକସ କ୍ଷତି ସହୁଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ଟାକ୍ସ ଜଷ୍ଟିସ ନେଟ୍‌ୱର୍କ(ଟିଏନ୍‌ଜେଡ୍) ପକ୍ଷରୁ ଏଭଳି ଏକ ରିପୋର୍ଟ ଶୁକ୍ରବାର ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ବହୁଦେଶୀୟ କମ୍ପାନୀ(ଏମ୍‌ଏନ୍‌ସି)ଗୁଡ଼ିକ କର୍ପୋରେଟ ଟିକସର ଦୁରୁପଯୋଗ କରୁଥିବାରୁ ୨୪୫ ବିଲିୟନ ଡଲାର ଏବଂ ବେସରକାରୀ ଟିକସ ଚୋରି ବାବଦ ୧୮୨ ବିଲିୟନ ଡଲାର ମୂଲ୍ୟର ଟିକସ ଦେଶଗୁଡ଼ିକୁ ମିଳିପାରୁନାହିଁ। କମ୍ପାନୀଗୁଡ଼ିକ କାମ କରୁଥିବା ଦେଶଗୁଡ଼ିକରୁ ଅର୍ଥ ଉପାର୍ଜନ କରୁଥିବା ବେଳେ ସେଠାରେ ଯେତେ ପରିମାଣର ଟିକସ ଦେବା କଥା ନ ଦେଇ ବିଭିନ୍ନ ଆଳରେ ଏହାକୁ ଅନ୍ୟତ୍ର ପ୍ରେରଣ କରୁଛନ୍ତି। ଏଭଳି ଭାବେ ୧.୩୮ ଲକ୍ଷ କୋଟି ଡଲାରରୁ ଊର୍ଦ୍ଧ୍ୱ ଅର୍ଥ ପ୍ରେରଣ ହୋଇଛି।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ସୌର ଲ୍ୟାମ୍ପ ବଣ୍ଟନ

ଭୁବନେଶ୍ୱର,୨୦।୧୧

ପ୍ରମୁଖ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଶକ୍ତି ସଂରକ୍ଷଣ ଯୋଜନାର ଆରମ୍ଭ କରାଯାଇଛି। ଏହି ଯୋଜାନା ଜରିଆରେ ଲାଞ୍ଜିଗଡ଼ ଅଞ୍ଚଳବାସୀ ସୌରଶକ୍ତି ଦ୍ୱାରା ସ୍ୱଚ୍ଛ ଆଲୋକ ଏବଂ ସ୍ୱଚ୍ଛ ଖାଦ୍ୟ ପ୍ରସ୍ତୁତି କରିବାରେ ସକ୍ଷମ ହୋଇପାରିବେ। ଯୋଜନା ଅନ୍ତର୍ଗତ ବେଦାନ୍ତର ସାମାଜିକ କର୍ମୀମାନେ ସ୍ଥାନୀୟ ଡେଙ୍ଗସର୍ଗି ଗ୍ରାମର ବାସିନ୍ଦାଙ୍କୁ ସୌର ଲ୍ୟାମ୍ପ ବଣ୍ଟନ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରଦୂଷଣମୁକ୍ତ ଓ ନିର୍ଭରଯୋଗ୍ୟ ତଥା ସ୍ଥାୟୀ ଶକ୍ତି ସ୍ରୋତକୁ ସୁନିଶ୍ଚିତ କରିବା ଦିଗରେ ବେଦାନ୍ତ ଦ୍ୱାରା ଏହି ଯୋଜନାର ଆରମ୍ଭ କରାଯାଇଛି। ଏହିପଦକ୍ଷେପ ବିଶେଷକରି ସନ୍ଧ୍ୟାରେ ପିଲାମାନଙ୍କ ପଢ଼ିବା ସମୟରେ ବୃଦ୍ଧି ଓ କାଠ ଜାଳେଣି ବ୍ୟବହାର ଯୋଗୁ ହେଉଥିବା ଶ୍ୱାସଜନିତ କୌଣସି ଅସୁବିଧାକୁ ରୋକିବା ଏବଂ ମହିଳାମାନଙ୍କ ରୋଷେଇ ସହ ଅନ୍ୟାନ୍ୟ ଘରକରଣାରେ ଆବଶ୍ୟକ ସହାୟତା କରିପାରିବ। ଏହା ପୂର୍ବରୁ ନିକଟସ୍ଥ ସିଙ୍ଗିବାହାଲ ଗ୍ରାମରେ ମଧ ସୌର ଲ୍ୟାମ୍ପ ବଣ୍ଟନ କରାଯାଇଥିଲା। ଏହା ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲାଞ୍ଜିଗଡ଼ର ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ କହିଛନ୍ତି, ବେଦାନ୍ତ ସର୍ବଦା ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟ ଜାରି ରଖିଛି।


**GOVT. OF ODISHA, PANCHAYATI RAJ & DRINKING WATER DEPARTMENT**
**PANCHAYAT SAMITI, K. NUAGAON, KANDHAMAL**

Tender Call Notice No. 2862 Dtd.19.11.2020

The Panchayat Samiti, K. Nuagaon on behalf of Govt. of Odisha invites percentage rate bids to be received in the Office of the undersigned for the work given below. The details of bid documents will be available in the **www.kandhamal.nic.in** website from 11.00 A.M. on Dt.23.11.2020 to 5.00 P.M. on Dtd.14.12.2020. Bids will be received upto 5.00 P.M. on 15.12.2020 and opened at 11.00 A.M. on 16.12.2020 in the Office of the Panchayat Samiti, K. Nuagaon. Further details can be seen from the website **www.kandhamal.nic.in**.

| Sl. No. | Name of the Work | Approximate Value of Work (In Rs.) | Period of Completion | Class of Contractor | EMD Bid Security @ 1% | Cost of Bid Document |
|---|---|---|---|---|---|---|
| 01 | Construction of CDPO Office Building at K. Nuagaon | Rs.21,91,670.00 | Nine Calendar Months | 'C' & 'B' | Rs.22,000.00 | Rs.6,000.00 |

Sd./- Block Development Officer, K. Nuagaon



**ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR - 751003, ODISHA**

**Ph.D. ADMISSION NOTICE (2020-21)**

No. CBSH/16063/UAT Dt.20.11.2020

**(Ph.D. in Physics, Chemistry, Mathematics, Botany, Zoology and Microbiology)**

Applications are invited online from eligible candidates for admission in to Ph.D. Programme in subjects mentioned above under College of Basic Science & Humanities for the Academic Session 2020-21. Details about eligibility, number of seats, course fee etc. are mentioned in the prospectus available in the OUAT website **www.ouat.nic.in**. The candidates desirous of admission into the abvoe Ph.D. programmes are advised to apply online from OUAT website **www.ouat.nic.in** or **https://www.lokaseba-odisha.in**.

The online application will be available from 23.11.2020. The last date of online application is 07.12.2020.

The Entrance examination for Ph.D. will be held on **18.12.2020 (Friday)** from 11.00 A.M. to 1.00 P.M. respectively.

Helpline Number:

To be contacted only during office hours (10 A.M. - 5 P.M.) on working days.

1. Director, College of Basic Science & Humanities : 9437306963.

Sd./- Registrar



**NESCO UTILITY**
Head Office: Januganj, Balasore - 756019
Email-purchase@nescoodisha.com

**NOTICE INVITING TENDER**

Tender Notice No. NESCO Utility/Spot Billing/17/20-21/ 9457 Dt: 20.11.20

For and on behalf of NESCO Utility sealed tenders are invited in duplicate in two part bidding system from registered Agencies/ Firms/ Companies to undertake " Mobile Phone (Photo based) Spot Billing" activities including meter-reading , bill generation & bill delivery to Single Phase Consumers in Electrical Sub-division Nilgiri & Jaleswar of Balasore Circle, Kulian of Baripada Circle , Dhamara & Tihidi of Bhadrak Circle, Duburi of Jajpur Road Circle ,Keonjhar No.II of Keonjhar Circle of NESCO Utility.

Last date of submission of Tender : Dt 07.12.20 up to 3.00 PM, Date of opening of Tender: Dt.07.12.20 at 3.30 PM. For details please visit our website-www.nescoodisha.com. Corrigendum if any will be published in the website only.

Sd./- General Manager (C&MM)



GOVERNMENT OF ODISHA
**OFFICE OF THE EXECUTIVE ENGINEER, RWS&S DIVISION, RAIRANGPUR**
e-mail: eerwss_rai@nic.in, eerwss.rai@gmail.com, Phone: 06494-223901

**NATIONAL COMPETITIVE BIDDING THROUGH e-Tendering**
**Corrigendum Notice No. 1 to Tender Call Notice No. 41 of 2020-2021**

No. O-592: The paper cost & Class of Contractors for the work Sl. No. 2, 3, 6, 8 & 10 of this office Tender Call Notice No. 41 of 2020-2021 have been modified as follows:

| Work Sl. No. | Previous Class of Contractor | Present Class of Contractor | Previous Paper Cost | Present Paper Cost |
|---|---|---|---|---|
| 2 | A & B | B & C | 6000.00 | 6000.00 |
| 3 | A & B | A & B | 10000.00 | 6000.00 |
| 6 | B & C | C & D | 6000.00 | 6000.00 |
| 8 | B & C | C & D | 6000.00 | 6000.00 |
| 10 | B & C | C & D | 6000.00 | 6000.00 |

Sd./- 17.11.2020
Executive Engineer
RWS&S Division, Rairangpur
OIPR-25010/11/0018/2021



**ସାଧାରଣ ବିଜ୍ଞପ୍ତି**

ଚୌଦ୍ୱାର ପୌରପାଳିକା ତରଫରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପୌରପାଳିକା ଅଧୀନରେ ବସବାସ କରୁଥିବା କୌଣସି ବ୍ୟକ୍ତି ବିଶେଷକୁ ବା ଅନୁଷ୍ଠାନକୁ ଗୃହ ନିର୍ମାଣ ପାଇଁ ଅନୁମୋଦିତ ଦସ୍ତାବିଜ (Building Plan approval) ଦିଆଯାଉ ନାହିଁ। ଯଦି କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଜାଲି ପ୍ରମାଣପତ୍ର ଦର୍ଶାଇ କୌଣସି ବ୍ୟାଙ୍କ ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଲୋନ୍ କରନ୍ତି ସେଥିପାଇଁ ଭବିଷ୍ୟତରେ ଚୌଦ୍ୱାର ପୌରପାଳିକା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By Order
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା



No.C-221

**OFFICE OF THE EXECUTIVE ENGINEER, PUBLIC HEALTH DIVISION,PURI, ODISHA**
Phone:06752-223447/ e-Mail: eephpuri@gmail.com

**INVITATIONS FOR BIDS (IFB)**
**Government of Odisha "e" Procurement Notice**
Bid Identification No. EEPHPURI-45 of 2020-21 Dated. 19.11.2020

| | | | |
|---|---|---|---|
| 1 | Name of the Work | : | Civil , Electrical, WTP and pipe line work |
| 2 | Estimated Cost | : | Rs.278.33 Lakhs |
| 3 | Period of Completion | : | 12 (Twelve) Months |
| 4 | Date and time of availability of bid documents in the portal | : | 26.11.2020 (11.00A.M) to 10.12.2020 ( 5.00P.M) |
| 5 | Last Date / Time for receipt of bids in the Portal | : | 5.00P.M of 10.12.2020 |
| 6 | Date and time of opening of bids | : | 12.30 P.M of 11.12.2020 |
| 7 | Name and address of the Officer Inviting Bid | : | Executive Engineer, P.H Division, Puri, Phone: 06752-223447, Fax: 06752-223447 E-Mail: eephpuri@gmail.com |
| 8 | The bidders have to participate in ONLINE bidding only. | | |

Sd-19.11.20
OIPR-13010/11/0005/2021 EXECUTIVE ENGINEER, (P.H,PURI)



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୬ **ବିଜ୍ଞାପନ** ତା: ୦୬।୧୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ସେଲ୍ଫ ଫାଇନାନ୍‌ସିଙ୍ଗ ସ୍କିମ୍, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ. ଏଚ୍.ଆଇ.ଜି.(ଡି) ବି–୯ [HIG (D) B-9]ଟିକୁ ଡକ୍ଟର ସୁବାଷ ଚନ୍ଦ୍ର ମହାପାତ୍ର, ପି.– ୰ଗୋପୀନାଥ ମହାପାତ୍ର, ସା.– ଦେଉଳଷ୍ଟ୍ରିଟ୍, ପୋ/ଥା.– ବ୍ରହ୍ମପୁର, ଜି.– ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଡକ୍ଟର ସୁବାଷ ଚନ୍ଦ୍ର ମହାପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଏମ/ଏସ୍.ଜି.ଏମ୍. ଆଇରନ ଆଣ୍ଡ ଷ୍ଟିଲ୍ କୋ ଲିମିଟେଡଙ୍କ ତରଫରୁ କମ୍ପାନୀ ପ୍ରତିନିଧି ନିର୍ଦ୍ଦେଶକ ଶ୍ରୀ ରାଜକୁମାର ମିଶ୍ର, ପି.– ୰ଘନଶ୍ୟାମ ମିଶ୍ର, ସା/ପୋ/ଥା– ରାଇରଙ୍ଗପୁର, ଜି.– ମୟୂରଭଞ୍ଜଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ବିଜ୍ଞପ୍ତି**

ଇସ୍ତାହାର ସଂଖ୍ୟା: ୫୫୧/ଶି.ସୁ.ୟୁ. ତାରିଖ: ୧୭।୧୧।୨୦୨୦

No. g-25: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ପ୍ରତିପାଳନ ଯତ୍ନ ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଉଅଛି। ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ଯେଉଁଠି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖାଯାଇଥାଏ ଏବଂ ଆବଶ୍ୟକ ସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳନ କରିବାର ବ୍ୟବସ୍ଥା ରହିଅଛି। ଏହି କିଶୋର ନ୍ୟାୟ ଆଇନ – ୨୦୧୫ ଅନ୍ତର୍ଗତ (ଧାରା ୪୪) ଓ କିଶୋର ନ୍ୟାୟ ନିୟମ ୨୦୧୬ ଅନ୍ତର୍ଗତ ଅଧିନିୟମ – ୨୩ ଏବଂ ମଡେଲ ଗାଇଡଲାଇନ, ପ୍ରତିପାଳନ ଯତ୍ନ (Foster Care) - ୨୦୧୬ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ ବ୍ୟବସ୍ଥା ରହିଅଛି। ପ୍ରତିପାଳନ ନିମନ୍ତେ କେବଳ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଇଚ୍ଛୁକ ପିତାମାତାମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଫୋନ: ୦୬୭୮୪–୨୫୦୧୮୫କୁ ଆବେଦନ କରନ୍ତୁ।

ଦରଖାସ୍ତ ଫର୍ମ ଓ ନିୟମାବଳୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ **(www.bhadrak.nic.in)**ରେ ଉପଲବ୍ଧ ଅଛି।

ସ୍ୱା./– ଜିଲ୍ଲାପାଳ, ଭଦ୍ରକ
OIPR-24017/11/0004/2021



**ତହସିଲଦାରଙ୍କ କାର୍ଯ୍ୟାଳୟ, ପାପଡ଼ାହାଣ୍ଡି**
ଇ–ମେଲ୍ : tah.papad–od@nic.in

ଲଘୁ ଖଣିଜ ଦ୍ରବ୍ୟ (ସଇରାତ ଉତ୍ସ) ଯଥା (ପଥର/ବାଲି ଖାଦାନ)ଗୁଡ଼ିକୁ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ପ୍ରଦାନ କରାଯିବା ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା ୧୭୨୯/୨୦୨୦, ତାରିଖ: ୧୯।୧୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ ଏହି ତହସିଲ ଅଧୀନରେ ଥିବା ୨ (ଦୁଇ ଗୋଟି) ଲଘୁ ଖଣିଜ ଦ୍ରବ୍ୟ (ସଇରାତ ଉତ୍ସ) ଯଥା (ପଥର ଖାଦାନ)ଗୁଡ଼ିକୁ ଆସନ୍ତା 5(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ପ୍ରଦାନ କରାଯିବା ନିମନ୍ତେ ନିଲାମ କରାଯିବ। ତେଣୁ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହାର ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ସକାଶେ ତହସିଲଦାରଙ୍କ କାର୍ଯ୍ୟାଳୟ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା www.nabarangpur.nic.in ୱେବ୍‌ସାଇଟ ଲଗ୍ ଅନ୍ କରନ୍ତୁ। ଏହି ଉତ୍ସଗୁଡ଼ିକ ମଧ୍ୟରୁ ଏକ କିମ୍ବା ଏକାଧିକ ଖଣିଜ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନ ସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

ସ୍ୱା./- ତହସିଲଦାର, ପାପଡ଼ାହାଣ୍ଡି



**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender ID : 2020_ORULB_64008**
**Short Tender Call Notice No. 5260 (PW) Date. 20.11.2020**

Name & No of Works : Electrical Works
No of Works : 1 Nos
Bid Value : Rs. 28.27 Lakh
Period of Completion : Ten Days
Date and Time schedule :

| Start | End | Opening |
|---|---|---|
| 3.00 PM on dt. 23.11.2020 | 5.00 PM on dt.1.12.2020 | 5.00 P.M. on dt. 3.12.2020 |

Tender Details : can be seen from the procurement portal : **www.tendersorissa.gov.in**

Executive Engineer, City Div-I



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC ODISHA NEW OPPORTUNITIES

No. CAD-796

NIT No. 30/OMC/CIVIL/2020

Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Construction of 2nd floor of Administrative building at Base Camp of Gandhamardan in the district of Keonjhar. | 74.44 | 06 (Six) | B & A | 74,500/- | 10,000/- +18% GST. |
| 2. | Development and renovation of building related works of Suakati GP, Kumundi GP & Tala Kainsari GP of Banspal Block in the district of Keonjhar. (Under PD Scheme) | 535.33 | 08 (Eight) | A & Spl. | 5,35,400/- | 10,000/- +18% GST. |

1. Available of Bid document in Govt. portal from dt. 26.11.2020 to dt. 10.12.2020 up to 5.00 PM.
2. Last date of on-line submission of tender in the portal is dt. 10.12.2020 up to 5.00 PM.
3. Date of opening of Technical Bid is dt. 11.12.2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0108/2021 CGM (Civil)



GOVT. OF ODISHA No. A-305
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SOUTHERN IRRIGATION CIRCLE - II, PARALAKHEMUNDI**
(E-mail ID: se_sicpkd@yahoo.com)

**e-Procurement Notice No. SESIC-II-01/2020-21**

| | | | |
|---|---|---|---|
| 1. | Type of works | : | Flood control works of river banks, Renovation & improvement work of diversion weir. |
| 2. | Total number of Packages | : | 5 (Five) Nos. |
| 3. | Estimated Cost | : | Rs.112.17 lakh to Rs.464.29 lakh |
| 4. | Bid Identification No. | : | SESIC-II/PKID-01/2020-21, SESIC-II/PKID-02/2020-21, SESIC-II/PKID-03/2020-21, SESIC-II/PKID-04/2020-21 and SESIC-II/CCD-05/2020-21 |
| 5. | Period of completion | : | 6 (Six) Months to 12 (Twelve) Months |
| 6. | Availability & submission of bids online | : | From 11.00 AM of 23.11.2020 to 5.00 PM of 08.12.2020 |
| 7. | Date of Opening of Technical Bids | : | 09.12.2020 at 11.30 AM in the e-Procurement Cell, O/o. the Chief Engineer & Basin Manager, RVN Basin, Berhampur. |
| 8. | Date of opening of Financial Bids | : | 16.12.2020 at 11.30 AM in the e-Procurement Cell, O/o. the Chief Engineer & Basin Manager, RVN Basin, Berhampur. |
| 9. | Date of Lottery (If Required) | : | 23.12.2020 at 11.30 AM in the O/o the Superintending Engineer, Southern Irrigation Circle-II, Paralakhemundi. |
| 10. | Procurement Officer | : | Superintending Engineer, Southern Irrigation Circle-II, Paralakhemundi. |
| 11. | Further details can be seen from Govt. Website **www.tendersorissa.gov.in** and any addendum / corrigendum / cancellation will be published in the said website. | | |

Sd./- Superintending Engineer
Southern Irrigation Circle-II, Paralakhemundi
OIPR-32388/11/0001/2021



**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
Jagatsinghpur (District), Phone: 06724-223066

Tender No. 6232 & 6233 Dt.20.11.2020

No. CAD-794: District Manager, Odisha State Civil Supplies Corporation Ltd., Jagatsinghpur invite tender through **ONLINE MODE ONLY** for the below mentioned works.

| | | |
|---|---|---|
| 1 | Name of the work | Selection and appointment of trnasport contractor<br>1. For transportation of paddy from Mandi to Mill Points.<br>2. For Trnasportation of CMR from Mill point to Rice Receiving Centres (RRC) and FSD Point. |
| 2 | Availability of Tender documents in the website | 23.11.2020 |
| 3 | Last date for online submission of completed tender documents with enclosure | 04.12.2020 upto 5 P.M. |
| 4 | Date of Technical Bid opening | Paddy - 07.12.2020 at 11 A.M.<br>CMR - 08.12.2020 at 11 A.M. |

Tender documents & other details can be seen from the e-procurement portal **www.tendersodisha.gov.in** alongwith the district website **www.jagatsinghpur.nic.in**. Amendment/Corrigendum/Cancellation/retenders etc. if any shall be published only in the above website.

Sd./- District Manager
OSCSC Ltd., Jagatsinghpur
OIPR-07020/11/0001/2021



ଶୁଦ୍ଧ ଅମ୍ଳଜାନ ବାର୍ଦ୍ଧକ୍ୟ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଥାଏ। ଏକ ଗବେଷଣାରୁ ଜଣାପଡ଼ିଛି, କେତେକ ଲୋକଙ୍କୁ ଏକ ଚାପ ଭର୍ତ୍ତି ଅମ୍ଳଜାନ ଚାମ୍ବରରେ ରଖାଗଲେ, ଏହା ଦ୍ୱାରା ସେମାନଙ୍କ ଟେଲୋମେରସରେ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିବ। ଟେଲୋମେରସ ମଣିଷର କ୍ରୋମୋଜୋମକୁ ସୁରକ୍ଷା ଦେବ। ଯେଉଁ କାରଣରୁ ମଣିଷର ବୟସରେ ପରିବର୍ତ୍ତନ ହୋଇପାରିବ। ଗବେଷଣା ଜର୍ନାଲ ଏଜିଂରେ ଏହା ପ୍ରକାଶିତ ହୋଇଛି। ଗବେଷଣାରୁ ଜଣାପଡ଼ିଛି ଯେ, ପରୀକ୍ଷଣ ପରେ ଶରୀରର ସେନସେଣ୍ଟ କୋଷଗୁଡ଼ିକର ପରିମାଣ ୩୭ ପ୍ରତିଶତ ହ୍ରାସ ପାଇଛି। ଏହି କୋଷଗୁଡ଼ିକର ବାର୍ଦ୍ଧକ୍ୟ ସହିତ ମଧ୍ୟ ଜଡିତ।

# ସଙ୍କୁଚିତ ହେଉଛି ଜାପାନ ରାଜପରିବାର

**ପାରମ୍ପରିକ ନିୟମକୁ ଗୁରୁତ୍ୱ ଦେଇ ଆସୁଥିବା ଜାପାନ ରାଜପରିବାର ସଙ୍କୁଚିତ ହେବାରେ ଲାଗିଛି। ଏମିତି ନୁହେଁ, ସେମାନଙ୍କ ମୃତ୍ୟୁ ଘଟୁଛି ଅବା ସେମାନେ ଦେଶାନ୍ତର ହେଉଛନ୍ତି। କଡ଼ା ନିୟମରେ ବନ୍ଧା ରାଜକୁମାରୀ ଯଦି ନିଜ ଇଚ୍ଛାରେ କୌଣସି ସାଧାରଣ ଲୋକଙ୍କୁ ବିବାହ କରନ୍ତି, ତେବେ ତାଙ୍କଠାରୁ ସମସ୍ତ ସମ୍ପର୍କ ଛିନ୍ନ କରିଦିଆଯାଉଛି। ତଥାପି ନିଜ ଖୁସିକୁ ଅଗ୍ରାଧିକାର ଦେଇ ରାଜକୁମାରୀମାନେ ଅନ୍ୟତ୍ର ବିବାହ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।**



ସୋନାକ୍ଷୀ ସିହ୍ନା



**ଟୋକିଓ:** ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ ଜାପାନ ରାଜକୁମାରୀ ମାକୋ। ରାଜ ପରିବାର ସଦସ୍ୟଙ୍କୁ ବାଦ୍‌ଦେଇ ସାଧାରଣ ଲୋକଙ୍କ ସହ ମିଶିବା, ଭାବ ବିନିମୟ କରିବା ଏହାର ପ୍ରମୁଖ କାରଣ। ମାକୋ ଏବଂ ତାଙ୍କ ପ୍ରେମିକ କେଇ କୋମୁରୋଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳେ। ଦୁହେଁ ଦୀର୍ଘଦିନରୁ ବିବାହ ଯୋଜନା କରୁଥିଲେ ମଧ୍ୟ ପାରିବାରିକ ଚାପରୁ ଏହାକୁ ସଫଳ ରୂପ ଦେଇପାରୁନାହାନ୍ତି। କଠୋର ନିୟମର ବାଡ଼ ଡେଇଁ ସାଧାରଣ ଲୋକଙ୍କ ସହ ବିବାହ କଲେ ରାଜକୁମାରୀଙ୍କଠାରୁ ପଦବୀ ଛଡ଼ାଇ ନିଆଯାଇଥାଏ। ଏଭଳି ଘଟଣା ପୂର୍ବରୁ ମଧ୍ୟ ହୋଇସାରିଛି। ଏହି କାରଣରୁ ଜାପାନର ରାଜପରିବାର ଲଗାତର ସଙ୍କୁଚିତ ହେବାରେ ଲାଗିଛି।

ମାକୋଙ୍କ ବଡ଼ ଭଉଣୀ ଅୟୋକୋ ପଦବୀ, ଅଚଳାଚଳ ସମ୍ପତ୍ତିକୁ ପଛ କରି ଜଣେ ସାଧାରଣ ଲୋକଙ୍କ ସହିତ ବିବାହ କରିଛନ୍ତି। ତାଙ୍କ ମଝିଆ ଭଉଣୀ ନୋରିକୋ ମଧ୍ୟ ୨୦୧୪ରେ ରାଜପରିବାର ସହିତ ସମ୍ପୃକ୍ତ ନ ଥିବା ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ଏବେ ମାକୋ ସମାନ ଧାରାରେ ଆଗକୁ ବଢୁଛନ୍ତି। ୨୦୧୭ରେ ମାକୋଙ୍କ ବିବାହ ପ୍ରାୟତଃ ଚୂଡ଼ାନ୍ତ ହୋଇସାରିଥିଲା। ତେବେ ରାଜପରିବାରର ଚାପ ତାଙ୍କୁ ନିଷ୍ପତ୍ତିରୁ ଓହରିଯିବାକୁ ବାଧ୍ୟ କରିଥିଲା। ୨୦୨୦ରେ ସେ ଶେଷ ନିଷ୍ପତ୍ତି ନେବେ ବୋଲି ସ୍ଥିର କରିଥିଲେ। ତେବେ ଚଳିତବର୍ଷ ମଧ୍ୟ ସେ ବିବାହ କରିବାକୁ ମନା କରିଦେଇଛନ୍ତି।

ପୃଥିବୀର ପୁରାତନ ରାଜତନ୍ତ୍ର ମଧ୍ୟରେ ଜାପାନର ରାଜପରିବାର ଅନ୍ୟତମ। ତେବେ ରାଜକୁମାରୀମାନଙ୍କ ଏପରି ଅନ୍ୟତ୍ର ବିବାହ ଯୋଗୁ ଏବେ ରାଜବଂଶ ଆଗକୁ ବଢ଼ିବାରେ ସଙ୍କଟ ସୃଷ୍ଟି ହୋଇଛି। ପରିବାରରେ ଏବେ ୧୮ ଜଣ ସଦସ୍ୟ ଅଛନ୍ତି। ୬ଜଣ ରାଜକୁମାରୀ ରାଜ ପରିବାରରେ ମନପସନ୍ଦର ବର ପାଇ ନ ପାରି ବିବାହ କରିନାହାନ୍ତି। ହୁଏତ ଏମାନେ ମଧ୍ୟ ଅନ୍ୟତ୍ର ବିବାହ କରିପାରନ୍ତି। ଏହା ହେଲେ ଜାପାନ ରାଜପରିବାର ମାତ୍ର ୧୨ ଜଣ ସଦସ୍ୟଙ୍କ ଭିତରେ ସୀମିତ ହୋଇ ରହିଯିବ।

ଅନ୍ୟପଟେ ଜାପାନ ରାଜପରିବାର କେଉଁ ଆବହମାନ କାଳରୁ ପୁରୁଷ କେନ୍ଦ୍ରିକ। ଅର୍ଥାତ୍ ଏଠାରେ ରାଜକୁମାର ରାଜଗାଦିରେ ଅଭିଷିକ୍ତ ହୋଇଥାନ୍ତି। ହେଲେ ଏବେ ମହିଳା ସନ୍ତାନଙ୍କୁ ଏଥିରେ ସାମିଲ କରିବାକୁ ଯୋଜନା କରାଯାଉଛି। ତେବେ ଜାପାନର ରୂଢ଼ିବାଦୀ ଲୋକଙ୍କ ଲାଗି ଏହା ସମ୍ଭବପର ହେଉନାହିଁ। ସୂଚନାଯୋଗ୍ୟ, ଇମ୍ପେରିଆଲ ହାଉସ୍ ଲ' ଅନୁଯାୟୀ ବାହାର ବ୍ୟକ୍ତିଙ୍କୁ ବିବାହ କରୁଥିବା ପ୍ରିନ୍‌ସେସ୍‌ଙ୍କଠାରୁ ପଦବୀ ଛଡ଼ାଇ ନିଆଯାଏ। ତାଙ୍କ ସହ ରାଜ ପରିବାରର କୌଣସି ସମ୍ପର୍କ ରୁହେନାହିଁ। ରାଜଭବନ ଛାଡ଼ିବା ଆଗରୁ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ଲାଗି ମୋଟା ଅଙ୍କର ରାଶି ଦିଆଯାଇଥାଏ। ତଦନୁଯାୟୀ ରାଜକୁମାରୀ ଓୟୋକୋଙ୍କୁ ପ୍ରାୟ ଏକ ମିଲିୟନ ଡଲାର ଅର୍ଥ ଦିଆଯାଇଥିଲା।


ତେବେ ଜାପାନ ରାଜକୁମାରଙ୍କ ଲାଗି ଏହି ନିୟମ ଲାଗୁ କରାଯାଏନାହିଁ। ସେ ଚାହିଁଲେ ନିଜ ପସନ୍ଦର କୌଣସି ବି କନ୍ୟାଙ୍କୁ ବିବାହ କରିପାରିବେ। ମହଲକୁ ଆସିବା ପରେ ତାଙ୍କୁ ରାଣୀଙ୍କ ମର୍ଯ୍ୟାଦା ମିଳେ। ରାଜକୁମାରୀଙ୍କ ସନ୍ତାନମାନେ ଭୋଗବିଳାସରେ ଜୀବନ ଅତିବାହିତ କରନ୍ତି। ହେଲେ ସେମାନଙ୍କୁ ରାଜପଦ ମିଳି ନ ଥାଏ। ୧୯୬୫ରୁ ୨୦୦୬ ଯାଏ ଜାପାନ ରାଜ ପରିବାରରେ ଜଣେ ବି ପୁତ୍ର ସନ୍ତାନ ଜନ୍ମ ହୋଇ ନ ଥିଲେ। ୨୦୦୬ରେ ରାଜକୁମାର ହିସାହିତୋଙ୍କ ଜନ୍ମ ହୋଇଥିଲେ। ପୁତ୍ର ସନ୍ତାନ ଅଧିକ ନ ଥିବାରୁ ଇମ୍ପେରିଆଲ ହାଉସ୍ ଲ'ରେ ପରିବର୍ତ୍ତନ ଆବଶ୍ୟକ ବୋଲି ଅନେକେ ମତ ଦେଇଛନ୍ତି।

## ସୋନାକ୍ଷୀଙ୍କ ଭିନ୍ନ ଲୁକ୍

**ମୁମ୍ବାଇ:** କାନ୍ଧ ପର୍ଯ୍ୟନ୍ତ ଲମ୍ୱିଥିବା ଝୁମ୍‌କା, ଧଳା ରଙ୍ଗର ପଲାଜୋ ଶୁଟ୍, ଗୋଲାପି ମ୍ୟାଟ ଲିପ୍‌ଷ୍ଟିକ, ହାତରେ ମୋଟା ସୁନା ମୁଦି ଏମିତି ଲୁକ୍‌ରେ ଦେଖାଦେଇଛନ୍ତି ଶତ୍ରୁଘ୍ନ ସିହ୍ନାଙ୍କ ଝିଅ ତଥା ବଲିଉଡ୍ ବିୟୁଟି ସୋନାକ୍ଷୀ ସିହ୍ନା।ଏହାର ଫଟୋ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ପରେ ଏବେ ଏହା ଭାଇରାଲ୍ ହେବାରେ ଲାଗିଛି।ସବୁବେଳେ ଅନ୍ୟ ନାୟିକାଙ୍କଠାରୁ ସାମାନ୍ୟ କମ୍ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି ସୋନାକ୍ଷୀ।ଏଥର ବି ସେମିତି ଲୁକ୍‌ରେ ଦେଖାଦେଇଛନ୍ତି ନାୟିକା।ନିଜର ହାଲ୍କା-ଫୁଲ୍କା ଅନ୍ଦାଜ୍‌ରେ ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି ସେ।ଏଥର କିନ୍ତୁ ତାଙ୍କର ଏହି ଲୁକ୍ କୌଣସି ଫିଲ୍ମ ଶୁଟିଂର ନୁହେଁ ବରଂ ଏକ ବିବାହ ଉତ୍ସବରେ ଯୋଗ ଦେବାର। ଏହି ଫଟୋ ଶେୟାର କରିବା ସମୟରେ ସେ ଯାହା ଭାବିଥିଲେ ଏବେ ତାହାହିଁ ହୋଇଛି।ଫଟୋଟି ଦେଖି ତାଙ୍କ ପ୍ରଶଂସକ ପଚାରିଛନ୍ତି କେବେ ବିବାହ କରୁଛନ୍ତି ସୋନାକ୍ଷୀ।ହେଲେ ସେ ସ୍ପଷ୍ଟ କରିଛନ୍ତି ଯେ, ଏହା ତାଙ୍କ ବିବାହ ନୁହେଁ ବରଂ ତାଙ୍କ ସାଙ୍ଗର ବିବାହରେ ଯୋଗଦେବାକୁ ସେ ଏମିତି ଲୁକ୍‌ରେ ନଜର ଆସିଛନ୍ତି।

## ୩ଦିନରେ ଦୁନିଆ ବୁଲି ରେକର୍ଡ

**ଦୁବାଇ:** ଅନ୍ୟଠାରୁ କିଛି ଭିନ୍ନ କରିବା ଅନେକଙ୍କ ନିଶା। ଆଉ ଅସମ୍ଭବ ଲାଗୁଥିବା କାର୍ଯ୍ୟକୁ ସମ୍ଭବ କରି ଅନେକ ଲୋକ ହୋଇଥାନ୍ତି ରେକର୍ଡର ଅଧିକାରୀ। ୮୦ ଦିନରେ ଜଣେ ବ୍ୟକ୍ତି ସମଗ୍ର ବିଶ୍ୱ ଭ୍ରମଣ କରିଥିବା ନେଇ ଜୁଲ୍‌ସ୍ ଭର୍ଣ୍ଣେଙ୍କ ନୋଭେଲ୍‌ରେ ଅନେକେ ପଢ଼ିଥିବେ। ହେଲେ ୨୦୨୦ରେ ଜଣେ ମହିଳା ୩ଦିନ







୧୪ ଘଣ୍ଟା ୪୬ ମିନିଟରେ ସମଗ୍ର ବିଶ୍ୱ ବୁଲି ସମସ୍ତଙ୍କୁ ଚକିତ କରିଛନ୍ତି। ଏକଥା ଅବିଶ୍ୱାସ ଲାଗୁଥିଲେ ମଧ୍ୟ ସତ୍ୟ। ଦୁବାଇର ଖ୍ୱାଲା-ଅଲ୍‌ରୋମେଥି ମାତ୍ର ୮୪ ଘଣ୍ଟାରେ ୨୦୮ ଦେଶ ବୁଲି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଅଲ୍‌ରୋମେଥିଙ୍କ ବିଶ୍ୱଭ୍ରମଣ ୧୩ ଫେବ୍ରୁୟାରୀରେ ଅଷ୍ଟ୍ରେଲିଆର ସିଡ୍‌ନିଠାରେ ଶେଷ ହୋଇଥିଲା। ଗିନିଜ୍ ବୁକ୍ ଅଫ୍ ରେକର୍ଡର ନିଜସ୍ୱ ବ୍ଲଗ୍‌ରେ ଅଲ୍‌ରୋମେଥିଙ୍କ ବିଶ୍ୱଭ୍ରମଣର ଅନୁଭୂତି ବିଷୟରେ ଶେୟାର କରାଯାଇ ଉଲ୍ଲେଖ କରାଯାଇଛି ଯେ, ସବୁଠାରୁ କମ୍ ସମୟରେ ପୁରା ଦୁନିଆ ବୁଲିବା ସମୟରେ ସେ ଅନେକ ଅସୁବିଧାର ସାମ୍ନା କରିଛନ୍ତି। କିନ୍ତୁ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଏବଂ ସାହସ ବଳରେ ସମସ୍ତ ସମସ୍ୟାକୁ ପଛରେ ପକାଇ ସ୍ୱପ୍ନ ପୂରଣ କରିବାରେ ସଫଳ ହୋଇଛନ୍ତି। ଅଲ୍‌ରୋମେଥି ମଧ୍ୟ ରେକର୍ଡ ସାର୍ଟିଫିକେଟ ସହ ଇନ୍‌ଷ୍ଟାଗ୍ରାମ୍‌ରେ ନିଜ ଫଟୋ ଶେୟାର କରିଛନ୍ତି। ଏଥିରେ ଲେଖିଛନ୍ତି, ଗିନିଜ୍ ବିଶ୍ୱ ରେକର୍ଡ ସବୁବେଳେ ଆକର୍ଷିତ କରୁଥିଲା। ସେଥିପାଇଁ ଏସବୁ କରିପାରିଛି। ଏହି ସାର୍ଟିଫିକେଟ ପାଇ ବହୁତ ଖୁସି ବୋଲି ସେ କହିଛନ୍ତି।

## ଦହି ମ୍ୟାଗି



**ନୂଆଦିଲ୍ଲୀ:** ବିଭିନ୍ନ ପ୍ରକାରର ଖାଦ୍ୟର ଫ୍ୟୁଜନ କରି କିଛିଲୋକ ଢେର୍ ଚର୍ଚ୍ଚିତ ହୋଇଥାନ୍ତି। ଚଳିତବର୍ଷ ସୋସିଆଲ ମିଡିଆରେ ଏଥର ଖାଦ୍ୟକୁ ନେଇ ବିଭିନ୍ନ ପରୀକ୍ଷାନିରୀକ୍ଷା ହୋଇଥିବା ଦେଖିବାକୁ ମିଳିଛି। କେବେ ଚକୋଲେଟ୍ ସମୋସା ତ କେବେ ପାସ୍ତା ଦୋସା ଭଳିଖାଦ୍ୟ ବିସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏବେ ପୁଣି ଏକ ଭିନ୍ନ ଧରଣର ଖାଦ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଏହି ବିଶେଷ ଖାଦ୍ୟ ହେଉଛି ଦହି ମ୍ୟାଗି।

ମ୍ୟାଗି ଖାଇବାକୁ ପ୍ରାୟତଃ ସବୁ ବର୍ଗର ଲୋକେ ଭଲପାନ୍ତି। ଆଉ ଦହି ଖାଇବା ବି ଅନେକଙ୍କର ପସନ୍ଦ। କିନ୍ତୁ ଦହି ମ୍ୟାଗିର ଏକ ସ୍ୱତନ୍ତ୍ର ଡିସ୍ ଯେ କିପରି ଲାଗିବ ତାକୁ ନେଇ ସମସ୍ତଙ୍କର ଚିନ୍ତା। କାରଣ ସୋସିଆଲ ମିଡିଆରେ ଏବେ ଏମିତି ଏକ ସ୍ୱତନ୍ତ୍ର ଧରଣର ଖାଦ୍ୟର ଟ୍ରେଣ୍ଡ ଆରମ୍ଭ ହୋଇଛି। ପ୍ରଥମେ ଟୁଇଟରରେ ଜଣେ ଏଭଳି ଏକ ଖାଦ୍ୟର ମିଶ୍ରଣ ନେଇ ପୋଷ୍ଟ କରିବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଟୁଇଟରରେ ଶେୟାର କରିଥିବା ବ୍ୟକ୍ତିଜଣକ ଦହି ମ୍ୟାଗିର ଫଟୋ ମଧ୍ୟ ଶେୟାର କରିଥିଲେ ଏବଂ ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଭିନ୍ନ ଧରଣର ବୋଲି ବର୍ଣ୍ଣନା କରିଥିଲେ। ତେବେ ଏଭଳି ଏକ ଖାଦ୍ୟର ମିଶ୍ରଣ କିଭଳି ଲାଗୁଥିବ ଭାବି ଲୋକେ ସେମାନଙ୍କର ପ୍ରତିକ୍ରିୟା ଦେଇଛନ୍ତି। ଦୁଇଟିଯାକ ଖାଦ୍ୟର ସ୍ୱାଦ ଅତ୍ୟନ୍ତ ଭଲ କିନ୍ତୁ ଦୁଇଟିକୁ ମିଶାଇ ଖାଇବା ବିରକ୍ତିକର ବୋଲି ଅନେକେ ମତ ଦେଇଛନ୍ତି। କେହି କେହି ଏହାକୁ ଆଦୌ ଟେଷ୍ଟ କରିବେ ନାହିଁ ବୋଲି ମତ ଦେଇଛନ୍ତି। ଅବଶ୍ୟ କେତେଜଣଙ୍କ ମତରେ ଏହି ଖାଦ୍ୟର ଫ୍ୟୁଜନ୍ ହୁଏତ ଭଲ ଲାଗିପାରେ। ତେବେ ଦହି ମ୍ୟାଗି ଭଳି ଖାଦ୍ୟକୁ ପସନ୍ଦ କରୁ ନ ଥିବା ଲୋକେ ସୁନ୍ଦର ଇମୋଜି ମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି, ଯାହାକୁ ଦେଖିବା ପାଇଁ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।


**୨୬ତମ ଜନ୍ମବାର୍ଷିକ ଶୁଭେଚ୍ଛା**





**ଆକାଶ୍ ସାହୁ**
ମାଲିସର, ମହିପୁର, ନୟାଗଡ଼
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ୍ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।
**ଶୁଭେଚ୍ଛା ସହ:**
ପିତା, ମାତା, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୯୮

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ



**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମୋହିନୀ ମୋହନ ପଟ୍ଟନାୟକ**
ବରିଷ୍ଠ ଆଇନଜୀବୀ
ଗୌରୀପଲ୍ଲୀ, କେଦାରଗୌରୀ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୫
ତିରୋଧାନ: ୨୬।୧୦।୨୦୧୭
ବାବା, ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ସେହି ଅନାବିଳ ସ୍ନେହ ମମତାଭରା ହସହସ ମୁଖକୁ ନିତି ଝୁରୁଅଛୁ। ଆଜିର ଏ ଦିନରେ ତୁମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ଧର୍ମପତ୍ନୀ: ରୁନୁ, ଝିଅ: ମାମୁନି, ଝିଅ-ଜ୍ୱାଇଁ: ମିଟି-ଚିକୁନ୍, ପୁଅ-ବୋହୂ: ବାପୁ-ସ୍ୱାତୀ, ନାତି: ସ୍ୱୟଂ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୯୪୫୪

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶାନ୍ତିଲତା ମିଶ୍ର**
**ସ୍ୱାମୀ: ସ୍ୱର୍ଗତ ଶ୍ରୀନିବାସ ମିଶ୍ର**
କାଞ୍ଚନ ବଜାର, ପାରାଡାଇଜ୍ ଲେନ୍, ଢେଙ୍କାନାଳ
ଆବିର୍ଭାବ: ୧୨।୧୧।୧୯୪୧
ତିରୋଧାନ: ୧୨।୧୧।୨୦୨୦
ଆମକୁ ଶୋକସାଗରରେ ଭସାଇ ଦେଇ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଆଦର୍ଶ ଆମ୍ଭମାନଙ୍କ ଚିର ପାଥେୟ ହେଉ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୬୮୯୫

**ଏକାଦଶ ଉଦ୍ଦେଶ୍ୟରେ**



**୰ରାଧାନାଥ ପଟ୍ଟନାୟକ (ଶିକ୍ଷକ)**
ବଡାପାଳ, ବାଲିଆପାଳ, ବାଲେଶ୍ୱର
ଆବିର୍ଭାବ: ୨୮.୦୭.୧୯୩୦
ତିରୋଧାନ: ୧୧.୧୧.୨୦୨୦
ମଧ୍ୟ କାର୍ତ୍ତିକମାସ କୃଷ୍ଣପକ୍ଷ ଏକାଦଶୀ ବୁଧବାର
ଆପଣଙ୍କର ଆକସ୍ମିକ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ସରଳ ଜୀବନ ଯାପନ, ତ୍ୟାଗ, ଭଲପାଇବା ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିଯିବ। ଆପଣଙ୍କ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ ବୋହୂ, ଝିଅ ଜ୍ୱାଇଁ, ଭାଇ ଭାଉଜ, ପୁତୁରା ପୁତୁରାବୋହୂ, ନାତି ନାତୁଣୀମାନେ, ଝିଆରି ଝିଆରିଜ୍ୱାଇଁ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୬୯୩୪୩


## ଡାମାସ୍କସ ସବୁଠୁ ଶସ୍ତା ସହର



**ଡାମାସ୍କସ:** ଭଲ ପରିବେଶ ଏବଂ ସ୍ୱଚ୍ଛ ସହରରେ ରହିବାକୁ ପ୍ରାୟ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ଯେକୌଣସି ସହରରେ ବସବାସ କରିବାକୁ ହେଲେ ବଜେଟ୍ ଦେଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏପରି ସମୟରେ ଦୁନିଆର ସବୁଠାରୁ ଶସ୍ତା ସହର, ଯେଉଁଠାରେ ଆପଣ ରହିବାକୁ ନିଶ୍ଚିତ ଇଚ୍ଛା ପ୍ରକାଶ କରିବେ। 'ଇକୋନୋମିକ୍ ଇଣ୍ଟେଲିଜେନ୍ସ ୟୁନିଟ୍ ୨୦୨୦ ୱାର୍ଲ୍ଡ ୱାଇଡ୍ କଷ୍ଟ ଅଫ୍ ଲିଭିଂ' ସର୍ଭେକୁ ଆଧାର କରି ବିଶ୍ୱର ୧୩୦ଟି ସହରର ଏକ ମାନ୍ୟତା ପ୍ରକାଶ କରିଛି। ଏଥିରେ ଭାରତର ଦୁଇଟି ସହର ଦୁନିଆର ସବୁଠାରୁ ଶସ୍ତା ସହର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି।

'୨୦୨୦ରେ ୱାର୍ଲ୍ଡ ୱାଇଡ କଷ୍ଟ ଅଫ୍ ଲିଭିଂ ସର୍ଭେ'କୁ ଆଧାର କରି ଇକୋନୋମିକ୍ ଇଣ୍ଟେଲିଜେନ୍ସ ୟୁନିଟ ଦ୍ୱାରା ବିଶ୍ୱର ୧୩୦ ସହରର ମାନ୍ୟତା ପ୍ରକାଶ ପାଇଛି। ଏଥିରେ ହଂକଂ ଏବଂ ପ୍ୟାରିସ ସବୁଠୁ ଦାମୀ ସହର ତାଲିକାରେ ଅନ୍ତର୍ଭୁକ୍ତ। ତେବେ ଭାରତର ବେଙ୍ଗାଲୁରୁ ଏବଂ ଚେନ୍ନାଇ ଶସ୍ତା ସହର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି।

ସର୍ବେକ୍ଷଣ ଅନୁଯାୟୀ, ଡାମାସ୍କସ୍ ଏବଂ ତାସ୍‌କେଣ୍ଟ ହେଉଛି ଏସିଆର ଦୁଇଟି ସହର ଯାହାକି ବିଶ୍ୱର ସବୁଠାରୁ ଶସ୍ତା ସହର ତାଲିକାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହିଛି। ସର୍ଭେ ଅନୁଯାୟୀ ଭାରତର ବେଙ୍ଗାଲୁରୁ ଏବଂ ଚେନ୍ନାଇ ଉଭୟ ସହର ମିଳିତ ଭାବେ ୯ମ ସ୍ଥାନରେ ଥିବାବେଳେ ଶେଷ ର୍‍ୟାଙ୍କ୍‌ରେ ଚେନ୍ନାଇ ଅଷ୍ଟମ, ବେଙ୍ଗାଲୁରୁ ୯ମ ଏବଂ ନୂଆଦିଲ୍ଲୀ ଦଶମ ସ୍ଥାନରେ ରହିଛି। ଏଠାରେ ରହିବା, ଖାଇବା ପିଇବା, ଭଡ଼ା, ଅଫିସକୁ ଯିବା ଏବଂ ବାହାରକୁ ଯିବା ଖର୍ଚ୍ଚରେ ବିଦ୍ୟୁତ୍ ଏବଂ ଜଳ ବିଲ୍ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସହରର ପରିବହନ, ବଜାର ମଧ୍ୟ ଏହି ସର୍ଭେରେ ଅନ୍ତର୍ଭୁକ୍ତ ହୋଇଛି। ଦୁନିଆର ସବୁଠାରୁ ଶସ୍ତା ସହର ତାଲିକାରେ ଡାମାସ୍କସ ୧ ନମ୍ବରରେ, ତାସ୍‌କେଣ୍ଟ ୨ ନମ୍ବରରେ, ଲୁସାକା ଏବଂ କାରାକାସ ତୃତୀୟ ସ୍ଥାନରେ, ଆଲମାଟି ୫ମ, କରାଚି ଏବଂ ବୁଏନୋସ ଆଇରେସ ୬ଷ୍ଠ ସ୍ଥାନରେ, ଅଷ୍ଟମ ସ୍ଥାନରେ ଆଲଜେର୍ ଏବଂ ବେଙ୍ଗାଲୁରୁ ଏବଂ ଚେନ୍ନାଇ ଅଷ୍ଟମ ସ୍ଥାନରେ ରହିଛି।

## ଖିଲିଖିଲି ହସ

ଶିକ୍ଷକ– ନିୟୁଟନ୍‌ଙ୍କ ନିୟମ କ'ଣ କୁହ ?
ଚିଣ୍ଟୁ– ସାର୍ ପୂରା ଲାଇନ୍ ମନ ନାହିଁ। କେବଳ ଶେଷ ଲାଇନ୍ ହିଁ ମନେ ଅଛି।
ଶିକ୍ଷକ– ହଉ ତା'ହେଲେ ଶେଷ ଲାଇନ୍ ହିଁ କୁହ।
ଚିଣ୍ଟୁ– ....... ଏହାକୁ ନିୟୁଟନ୍‌ଙ୍କ ନିୟମ କହନ୍ତି।

ସୋନୁ ଏବଂ ମୋନୁ ଦୁଇ ଭାଇ ଗୋଟିଏ କ୍ଲାସରେ ପଢନ୍ତି।
ଅଧ୍ୟାପିକା– ତୁମେ ଦୁଇଜଣ ତୁମ ବାପାଙ୍କ ନାଁ ଅଲଗା ଅଲଗା କାହିଁକି ଲେଖିଛ ?
ସୋନୁ– ମ୍ୟାଡାମ୍ ଆପଣ ନ ହେଲେ କହିଥାନ୍ତେ କି ଆମେ ଦୁହେଁ କପି କରି ଲେଖିଛୁ।

## କହିଲ ଦେଖି

କଦଳୀପଟୁକା ଅବା ସୋଲରେ
ଗଢିଥାନ୍ତି ତାକୁ କେତେ ଯତ୍ନରେ
ପାନ ଗୁଆ ପୁଣି ସେଥିରେ ଥୋଇ
ତୁଣ୍ଡେ ଆ କା ମା ବୈ ଗୀତଟି ଗାଇ
କାର୍ତ୍ତିକ ପୂର୍ଣ୍ଣମୀ ଦିନ ଦିଅନ୍ତି ଭସେଇ।

**ଉତ୍ତର : ଡଙ୍ଗୀ**



ମାସଙ୍କ ମଧ୍ୟରେ ଅଟେ ସେ ସାର
ପୁଣ୍ୟମାସ ବୋଲି ନାମ ବିସ୍ତାର
ଏହି ମାସେ ସବୁ ଛାଡି ଆମିଷ
କରୁଥାନ୍ତି ପୁଣି ବ୍ରତ ହବିଷ
ଭଜନ କୀର୍ତ୍ତନ କେତେ ଯେ ହୁଏ
ଗୀତା ଭାଗବତ ମନ ଚୋରାଏ
ମାସଟିର ନାମ କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ।

**ଉତ୍ତର : କାର୍ତ୍ତିକ ମାସ**



ବରଷରେ ଅଛି ପାଞ୍ଚଟି ଦିନ
ହବିଷ ପାଇଁ କି ବଳଇ ମନ
ଶୁଦ୍ଧ ନିରାମିଷ ଭୋଜନ ଖାଇ
ପ୍ରଭୁଙ୍କ ନାମକୁ ତୁଣ୍ଡରେ ନେଇ
ନେଉଥାନ୍ତି ସବୁ ପ୍ରଭୁ ଶରଣ
କରୁଥାନ୍ତି କେତେ ସ୍ତୁତି ଚାରଣ
ଏହି ପାଞ୍ଚଦିନ ଏକ ନାମଯେ ବହି
କିଏ ସେ ପାରିବ ନାମ ତା କହି।

**ଉତ୍ତର : ପଞ୍ଚକ**



ଆକାଶେ ଉଠିବା ଆଗୁ ସୂରୁଜ
ଚଉଁରା ମୂଳରେ ପଡେ ମୁରୁଜ
ଓଡିଆଙ୍କ ପରମ୍ପରା ଆଉ ସଂସ୍କୃତି
ପୂଜା ପାଉଥାନ୍ତି ମା' ବୃନ୍ଦାବତୀ
ଏହି ପୂର୍ଣ୍ଣିମାଟି ଆସଇ ଯେବେ
ଡଙ୍ଗା ଭସାଯାଏ ନଦୀରେ ତେବେ
ପାନ ଗୁଆ ସବୁ ସେଥିରେ ରଖି
କିଏ ସେ ଜାଣିଛ କହିଲ ଦେଖି।

**ଉତ୍ତର : କାର୍ତ୍ତିକ ପୂର୍ଣ୍ଣିମା**



**–ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

## ଆ ଇ ନା




## ଗପ
# ଗଛର ଦାଢ଼ି

ସେଦିନ କୁନି ତାଙ୍କ ଘର ବଗିଚାକୁ ଯାଇଥାଏ। ନିମ୍ବ ଗଛରେ କିଛି ନୂଆପ୍ରକାର ଦେଖାଗଲା। ସେମିତି ଆଗରୁ କେବେ ସେ ଦେଖି ନ ଥାଏ। ତାହା କ'ଣ ଜାଣିବା ପାଇଁ ସେ ତା' ଜେଜେଙ୍କ ପାଖକୁ ଧାଇଁଲା। ଜେଜେ ଫୁଲଗଛ ମୂଳରେ ବସି ଶୁଖିଲା ପତ୍ର ଛିଣ୍ଡାଉଥିଲେ। କୁନି ତାଙ୍କ ପାଖକୁ ଯାଇ କହିଲା,'ଜେଜେ ଦେଖିବ ଆସ ଆମ ବଗିଚାରେ ଥିବା ନିମ୍ବ ଗଛରେ କେତେ ବଡ଼ ଦାଢ଼ି ହୋଇଛି।' କୁନି କଥା ଶୁଣି ଜେଜେ କହିଲେ,'ଗଛରେ କୋଉଠୁ ଦାଢ଼ି ନିଶ ହେବାର ମୁଁ ଦେଖିନାହିଁ। ତୁ ବୋଧେ ଭୁଲ୍ ଦେଖିଛୁ। ହଉ ଚାଲିଲୁ ଦେଖିବା।' ଦୁହେଁ ନିମ୍ବ ଗଛ ପାଖକୁ ଗଲେ। କୁନି ଗଛକୁ ଇଶାରା କରି କହିଲା, 'ଏଇ ଦେଖ ଜେଜେ ହେଇ– ସେଇଠି ପରା ଦାଢ଼ି ହୋଇଛି। ବାପା ଯେମିତି ବେଳେ ବେଳେ କଳା ଦାଢ଼ି ରଖନ୍ତି ଠିକ ସେଇମିତି ହେଇଛି।' ଜେଜେ ନିମ୍ବ ଗଛ ନିକଟକୁ ଯାଇ ଦେଖିବା ପରେ ସେଇଟା କ'ଣ ବୋଲି ଜାଣିପାରି କୁନିକୁ କହିଲେ,'ସେଇଟା ଗଛର ଦାଢ଼ି ନୁହଁରେ ମା, ସେଇଟା ହେଉଛି ମହୁମାଛିର ଘର (ଫେଣା)। ତା' ଭତରେ ଢେର ମିଠା ମହୁ ରହିଥାଏ।'

'ନା ଜେଜେ ତୁମେ ମିଛ କହୁଛ ତାହା ବାପାଙ୍କ ଦାଢ଼ି ଭଳି ତ ହୋଇଛି।' ତା'ପରେ ସେ ଘର ଭିତରକୁ ଦୌଡ଼ି ଯାଇ ତା' ମା', ଜେଜେମା, କକା–ଖୁଡୀ ସମସ୍ତଙ୍କୁ ଗଛରେ ଦାଢ଼ି ହୋଇଛି ବୋଲି ଜଣାଇ ଖୁସିରେ ନାଚିଗଲା। ସେଇବେଳେ ତା' ବାପା ବାହାରୁ ଫେରିଲେ। କୁନି ତାଙ୍କୁ ଦେଖିବା ମାତ୍ରେ ପଚାରିଲା,'ଆଚ୍ଛା ବାପା, ଗଛରେ ଥିବା ଦାଢ଼ି ଜେଜେଙ୍କ ଦାଢ଼ି ଭଳି ଧଳା ହୋଇ ଯିବନି ତ ?'

କୁନିର ବାପା ଝିଅ ପ୍ରଶ୍ନର କି ଉତ୍ତର ଦେବେ କିଛି ବୁଝିପାରୁ ନ ଥାନ୍ତି। ଜେଜେ ଆସି କୁନିର ହାତ ଧରି ବାହାରେ ବୁଲିବାପାଇଁ ଡାକିନେଇ ସେଇ ନିମ୍ବଗଛ ନିକଟରେ ପହଞ୍ଚି କହିଲେ– କୁନି, ଗଛରେ ଏ ଦାଢ଼ି କେମିତି ହେଲା ମୁଁ ତୋତେ କହୁଛି ଶୁଣ। ମହୁମାଛି ପାଟିରୁ ମହମ ପରି ଏକପ୍ରକାର ତରଳ ପଦାର୍ଥ ବାହାରେ। ପ୍ରଥମେ ସେଇ ତରଳ ପଦାର୍ଥ ଦ୍ୱାରା ସେମାନେ ତାଙ୍କ ଘର(ଫେଣା)ତିଆରି କରନ୍ତି। ତା'ପରେ ଫୁଲରୁ ମହୁ ଶୋଷି ଆଣି ସେଇ ଘର ଭିତରେ ଜମା କରନ୍ତି। ତୋ କାନରେ ଯେମିତି ବିନ୍ଧ ଅଛି ଠିକ ସେଇପରି ୮୦,୦୦୦ରୁ ୧ଲକ୍ଷ ଯାଏ କୋଠରି ତିଆରି କରିଥାନ୍ତି। ଆଉ ସେଇ ସବୁ କୋଠରି ଭିତରେ ଲକ୍ଷ ଲକ୍ଷ ମହୁମାଛି ରହିଥାନ୍ତି। ସେଇଥି ପାଇଁ ତାହା ଗଛ ଡାଳରେ ଝୁଲିରହି ଗଛର ଦାଢ଼ି ଭଳି ଦେଖାଯାଏ। ଏଥର ବୁଝିଲୁ ତ ସେଇଟା ଗଛର ଦାଢ଼ି ନୁହେଁ ମହୁମାଛିର ଘର।' ଜେଜେଙ୍କ ପାଖରୁ ମହୁମାଛି ବିଷୟରେ ଶୁଣି କୁନି ସବୁ ବୁଝିପାରିଲା।

ହେଲେ ମନୁଷ୍ୟ ଆଜି ଲୋଭରେ ପଡି ଜଙ୍ଗଲ ନଷ୍ଟ କରୁଛି। ରାସାୟନିକ କୀଟନାଶକ ବିଷ ପ୍ରୟୋଗ କରି ନିରୀହ ଜୀବନକୁ କଷ୍ଟ ଦେଉଛି ; ଯାହାଫଳରେ ଅନେକ ପ୍ରଜାତିର କୀଟପତଙ୍ଗ ଓ ପକ୍ଷୀଙ୍କ ସଂଖ୍ୟା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ପୂର୍ବାପେକ୍ଷା ଆଜି ସଂସାରରେ କେବଳ ଏକ ତୃତୀୟାଂଶ ମହୁମାଛି ରହିଛନ୍ତି।



**–ସୁଧାଂଶୁ ଶେଖର ଦ୍ୱିବେଦୀ,**
ବିସି–୭୪,ସଲ୍ଟ ଲେକ୍,
କଲିକତା–୭୦୦୦୬୪

## କ ବି ତା



### ବିଦ୍ୟା ଧନ

ଚୋର ବୋହିନେଲେ ସରିଯାଏ ଧନ
ବାଣ୍ଟିଦେଲେ ଧନ ସରିବ
ଏମିତି ଗୋଟିଏ ଧନ ଅଛି ପିଲେ
ଶୁଣିଲେ ଚକିତ ହୋଇବ।
ବାଣ୍ଟିଦେଲେ ତାକୁ ବଢ଼ି ବଢ଼ି ଯାଏ
ଚୋର ଦେଖି ତାକୁ ଡରିବ।
ଟଙ୍କା ପଇସାରେ ମିଳେନା ସେ ଧନ
ସାଧିଲେ ମିଳଇ ମାଗଣା।
ସେ ଧନ ପୋଡେନା ହଜିବି ଯାଏନା
ସୁଖକୁ କରଇ ଆପଣା।
ସେ ଧନ ଟିକକ ନ ଥାଏ ଯା' ପାଶେ
ଆଖି ଥାଇ ସିଏ ଅନ୍ଧଟି।
ଥିଲେ ସେହି ଧନ ମିଳେ ସନମାନ
ଯେଉଁଠାକୁ ଯାଅ ସେଇଠି।
ସେ ଧନର ନାମ ଅଟେ ବିଦ୍ୟା ଧନ
ଉପାର୍ଜନ କଲେ ଜିଣିବ।
ବିଦ୍ୟା ଧନ ବଳେ ସାରା ପୃଥିବୀର
ଖବରକୁ ସିନା ଜାଣିବ।

***–ସତ୍ୟବ୍ରତ ସାହୁ,** ପଲ୍ଲାସାହି, କମାଳପୁର,ଅହିୟାସ, ଯାଜପୁର*

### ଶୀତ ଆସିଲା


କୁନି ପାଦ ଥାପି ଆସିଲୁ ଶୀତ
ଆମ କୁନା ସାଥେ ବସିବୁ ମିତ।
ଖାଇବୁ ତା' ସାଥେ ହବିଷ ଅନ୍ନ
ବୁଲି ଦେଖିବୁ ତୁ କେତେ କାନନ।
ଚାଷକ୍ଷେତେ ସୁନା ଫଳ ଫଳିଛି
ତୋର ଆଗମନ ଚାହିଁ ରହିଛି।
ନାନା ରକମର ଫୁଟିବ ଫୁଲ
ତୁ ଆସିଗଲୁ ବଢିବ ମୂଲ।
ସଜପରିବାର ବସିବ ହାଟ
ଘାସରେ କାକର କରିବ ନାଟ।
ଦିନ ହେବ ସାନ ବଢିବ ରାତି
କମ୍ବଳ ଭିତରୁ ଉଠିବ ତାତି।

***–ବିଜୟଲକ୍ଷ୍ମୀ ପାଣିଗ୍ରାହୀ,** ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*

### ମୋ ମାଆ

ଦଶମାସ ମୋତେ କୋଳେ ଧରି ମାଆ
ସହିଛୁ ମୋ ପାଇଁ କଷ୍ଟ,
ଜନମ ଦେଇଛୁ ପାଳନ କରିଛୁ
ଦେଖାଇଛୁ ଭଲ ବାଟ।
ଅମୃତ ଦେଇଛୁ ବକ୍ଷରୁ ନିଗାଡି
ଦେଇଛୁ ସ୍ନେହ ମମତା ,
ମୋ ପାଇଁ ସହିଛୁ କେତେ ଯେ କଷଣ
ଧନ୍ୟ ତୋର ମହାନତା।
ହାତଧରି ମୋର ଚାଲି ଶିଖେଇଛୁ
ଦୁନିଆ ଦାଣ୍ଡେ ଚାଲୁଛି,
ମୋ ଅଳି ଅର୍ଦ୍ଦଳି ସହିଅଛୁ କେତେ
ରକ୍ଷାକର୍ତ୍ତ୍ରୀ ମୋ ସାଜିଛୁ।
ସବୁ ଦେଇ ମୋତେ କରିଅଛୁ ଋଣୀ
ଜନମ ଜନମ ପାଇଁ,
ଜନମେ ଜନମେ ହୁଅ ମୋର ମାଆ
ମାଗୁଛି ଏତିକି ମୁହିଁ।

***–ଅରୂପ କୁମାର ବିଶ୍ୱାଳ,** ପାରାଦୀପ, ଜଗତ୍‌ସିଂହପୁର*



### ବୃକ୍ଷ ଆମର ବନ୍ଧୁ

ଆସରେ ପିଲେ ମୁନା ମାମୁନି
ପୋତିବା ଆମେ ଗଛ,
ଆଉ ଯେତେକ କାମକୁ ଆମେ
କରିବା ଏବେ ପଛ ।
ଗଛ ବଢିବ ବଡ ହୋଇବ
ମେଲିବ କେତେ ଡାଳ,
ଜାତି ଜାତିକା ଫୁଲ ଫୁଟିବ
ଫଳିବ ପୁଣି ଫଳ ।
ଚେର ମେଲାଇ ଜାବୁଡି ଧରି
ରକ୍ଷା କରିବ ମାଟି
ପଶୁ ବା ପକ୍ଷୀ ଆଶ୍ରୟ ନେବେ
ମୂଳଠୁ ଡାଳ ବାଣ୍ଟି ।
ବୃକ୍ଷ ହିଁ ଆଣେ ଏହି ଧରାକୁ
ବରଷା ବାରି ଧାରା,
କୃଷକ ଭାଇ କରଇ ଚାଷ
ମହା ଆନନ୍ଦେ ପରା ।
ଯୋଗାଇ ଦିଏ ଘରକୁ କାଠ
ଚୁଲିକୁ ପୁଣି ଜାଳ,
ମଣିଷ ହିତେ ଉଭା ହୋଇଛି
ମାଟିରେ ଚିର କାଳ ।
ବଞ୍ଚିବା ପାଇଁ ଯୋଗାଇ ଦିଏ
ନିଃଶ୍ୱାସେ ଶୁଦ୍ଧ ବାୟୁ,
ସମାଜ ପାଇଁ ସମର୍ପି ଦିଏ
ସତେ ନିଜର ଆୟୁ ।
ନିଦାଘ କାଳେ ଯୋଗାଇ ଦିଏ
ଶୀତଳ ବାଆ ଛାଇ,
ଧରଣୀ ରାଣୀ ସୁନ୍ଦର ଦିଶେ
ସବୁଜ ରଙ୍ଗ ପାଇଁ ।
ବୃକ୍ଷ ହିଁ ଆମ ପ୍ରକୃତ ବନ୍ଧୁ
ରହିଛି ଆମ ହିତେ
ଶପଥ ନେବା ରକ୍ଷା କରିବା
ଆସରେ ପିଲା ସାଥେ ।

***–ସୁଦର୍ଶନ ମହାପାତ୍ର,** କୁଞ୍ଜବିହାରୀ ଲେନ, କଟକ*

## ତୁମ ପଢ଼ିବା ପାଇଁ

### ଝୁମୁକା



ତ୍ରୈମାସିକ ଶିଶୁ–କିଶୋର ପତ୍ରିକା 'ଝୁମୁକା'ର ଚଳିତ ବର୍ଷର ପୂଜା ସଂଖ୍ୟାରେ ସ୍ଥାନିତ ହୋଇଛି ଗପ, କବିତା, ଆଳାପ–ଆଲୋଚନା, ଶିଶୁ ଏକାଙ୍କିକା, ଆଙ୍କ ଛବି ହୁଅ କବି ପରି ବିଷୟବସ୍ତୁ। ସେଗୁଡିକ ମଧ୍ୟରୁ ଦେବୀ ଦଶଭୂଜା ଦେଖିଲି, ଯମ ହାରିଲେ, ମା'ର ଉପଦେଶ, ଜୀବନ ଏମିତି ବଦଳିଯାଏ, କରିଯାରେ କାମ କରିଯା,କଥାରେ କଥାରେ ବେପାର,ନାଲି ଓ ନୀଳ ପେନସିଲ୍, ଭଲ କାମଟିଏ କରିଛୁ ଆଦି ପାଠିକା–ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ମାନସ ରଞ୍ଜନ ସାମଲଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ : ୧୪୪–ଗଭର୍ଣ୍ଣମେଣ୍ଟ ଆଇ.ଟି., ଚାରବାଟିଆ, କଟକ–୨୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ବଡ଼ ମାର୍କର ପେନ୍



ପିଲାମାନେ ତୁମେ ତ ମାର୍କର ପେନ୍ ଦେଖିଥିବ। ବିଭିନ୍ନ ରଙ୍ଗର ଏହି ପେନ୍ ସବୁ ଛୋଟପିଲା ହାତରେ ଧରି ଲେଖିବା ଭଳି ହୋଇଥାଏ। କିନ୍ତୁ ଏମିତି ଏକ ମାର୍କର ପେନ୍ ଦେଖିଛ କି ଯାହାର ଲମ୍ବ ୨ ମିଟରରୁ ଅଧିକ। ଅବଶ୍ୟ ଏତେ ବଡ଼ ମାର୍କର ପେନ୍ ବଜାରରେ ବି ମିଳୁ ନାହିଁ। କିନ୍ତୁ ଏଭଳି ଏକ ବଡ଼ ମାର୍କର ପେନ୍ ତିଆରି କରି ରେକର୍ଡ କରିଛନ୍ତି କେରଳର ମହମ୍ମଦ ଡିଲିଫ୍। ମାର୍କର ପେନ୍‌ଟିର ଲମ୍ବ ୨.୭୪୫ ମିଟର ହୋଇଥିବାବେଳେ ଏହାର ମୋଟେଇ ହେଉଛି ୦.୩୧୫। ମହମ୍ମଦଙ୍କର ଏହି ପେନ୍‌ଟି ହେଉଛି ବିଶ୍ୱର ସବୁଠୁ ବଡ଼ ମାର୍କର ପେନ୍। ସେଥିପାଇଁ ଗିନିଜ୍ ବୁକ୍ ରେକର୍ଡରେ ଏହି ମାର୍କର ପେନ୍ ସ୍ଥାନ ପାଇଛି। ମହମ୍ମଦ ତାଙ୍କର ଏହି ସଫଳତା ସମ୍ପର୍କରେ ନିଜେ ଏକ ଭିଡିଓ ତିଆରି କରି ସେଥିରେ କ୍ୟାପସନ୍ ଦେଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତାଙ୍କର ଏଭଳି କାମ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ବିଶ୍ୱାସ ରଖିଛନ୍ତି।

## ମତାମତ

ଗତ ସପ୍ତାହରେ ପ୍ରକାଶିତ ଦିପାବଳି ସମ୍ପର୍କିତ ଗପ ପଢ଼ି ଅନେକ କଥା ଜାଣିହେଲା।
*–ଶାଶ୍ୱତ କୁମାର ସାହୁ, ଢେଙ୍କାନାଳ*

ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବହୁତ ଭଲ ଲାଗିଲା।
*–ଅମିତ କୁମାର ରାଉତ, ଯାଜପୁର*

ଗତ ସପ୍ତାହରେ 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇପାରିଛି।
*–ତନୁଜା ଦାସ, ପୁରୀ*

'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସବୁ ସ୍ତମ୍ଭ ପଠନୀୟ ଏବଂ ଶିକ୍ଷଣୀୟ ହୋଇପାରୁଛି।
*–ପୁଣ୍ୟତୋୟା ମହାନ୍ତି, ବଡ଼ବିଲ, କେନ୍ଦୁଝର*


ଏଥର 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋଟି ବେଶ୍ ସୁନ୍ଦର ହୋଇଥିଲା। ଆଇନାର ଫଟୋଟି ପୂଜା ପାଇଁ ସ୍ୱତନ୍ତ୍ର ଥିବା ପରି ମନେ ହେଲା।
*–ଶୁଭଶ୍ରୀ ସାହୁ, କଟକ*

ଏହି ପୃଷ୍ଠାର ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*–ଦିବ୍ୟାଲୋକ ସାହୁ, ରାଉରକେଲା*

## ଟଗଲା ଭୀମୁ




## ତୁମ ତୂଳୀରୁ



ଅଭିସୁମତ୍ ସାମଲ୍
କ୍ଲାସ–୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର



ଭବାଂଶୀ ହୋତା
କ୍ଲାସ–୫, ସାରସ୍ୱତ ବଳ ମଣ୍ଡି, ଜୟପୁର



ଦେବାଂଶୁ ଆଚାର୍ଯ୍ୟ
କ୍ଲାସ–୧, ଏସ୍.ଆର୍. ଡିଗି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ

# କ୍ରିଷ୍ଣାଙ୍କ ଗୋଲରେ ଏଟିକେ ମୋହନବାଗାନ ବିଜୟୀ



ଗୋଲ୍‌ସ୍କୋର ପରେ ହିରୋ ଅଫ୍ ଦି ମ୍ୟାଚ୍ ରୟ କ୍ରିଷ୍ଣାଙ୍କ ପ୍ରତିକ୍ରିୟା।

**ଇଣ୍ଡିଆନ ସୁପରଲିଗ୍ ଆରମ୍ଭ**

ବାମ୍ବୋଲିମ(ଗୋଆ), ୨୦।୧୧

କୋଭିଡ-୧୯ ଗାଇଡ୍‌ଲାଇନ୍ ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ୭ମ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ଫିଜିଆନ ଷ୍ଟ୍ରାଇକର ରୟ କ୍ରିଷ୍ଣାଙ୍କ ଗୋଲ ବଳରେ ଏଟିକେ ମୋହନବାଗାନ ଉଦ୍‌ଘାଟନୀ ମ୍ୟାଚରେ କେରଳ ବ୍ଲାଷ୍ଟର୍ସକୁ ୧-୦ ଗୋଲରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ୬୭ତମ ମିନିଟରେ ମନଭୀର ସିଂ ଡାହାଣ ପଟରୁ ବକ୍ସ ଭିତରେ ଥିବା କ୍ରିଷ୍ଣାଙ୍କ ନିକଟକୁ ବଲ୍ ପାସ୍ କରିଥିଲେ। ଅଧିନାୟକ କ୍ରିଷ୍ଣା ବ୍ଲାଷ୍ଟର୍ସ ଡିଫେନ୍ସ ଲାଇନ୍‌କୁ ଭେଦ କରି ବଲ୍‌କୁ ନେଟ୍ ମଧ୍ୟକୁ ପଠାଇବାରେ କୌଣସି ଭୁଲ କରି ନ ଥିଲେ। ଅବଶିଷ୍ଟ ୨୩ ମିନିଟ ଏବଂ ଇଞ୍ଜୁରି ୪ ମିନିଟର ଖେଳରେ କେରଳ ଦଳ ଗୋଲଟିକୁ ପରିଶୋଧ କରିବାରେ ଅସମର୍ଥ ରହିଥିଲା। ଫଳରେ ବିଜୟ ସହ ଏଟିକେ ମୋହନବାଗାନ ଏହାର ଆଇଏସ୍ଏଲ ଅଭିଯାନ ଆରମ୍ଭ କରିଛି।

## ଆଜି ମୁମ୍ବାଇ-ନର୍ଥ ଇଷ୍ଟ

ଭାସ୍କୋ,୨୦।୧୧(ପି.ଟି.)

ଶନିବାର ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ସିଟି ଓ ନର୍ଥ ଇଷ୍ଟ ୟୁନାଇଟେଡ ପରସ୍ପରକୁ ଭେଟିବେ। ମୁମ୍ବାଇ ଦଳରେ ଏଥର ୧୯ଜଣ ନୂଆ ଖେଳାଳି ସାମିଲ ହୋଇଛନ୍ତି। ସ୍ପାନିଶ୍ କୋଚ୍ ସର୍ଗିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଏଥର ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ମୁମ୍ବାଇ ପ୍ରଥମ ଆଇଏସ୍ଏଲ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ମୁମ୍ବାଇ ପୂର୍ବରୁ କେବେବି ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇପାରି ନାହିଁ। ନୂଆ କୋଚ୍ ଲୋବେରାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର ଭାଗ୍ୟ ବଦଳିବ ବୋଲି ଆଶା କରାଯାଉଛି। ପୂର୍ବରୁ ଲୋବେରା ଏଫ୍‌ସି ଗୋଆକୁ ୨୦୧୯ରେ ସୁପର କପ୍ ଚାମ୍ପିୟନ କରାଇଥିଲେ। ଆକ୍ରମଣାତ୍ମକ ଫୁଟବଲ ଉପରେ ଲୋବେରା ଗୁରୁତ୍ୱ ଦେଇଛନ୍ତି। ଏ ନେଇ ସେ ପ୍ରି- ସେସନ ମିଡିଆ ମିଟ୍‌ରେ ସ୍ପଷ୍ଟ କରିଛନ୍ତି। ଆକ୍ରମଣାତ୍ମକ ଓ ରକ୍ଷଣାତ୍ମକ ଖେଳ ମଧ୍ୟରେ ଦଳ ସନ୍ତୁଳନ ରକ୍ଷା କରିବା ଉଚିତ୍ ବୋଲି ସେ କହିଛନ୍ତି। ଆକ୍ରମଣାତ୍ମକ ଫୁଟବଲ ଖେଳିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ଫୁଟବଲରେ ଆଟାକ ଓ ଡିଫେନ୍ସ, ଉଭୟର ସନ୍ତୁଳନ ଆବଶ୍ୟକ ଲୋବେରା କହିଛନ୍ତି। ମୁମ୍ବାଇ ଦଳରେ ଦୁଇଜଣ ଭଲ ଷ୍ଟ୍ରାଇକର ବାର୍ଥୋଲୋମିୟୁ ଓଗବେଚେ ଓ ଆଡାମ ଲି ଫୋନ୍ଦ୍ରେ ରହିଛନ୍ତି। ପ୍ରତିପକ୍ଷ ଦଳ ପାଇଁ ଏହି ଦୁଇ ଷ୍ଟ୍ରାଇକ ନିର୍ଣ୍ଣାୟକ ସାବ୍ୟସ୍ତ ହେବେ। ଦଳରେ ଅହମେଦ ଜାହୋଉ, ଇଂଲଣ୍ଡ ଜନ୍ମିତ ଜାପାନୀ ଖେଳାଳି ସି ଗୋଡାର୍ଡ ମଧ୍ୟ ସାମିଲ ହୋଇଛନ୍ତି। କାଉଣ୍ଟର ଆଟାକ ଉପରେ ଅଧିକ ଗୁରୁତ୍ୱ ଦେବୁ ବୋଲି ମୁମ୍ବାଇ ଗୋଲକିପର ଅମରିନ୍ଦର ସିଂ କହିଛନ୍ତି।

# ଲକ୍ଷ୍ୟ ପଥରେ ହର୍ଡଲ୍ସ ପ୍ରତିଭା

ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି)



ସବିତା ଟପ୍ପୋ

ବୟସ ମାତ୍ର ୧୫ ହୋଇଥିଲେ ହେଁ ସ୍ଥାନୀୟ ରିଲିଆନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ସବିତା ଟପ୍ପୋ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଏଚପିସିରେ ନିକଟରେ ଅନୁଷ୍ଠିତ ସ୍ପ୍ରିଣ୍ଟ ଏବଂ ମିଡିଲ ଡିଷ୍ଟାନ୍ସ ଫେଷ୍ଟରେ ସବିତା ଶ୍ରେଷ୍ଠ ମହିଳା ପ୍ରଦର୍ଶନକାରୀ ବିବେଚିତ ହୋଇଥିଲେ। ସେ ୬ ରେସ୍ ମଧ୍ୟରୁ ୪ ଥର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ଦେବାରେ ସକ୍ଷମ ହୋଇଥିଲେ। ଏଥିରେ ୩ ଥର ତାଙ୍କ ପ୍ରିୟ ଇଭେଣ୍ଟ ୧୦୦ ମିଟର ହର୍ଡଲ୍ସ ସାମିଲ। ଗତବର୍ଷ ଅଗଷ୍ଟରେ ଏଚପିସିରେ ଯୋଗ ଦେଇଥିବା ସବିତା ଇତିମଧ୍ୟରେ ୨ ସେକେଣ୍ଡରୁ ଅଧିକ ଉନ୍ନତି ଆଣିଛନ୍ତି ଏବଂ ୧୦୦ ମିଟର ହର୍ଡଲ୍ସରେ ୧୫.୫୪ ସେକେଣ୍ଡ ତାଙ୍କର ଶ୍ରେଷ୍ଠ ଟାଇମିଂ ରହିଛି। ଆସନ୍ତା ବର୍ଷ ସେ ୧୪ ସେକେଣ୍ଡରୁ କମ୍ ସମୟରେ ଏହି ଦୂରତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ସୁନ୍ଦରଗଡ଼ର ସବିତା ୬ ଭଉଣୀଭାଇଙ୍କ ମଧ୍ୟରୁ ସର୍ବକନିଷ୍ଠ। ଛୋଟ ବେଳରୁ ସେ ପ୍ରତିଭା ପ୍ରଦର୍ଶନ କରି ନିଜ ସ୍କୁଲ୍‌ର ବାର୍ଷିକ ସ୍ପୋର୍ଟ୍ସ ମିଟ୍‌ରେ ସମସ୍ତ ରେସ୍‌ରେ ବିଜୟୀ ହୋଇଥିଲେ। ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲରେ ଭର୍ତ୍ତି ହେବାପରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ହୋଇଥିଲା। ୨୦୧୮ରେ ରୋହତକ୍‌ରେ ଅନୁଷ୍ଠିତ ଏସ୍‌ଜିଏଫଆଇ (ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ) ସ୍କୁଲ ନ୍ୟାଶନାଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସେ ଏଚ୍‌ପିସିରେ ଭର୍ତ୍ତି ହୋଇ ଉଚ୍ଚମାନର ଟ୍ରେନିଂ ପାଇଥିଲେ। ଗୁଣ୍ଟୁରରେ ଅନୁଷ୍ଠିତ ଜାତୀୟ ଜୁନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୧୬ ବର୍ଷରୁ କମ୍ ପେଣ୍ଟାଥଲନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଅବସରରେ ସେ ଜାତୀୟ ରେକର୍ଡ ମଧ୍ୟ ଭାଙ୍ଗିଥିଲେ। ୨୦୨୦ ଜାନୁୟାରୀରେ ମୁମ୍ବାଇରେ ଅନୁଷ୍ଠିତ ରିଲିଆନ୍ସ ଫାଉଣ୍ଡେଶନ ୟୁଥ୍ ସ୍ପୋର୍ଟ୍ସ ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଲଙ୍ଗଜମ୍ପ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ''ଏଚପିସିରେ ସିନ୍ଥେଟିକ୍ ଟ୍ରାକ୍‌ରେ ଭଲ କୋଚ୍‌ଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଇପାରୁଛି। ଭଲ ଜିମ୍, ରହିବା ସୁବିଧା ଏବଂ କ୍ୱାଲିଟି ରନିଂ ସୁ' ଉପଲବ୍ଧ ହେଉଛି। ଏହା ପାଇବି ବୋଲି ମୁଁ ପୂର୍ବରୁ କେବେ କଳ୍ପନା କରିପାରି ନ ଥିଲି। ମୋ ବେସିକ୍ ସ୍ପିଡ୍ ଓ ଷ୍ଟ୍ରେନ୍ଥରେ ଉନ୍ନତି ଆସିଛି'' ବୋଲି ସବିତା ପ୍ରକାଶ କରିଛନ୍ତି।


# ହାଇତି ଫୁଟ୍‌ବଲ ସଭାପତିଙ୍କୁ ଆଜୀବନ ବାସନ୍ଦ କଲା ଫିଫା

**ଜୁରିଚ୍, ୨୦।୧୧ (ଏପି):** ମହିଳା ଖେଳାଳିଙ୍କୁ ଯୌନ ଶୋଷଣ ଅଭିଯୋଗରେ ହାଇତି ଫୁଟ୍‌ବଲ ମହାସଂଘ ସଭାପତି ୱାଇଭେସ୍ ଜିନ୍ ବାର୍ଟଙ୍କୁ ବିଶ୍ୱ ପରିଚାଳନା ସଂସ୍ଥା ଫିଫା ଶୁକ୍ରବାରଠାରୁ ଖେଳରୁ ଆଜୀବନ ବାସନ୍ଦ କରିଛି। ଜିନ୍ ବାର୍ଟ ନିଜ ପଦବୀର ଅପବ୍ୟବହାର କରି ବହୁ ମହିଳା ଖେଳାଳିଙ୍କ ଯୌନ ଶୋଷଣ କରିଛନ୍ତି। ସେମାନଙ୍କ ମଧ୍ୟରେ ନାବାଳିକା ଓ ଜାତୀୟ ଦଳର କେତେଜଣ ଖେଳାଳି ମଧ୍ୟ ଅଛନ୍ତି। ବାସନ୍ଦ ଦଣ୍ଡ ବ୍ୟତୀତ ତାଙ୍କୁ ୧ନିୟୁତ ସୁଇସ୍ ଫ୍ରାଙ୍କ୍ (୧.୧ ନିୟୁତ ଡଲାର) ଜରିମାନା କରାଯାଇଛି। ଜିନ୍ ବାର୍ଟଙ୍କ କାରନାମା ସମ୍ପର୍କରେ ଏକ ବ୍ରିଟିଶ ଖବରକାଗଜରେ ପ୍ରକାଶ ପାଇଥିଲା। ରିପୋର୍ଟ ଅନୁସାରେ ଫିଫା ପାଣ୍ଠି ସହାୟତାରେ ଚାଲିଥିବା ଦେଶର ଜାତୀୟ ଟ୍ରେନିଂ ସେଣ୍ଟରଠାରେ ସେ ଏହି କୁତ୍ସିତ କାର୍ଯ୍ୟ କରିଥାନ୍ତି। ଜିନ୍ ବାର୍ଟ ରାଞ୍ଚ୍ ନାମରେ ପରିଚିତ। ୨୦୦୦ରୁ ସେ ହାଇତି ଫୁଟ୍‌ବଲର ମୁଖ୍ୟ ରହି ଆସିଛନ୍ତି। ସରକାରୀକଳ, ରାଜନୀତି ଏବଂ ଆଇନ ବ୍ୟବସ୍ଥାସହ ତାଙ୍କର ସୁସମ୍ପର୍କ ରହିଥିବା ହ୍ୟୁମାନ ରାଇଟ୍ ୱାଚ୍ କହିଛି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର କିନ୍ତୁ ସେ ଖଣ୍ଡନ କରିଛନ୍ତି।

# ନାଡାଲ, ଜୋକୋଭିଚ୍ ସେମିରେ

**ଏଟିପି ଫାଇନାଲ୍ସ**

ଲଣ୍ଡନ,୨୦।୧୧(ଏପି)




ଏଠାରେ ଚାଲିଥିବା ବର୍ଷ ଶେଷର ହାଇପ୍ରୋଫାଇଲ ଟେନିସ ଟୁର୍ନାମେଣ୍ଟ ଏଟିପି ଫାଇନାଲ୍ସରେ ସ୍ପେନ୍ ଟେନିସ ତାରକା ରାଫାଲ ନାଡାଲ ଗତ ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ଓ୨ ଏରିନାରେ ଅନୁଷ୍ଠିତ ନିର୍ଣ୍ଣାୟକ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ନାଡାଲ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ୬-୪, ୪-୬, ୬-୨ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଗ୍ରୀସ୍‌ର ଷଷ୍ଠ ସିଡ୍ ଖେଳାଳି ଷ୍ଟିଫାନୋ ସିଟ୍‌ସିପାସଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ୧୦ଥର ଏହି ଟୁର୍ନାମଣ୍ଟରେ ଅଂଶଗ୍ରହଣ କରି ନାଡାଲ ଷଷ୍ଠଥର ପାଇଁ ସେମିକୁ ଉଠିଛନ୍ତି। ଅବଶ୍ୟ ସେ ଏପର୍ଯ୍ୟନ୍ତ ଏଟିପି ଫାଇଲାଲ୍ସରେ ଚାମ୍ପିୟନ ହୋଇପାରି ନାହାନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କୁ ୬-୩, ୭-୬(୪) ସେଟ୍‌ରେ ପରାସ୍ତ କରିଛନ୍ତି। ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ସପ୍ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ୟୁଏସ୍ ଚାମ୍ପିୟନ ତୃତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ ସିଟ୍‌ସିପାସ ଓ ନାଡାଲଙ୍କୁ ହରାଇ ଥିମ୍ ଗ୍ରୁପ୍ ଚାମ୍ପିୟନ ହେବା ସମ୍ଭାବନା ଦୃଢ କରିଥିଲେ। ନିଜ ପ୍ରଦର୍ଶନ ନାଡାଲ ଖୁସି ଜାହିର କରିଛନ୍ତି। ସେମିଫାଇନାଲରେ ନାଡ଼ାଲ ଏବେ ଶନିବାର ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ଭେଟିବେ।

# ଆଡିଲେଡ୍‌ରେ ପ୍ରଥମ ଟେଷ୍ଟ ସମ୍ଭାବନା

ଆଡିଲେଡ୍, ୨୦।୧୧ (ପି.ଟି.)

କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ଲାଗି ୬ ଦିନିଆ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଫଳରେ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିବାରାତ୍ର ଟେଷ୍ଟ ଆୟୋଜନ ସମ୍ଭାବନା ବୃଦ୍ଧି ପାଇଛି। ହଠାତ୍ କୋଭିଡ୍ ସଂକ୍ରମଣ ବଢ଼ିବାରୁ ସାଉଥ ଅଷ୍ଟ୍ରେଲିଆ ଏହାର ସୀମାକୁ ବନ୍ଦ କରିଦେଇଛି। ପ୍ରଦେଶରେ ସଂକ୍ରମଣଙ୍କ ସଂଖ୍ୟା ବର୍ତ୍ତମାନ ୫୫୧ ରହିଛି। ସତର୍କତା ସ୍ୱରୂପ ଟେଷ୍ଟ ଅଧିନାୟକ ଟିମ୍ ପେନ୍‌ଙ୍କ ସମେତ କ୍ରିକେଟରମାନଙ୍କୁ ବିମାନ ଯୋଗେ ନ୍ୟୁ ସାଉଥ ୱେଲ୍ସ ସ୍ଥାନାନ୍ତର କରାଯାଇଛି। ମ୍ୟାଚ ବେଳକୁ ପରିସ୍ଥିତି କ'ଣ ଥିବ ତାହା କହିହେବ ନାହିଁ ବୋଲି ସାଉଥ ଅଷ୍ଟ୍ରେଲିଆରେ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନିକୋଲା ସ୍ପରିଅର କହିଛନ୍ତି। ତେବେ ଲକ୍‌ଡାଉନ୍ ଦ୍ୱାରା ସ୍ୱାଭାବିକ ଜୀବନଯାତ୍ରା ଫେରିବା ସହ କ୍ରିକେଟ ମ୍ୟାଚ ସମ୍ଭବ ହୋଇପାରିବ ବୋଲି ସେ ଆଶା କରୁଛନ୍ତି।

# ଜନ୍ମେଜୟ ମେମୋରିଆଲ ଟେନିସ ଆଜିଠାରୁ

**ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି):** ନୀଳାଚଳ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ଜନ୍ମେଜୟ ଦାଶ ମେମୋରିଆଲ ଟେନିସ ଚାମ୍ପିୟନଶିପ୍ ନୂଆଦିଲ୍ଲୀର ପିତାମ୍‌ପୁରାସ୍ଥିତ ବାଲ୍ ଭାରତୀ ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ଆରମ୍ଭ ହେବାକୁ ଯାଉଛି। ଏହା ଏକ ଅନ୍ତର୍ଜାତୀୟ ଟେନିସ ରେଟିଂ ଇଭେଣ୍ଟ। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୧୪ ଓ ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ ଅନୁଷ୍ଠିତ ହେବ। ଏଥିରେ କେବଳ ୧୬ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ଅନୁମତି ମିଳିଛି।

# 'ବୋଲରମାନେ ନିର୍ଣ୍ଣାୟକ ଭୂମିକା ନେବେ'

ମୁମ୍ବାଇ, ୨୦।୧୧ (ପି.ଟି.)



ଜାହିର ଖାଁ

**ଭାରତ-ଅଷ୍ଟ୍ରେଲିଆ ସିରିଜ**

ଆଗାମୀ ଭାରତ-ଅଷ୍ଟ୍ରେଲିଆ କ୍ରିକେଟ ସିରିଜରେ ଦୁଇ ଦଳ ମଧ୍ୟରେ କଡ଼ା ମୁକାବିଲା ହେବ। ଉଭୟ ଦଳରେ ଶ୍ରେଷ୍ଠ ବୋଲର ରହିଛନ୍ତି। ସିରିଜରେ ସେମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ପୂର୍ବତନ ବାମହାତୀ ପେସ୍ ବୋଲର ଜାହିର ଖାଁ କହିଛନ୍ତି। ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଅଷ୍ଟ୍ରେଲିଆରେ ରହିଛି। ସେଠାରେ ଦଳ ଏକ ପୂର୍ଣ୍ଣାଙ୍ଗ ସିରିଜ ଖେଳିବ। ଏଥିରେ ୩ ଅନ୍ତର୍ଜାତୀୟ ଦିନିକିଆ, ସମାନ ସଂଖ୍ୟକ ଟି୨୦ ଏବଂ ୪ ଟେଷ୍ଟ ମ୍ୟାଚ ରହିଛି। ନଭେମ୍ବର ୨୭ରେ ଅନ୍ତର୍ଜାତୀୟ ଦିନିକିଆ ସହ ଟୁର୍ ଆରମ୍ଭ ହେବ। ଭାରତ ଓ ଅଷ୍ଟ୍ରେଲିଆ ଦଳରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ମିଚେଲ ଷ୍ଟାର୍କ ଏବଂ ପ୍ୟାଟ୍ କମିନ୍ସଙ୍କ ଭଳି ଉନ୍ନତ ବୋଲର ଅଛନ୍ତି। ଅଷ୍ଟ୍ରେଲିଆ ପିଚ୍‌ଗୁଡ଼ିକ ସବୁବେଳେ ଭଲ ପେସ୍ ଓ ବାଉନ୍ସ କରିଥାଏ। ଦିନିକିଆ, ଟି୨୦ ଅବା ଟେଷ୍ଟ ମ୍ୟାଚ୍ ହେଉ ବୋଲରମାନେ ଦଳଗତ ପ୍ରଦର୍ଶନ କରି ବିପକ୍ଷ ଦଳର ସ୍କୋରକୁ କିପରି ସୀମିତ କରିପାରୁଛନ୍ତି ତାହା ଉପରେ ପଳାଫଳ ନିର୍ଭର କରିବ ବୋଲି ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଜାହିର ପ୍ରକାଶ କରିଛନ୍ତି। ଏହି ସିରିଜରେ ଯେଉଁମାନେ ପ୍ରଭାବୀ ବୋଲିଂ କରିବେ ସେମାନେ ବିଶ୍ୱର ଟପ୍ ଲାଇନ୍ ବୋଲର ଭାବେ ପରିଚିତି ଲାଭ କରିବେ। ଜାହିର ପୁନଶ୍ଚ କହିଛନ୍ତି, ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ଉପସ୍ଥିତି ଯୋଗୁ ଭାରତକୁ ଅଷ୍ଟ୍ରେଲିଆରେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ପୂର୍ବରୁ ୨୦୧୮-୧୯ ଅଷ୍ଟ୍ରେଲିଆ ଟୁର୍‌ରେ ୱାର୍ନର ଓ ସ୍ମିଥ୍‌ଙ୍କ ଅନୁପସ୍ଥିତିରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇଥିଲା। ସେତେବେଳେ ଏହି ଦୁଇ ଖେଳାଳି ବଲ୍ ଟ୍ୟାମ୍ପରିଂ ମାମଲାରେ ଏକ ବର୍ଷ ବାସନ୍ଦ ଦଣ୍ଡ ଭୋଗୁଥିଲେ। ଏହି ସିରିଜରେ ଉଭୟ ଦଳର କ୍ୱାଲିଟି ବ୍ୟାଟିଂ ଓ ବୋଲିଂ ଲାଇନ୍ ଅପ୍ ରହିଥିବାରୁ କାହାରିକୁ ଫେଭରାଇଟ୍ କୁହାଯାଇପାରିବ ନାହିଁ। ତେଣୁ ଆଗାମୀ ଟୁର୍ ରୋମାଞ୍ଚକ ହେବ। ଅଷ୍ଟ୍ରେଲୀୟ ପେସ୍ କିମ୍ବଦନ୍ତୀ ଗ୍ଲେନ୍ ମ୍ୟାକ୍‌ଗ୍ରା ମଧ୍ୟ ସମାନ କଥା କହିଛନ୍ତି।


# ଅନ୍ତର୍ଜାତୀୟସ୍ତରୀୟ ମହିଳା ଟି୨୦ ଯୋଜନା

ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି)




ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କୋଭିଡ୍-୧୯ ପାଇଁ ଦୀର୍ଘ ଦିନର ବ୍ରେକ୍ ପରେ ଲିବୋଲିଫ୍ ଟିମ୍ ଆନୁକୂଲ୍ୟରେ ଓଡ଼ିଶାରେ ପ୍ରଥମଥରପାଇଁ ଏକ ଅନ୍ତର୍ଜାତୀୟ ସ୍ତରୀୟ ଟି୨୦ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଛି। ଏହି ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ୬ ଦଳ ମଧ୍ୟରେ ୩ ଦଳ ଅନ୍ତର୍ଜାତୀୟ କ୍ଲବ ସ୍ତରୀୟ, ୨ଟି ଭାରତୀୟ ଦଳ ଏବଂ ଓଡ଼ିଶାରୁ ୧ ଦଳ ସାମିଲ ରହିବ। ଏଥିପାଇଁ ପ୍ରସ୍ତୁତି ଚାଲିଛି ଏବଂ ସବୁ ସ୍ତରରେ ଆଲୋଚନା ପ୍ରାୟତଃ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲିବୋଲିଫ୍‌ର ଅପରେଶନ୍ସ ମୁଖ୍ୟ (ସିଏସ୍ଆର୍) ବିଜନ କୁମାର ଦଳାଇ ପ୍ରକାଶ କରିଛନ୍ତି। ୨୦୨୧ ଜାନୁୟାରୀ ୫ରୁ ୨୫ ମଧ୍ୟରେ ଏହି ପ୍ରତିଯୋଗିତା କିଟ୍ ଗ୍ରାଉଣ୍ଡରେ ଆୟୋଜନ ଯୋଜନା ରହିଛି। ଏଥିରେ ଲଣ୍ଡନ, ଶ୍ରୀଲଙ୍କା ଓ ବାଂଲାଦେଶରୁ ଗୋଟିଏ ଲେଖାଏ କ୍ଲବ ସ୍ତରୀୟ ଦଳ ଭାଗନେବେ। ଦେଶ ମଧ୍ୟରେ ଝାଡ଼ଖଣ୍ଡ, ରେଲୱେ ଓ ଅନ୍ୟ କିଛି ଅନୁଷ୍ଠାନ ସହ ଆଲୋଚନା ଚାଲିଛି। ଓଡ଼ିଶାରୁ ଏକ ଦଳ ସମ୍ପର୍କରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହିତ ଯୋଗାଯୋଗରେ ରହିଛୁ। ଦିନେ ଦୁଇଦିନ ମଧ୍ୟରେ ଏହା ସ୍ପଷ୍ଟ ହୋଇଯିବ ବୋଲି ଦଳାଇ କହିଛନ୍ତି। ନେପାଳରୁ ଏକ ଦଳ ଆଣିବାକୁ ପ୍ରୟାସ ଚାଲିଛି। ଯଦି ଏହା ସମ୍ଭବ ହୁଏ ତେବେ ଏକ ପ୍ରଦର୍ଶନୀ ମ୍ୟାଚର ଆୟୋଜନ କରାଯିବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ବିଏମ୍‌ସି ସହିତ ଆଲୋଚନା ହୋଇଛି। ବାହାରୁ ଆସିବାକୁ ଥିବା ଖେଳାଳିମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବାପରେ ଟୁର୍ନାମେଣ୍ଟ ଆରମ୍ଭ ହେବ। ରାଉଣ୍ଡ ରବିନ୍ ଭିତ୍ତିରେ ମ୍ୟାଚଗୁଡ଼ିକ ହେବ। ପ୍ରତି ଦଳ ପରସ୍ପର ମଧ୍ୟରେ ଗୋଟିଏ ଲେଖାଏ ମ୍ୟାଚ ଖେଳି ସାରିବା ପରେ ପଏଣ୍ଟ ଭିତ୍ତିରେ ଫାଇନାଲ ଖେଳାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଲିବୋଲିଫ୍ ଅପରେଶନ୍ସର ଜୋନାଲ ମ୍ୟାନେଜର ଦେବାଶିଷ ପଣ୍ଡା ଉପସ୍ଥିତ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ